

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର, ୦୭ ଅପ୍ରେଲ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 07 APRIL 2022
Vol.No. 33 ■ No. 91 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022






ପ୍ରକାଶ ପାଇଲା
ଡଃ ଭାଗବତ ବେହେରାଙ୍କର
ବହୁ ପ୍ରତୀକ୍ଷିତ ଆଧ୍ୟାତ୍ମିକ, ଚେତନାମୂଳକ ଉପନ୍ୟାସ
ବନ୍ଧୁ ମହାନ୍ତି
ପ୍ରାପ୍ତିସ୍ଥାନ :
ତାରିଣୀ ବିଦ୍ୟା ଭଣ୍ଡାର
ଷ୍ଟେସନ ରୋଡ,
ବାଲେଶ୍ୱର-୧
ମୂଲ୍ୟ ଟ୧୫୦/-


# ବିଶ୍ୱର କୌଣସି ଚାପ ଆଗରେ ଭାରତ ମୁଣ୍ଡ ନୁଆଁଇ ନାହିଁ : ମୋଦି



ରୁଷ-ୟୁକ୍ରେନ ଯୁଦ୍ଧକୁ ନେଇ ପ୍ରଧାନମନ୍ତ୍ରୀଙ୍କ ବଡ଼ ବୟାନ

ନୂଆଦିଲ୍ଲୀ, ୦୬/୦୪ : ମାସେରୁ ଅଧିକ ସମୟ ହେଲା ରୁଷ ଓ ୟୁକ୍ରେନ ମଧ୍ୟରେ ଘମାଘୋଟ ଯୁଦ୍ଧ ଚାଲିଥିବା ବେଳେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ବଡ଼ ବୟାନ ଦେଇଛନ୍ତି । ସେ କହିଛନ୍ତି, ଏବେ ପୂରା ବିଶ୍ୱ ଦୁଇଟି ଗ୍ରୁପରେ ବିଭକ୍ତ ହୋଇଯାଇଛନ୍ତି । ହେଲେ ଭାରତ ତା'ର ନିରପେକ୍ଷ ନୀତିରେ କାମ କରି ଚାଲିଛି । ନିରପେକ୍ଷ ନୀତି ଯୋଗୁ ଭାରତ ତା'ର ଜାତୀୟ ସ୍ୱାର୍ଥକୁ ଗୁରୁତ୍ୱ ଦେଇଛି ଓ ବିଶ୍ୱର କୌଣସି ଚାପ ଆଗରେ ମୁଣ୍ଡ ନୁଆଁଇ ନାହିଁ ବୋଲି ମୋଦି କହିଛନ୍ତି । ରୁଷ ଓ ୟୁକ୍ରେନ ଯୁଦ୍ଧ ଆଡ଼କୁ ଇସାରା କରି ମୋଦି କହିଛନ୍ତି, "ଯେତେବେଳେ ଗୋଟିଏ ସମୟରେ ପୂରା ବିଶ୍ୱ ଦୁଇ ଭାଗରେ ବିଭକ୍ତ ହୋଇ ସାରିଛି ସେତେବେଳେ ମାନବିକତା ପାଇଁ ନିରପେକ୍ଷ ନୀତି ଅବଲମ୍ବନ କରି ଆସିଛି । ଭାରତ ତା'ର ଜାତୀୟ ସ୍ୱାର୍ଥକୁ ସବୁଠାରୁ ଆଗରେ ରଖି କାମ କରିଛି ।" ଆଜି ବିଜେପିର ପ୍ରତିଷ୍ଠା ଦିବସରେ ମୋଦି କହିଛନ୍ତି, "ଚଳିତ ବର୍ଷ ପ୍ରତିଷ୍ଠା ଦିବସ ୩ଟି କାରଣ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ । ପ୍ରଥମ କାରଣ ହେଲା ଆମେ ଚଳିତ ବର୍ଷ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ପାଳନ କରୁଛେ । ଏହା ପ୍ରେରଣା ପାଇଁ ସବୁଠାରୁ ବଡ଼ ଉତ୍ସବ । ଦ୍ୱିତୀୟ କାରଣ ହେଲା, ଦ୍ରୁତଗତିରେ ବିଶ୍ୱର ସ୍ଥିତି ବଦଳିବା ଓ ଭାରତ ପାଇଁ ନିୟମିତ ନୂଆ ନୂଆ ସୁଯୋଗ ସୃଷ୍ଟି ହେବା । ତୃତୀୟ କାରଣ ହେଲା, ନିକଟରେ ଶେଷ ହୋଇଥିବା ବିଧାନସଭା ନିର୍ବାଚନରେ ବିଜେପିର ବିପୁଳ ବିଜୟ । ନିକଟରେ ବିଜେପିର ଡବଲ ଇଞ୍ଜିନ ସରକାର ୪ ରାଜ୍ୟରେ ଫେରିଛି । ସେହିପରି ଦୀର୍ଘ ଦଶନ୍ଧି ପରେ ▶▶ପୃଷ୍ଠା ୭

## ସ୍ୱର୍ଗବାସୀ ଶାଶୁଙ୍କ ନାଁରେ ରହିଛି ଯନ୍ତ୍ରୀଙ୍କ ଆକାଉଣ୍ଟ

ଭୁବନେଶ୍ୱର, ୦୬/୦୪ (ନି.ପ୍ର): ସ୍ୱର୍ଗବାସୀ ଶାଶୁଙ୍କ ନାଁରେ ଯନ୍ତ୍ରୀଙ୍କ ଆକାଉଣ୍ଟ ରହିଛି । ମାଲକାନଗିରି ଜଡ ଡିଭିଜନ ଅଧୀକ୍ଷଣ ଯନ୍ତ୍ରୀଙ୍କ ବେନାମି ସମ୍ପତ୍ତିର ଖୋଳତାଡ଼ ବେଳେ ଏଭଳି ଚାଞ୍ଚଲ୍ୟକର ତଥ୍ୟ ପାଇଛି ଭିଜିଲାନ୍ସ । ଅଧୀକ୍ଷଣ ଯନ୍ତ୍ରୀ ଆଶିଷ ଦାସଙ୍କ ସ୍ୱର୍ଗବାସୀ ଶାଶୁଙ୍କ ନାଁରେ ୬୪ ଲକ୍ଷ ଟଙ୍କା ଭିଜିଲାନ୍ସ ଠାବ କରିଛି । ମିଳିଥିବା ସୂଚନା ଅନୁଯାୟୀ, ଗତ ୧୨ ବର୍ଷ ତଳୁ ତାଙ୍କ ଶାଶୁଙ୍କ ମୃତ୍ୟୁ ହୋଇସାରିଛି । ତଥାପି ଆକାଉଣ୍ଟ ଚଳାଇଥିଲେ ଅଧିକ୍ଷଣ ଯନ୍ତ୍ରୀ ଆଶିଷ ଦାସ । ୨୦୨୦ରୁ ୨୦୨୨ ମସିହା ଭିତରେ ୧୬ ଥରରେ ୬୪ ଲକ୍ଷ ଟଙ୍କା ଜମା ହୋଇଛି । ବ୍ୟାଙ୍କ ଯାଞ୍ଚରୁ ବର୍ତ୍ତିବା ପାଇଁ ସେ ଥରକେ ୨ ଲକ୍ଷରୁ କମ୍ ଜମା କରୁଥିଲେ । ଏହାଛଡ଼ା ସମ୍ପର୍କୀୟ, ସହାୟକ, କେୟାର ଟେକରଙ୍କ ନାଁରେ ମଧ୍ୟ ଜମା ହୋଇଛି । ଏକଥାକୁ ନିଜେ ମାନିଛନ୍ତି ଅଧିକ୍ଷଣ ଯନ୍ତ୍ରୀ ଆଶିଷ ଦାସ । ଯାଞ୍ଚ ବେଳେ ୯ କୋଟି ଟଙ୍କାର ସମ୍ପତ୍ତି ମିଳିଛି । ଏବେ ବେନାମି ସମ୍ପତ୍ତିର ଯାଞ୍ଚ କରାଯାଉଛି । ଗିରଫ ଯନ୍ତ୍ରୀ ଆଶିଷ ଦାସଙ୍କୁ ରିମାଣ୍ଡରେ ଆଣି ବେନାମି ସମ୍ପତ୍ତି ଠାବ ପ୍ରକ୍ରିୟା ଜାରି ରହିଛି ।

## ମୁମ୍ବାଇରେ କରୋନାର ନୂଆ ଭାରିଏଣ୍ଟ ଏକ୍ସ-ଇ



ନୂଆଦିଲ୍ଲୀ, ୦୬/୦୪ : ଭାରତରେ ପଶିଲା କରୋନାର ଆଉ ଏକ ନୂଆ ଭାରିଏଣ୍ଟ ଏକ୍ସ.ଇ. । ଦେଶରେ ମୁମ୍ବାଇରୁ ପ୍ରଥମ ମାମଲା ସାମ୍ନାକୁ ଆସିଛି । ମୁମ୍ବାଇର ଜଣେ ବ୍ୟକ୍ତିଙ୍କ ଠାରେ ଏହି ନୂଆ ଭାରିଏଣ୍ଟ ଚିହ୍ନଟ ହୋଇଛି । ଓମିକ୍ରନର ଏହି ଏକ୍ସ.ଇ. ଭାରିଏଣ୍ଟ ବେଶ୍ ଭୟଙ୍କର । ପ୍ରଥମେ ଏହା ବ୍ରିଟେନ୍‌ରେ ଚିହ୍ନଟ ହୋଇଥିଲା । ବର୍ତ୍ତମାନ ପର୍ଯ୍ୟନ୍ତ କରୋନାର ଯେତେ ଭାରିଏଣ୍ଟ ଚିହ୍ନଟ ହୋଇଛି ଏହା ସବୁଠାରୁ ଅଧିକ ସଂକ୍ରାମକ ବୋଲି କୁହାଯାଉଛି । ଅନ୍ୟ ଭାରିଏଣ୍ଟ ତୁଳନାରେ ଏହା ୨୩ ପ୍ରତିଶତ ଅଧିକ ସଂକ୍ରାମକ । ଏକ୍ସଇ ଓମିକ୍ରନର ସବ୍ ଭ୍ୟାରିଏଣ୍ଟ ବିଏ-୧ ଓ ବିଏ-୨ର ରୂପାନ୍ତିରିତ ରୂପ । ମୁମ୍ବାଇରେ ନୂଆ ଏକ୍ସ.ଇ. ଭାରିଏଣ୍ଟ ଚିହ୍ନଟ ହେବା ନେଇ ନୂଆ ସେରରୋ ସର୍ଭେ ରିପୋର୍ଟରୁ ଜଣାପଡ଼ିଛି । କେବଳେ ଏକ୍ସଇ ଭାରିଏଣ୍ଟ ନୁହେଁ ଓମିକ୍ରନ୍‌ର କପ୍ପା ଭ୍ୟାରିଏଣ୍ଟର ବି ଗୋଟିଏ ମାମଲା ଏଠାରେ ଚିହ୍ନଟ ହୋଇଛି । ସେରୋ ସର୍ଭେ ପାଇଁ ପଠାଯାଇଥିବା ୨୩୦ ରୋଗୀଙ୍କ ମଧ୍ୟରୁ ୨୧ ଜଣଙ୍କୁ ପରବର୍ତ୍ତୀ ସମୟରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଏମାନଙ୍କ ମଧ୍ୟରୁ କାହାରି ଅବସ୍ଥା ଗୁରୁତର ହୋଇ ନାହିଁ କି ଅକ୍ସିଜେନ୍‌ର ସପୋର୍ଟର ଆବଶ୍ୟକତା ପଡ଼ି ନାହିଁ ବୋଲି ରୋପୋର୍ଟରୁ ଜଣାପଡିଛି ।

## ହିଜାବ ବିବାଦରେ ଅଲ-କଏଦାର ବୟାନ

ନୂଆଦିଲ୍ଲୀ, ୦୬/୦୪ : କର୍ଣ୍ଣାଟକ ହିଜାବ ବିବାଦରେ ଅନ୍ତର୍ଜାତୀୟ ଆତଙ୍କୀ ସଙ୍ଗଠନ ଅଲ-କଏଦାର ଏଂଟ୍ରି । ସଙ୍ଗଠନର ମୁଖ୍ୟ ଅଲ – ଜୱାହିରି ଏକ ଭିଡିଓ ଜାରି କରି ହିଜାବ ବିବାଦରେ ସ୍ୱର ଉଠାଇଥିବା କର୍ଣ୍ଣାଟକ ମୁସଲମିମ୍ ଯୁବତୀଙ୍କ ପ୍ରଶଂସା କରିଛି । ଘଟଣାକୁ ନେଇ ଦେଶରେ ପୁଣିଥରେ ହିଜାବ ବିବାଦ ଉପରେ ଚର୍ଚ୍ଚା ଆରମ୍ଭ ହୋଇ ଯାଇଛି । ଅନ୍ତର୍ଜାତୀୟ ଆତଙ୍କୀ ସଂଗଠନ ଅଲ-କଏଦାର ମୁଖ୍ୟ ଅଲ – ଜୱାହିରି ଭାରତରେ ହୋଇଥିବା ହିଜାବ ବିବାଦକୁ ନେଇ ଏକ ଭିଡିଓ ଜାରି କରିଛି । ଭିଡିଓରେ ଯେଉଁ ମୁସଲମାନ ଯୁବତୀ ଓ ମହିଳା ମାନେ ହିଜାବ ପାଇଁ ସ୍ୱର ଉଠାଇଛନ୍ତି ସେମାନଙ୍କ ପ୍ରଶଂସା କରିଛି । ୯ ମିନିଟ୍ର ଏହି ଭିଡିଓରେ ସେ କର୍ଣ୍ଣାଟକ କଲେଜର ଛାତ୍ରୀଙ୍କ ପ୍ରଶଂସା କରିଛି । ଦେଶରେ ହିଜାବ ପ୍ରସଙ୍ଗକୁ ନେଇ ମାମଲା ସୁପ୍ରିମ କୋର୍ଟରେ ପହଁଚିଥିବାବେଳେ ଏଥିରେ ଅନ୍ତର୍ଜାତୀୟ ଆତଙ୍କୀ ସଂଗଠନର ପ୍ରତିକ୍ରିୟା ମାମଲାକୁ ଆହରି ବିବାଦୀୟ କରିଛି । ଜାନୁୟାରୀ ମାସରେ କର୍ଣ୍ଣାଟକ କଲେଜରୁ ପ୍ରଥମେ ହିଜାବକୁ ନେଇ ବିବାଦ ସାମ୍ନାକୁ ଆସିଥିଲା । କଲେଜ୍ରେ ମୁସଲମାନ ଛାତ୍ରୀ ହିଜାବ ପିନ୍ଧି ଶ୍ରେଣୀଗୃହରେ ପ୍ରବେଶ କରିବେ ବୋଲି ଅନଶନରେ ବସିଥିଲେ । ମୁସଲମାନ ଛାତ୍ରୀଙ୍କ ଏହି ପ୍ରତିବାଦ ଭିତରେ କଲେଜର ଜଣେ ଛାତ୍ରୀ ମୁସକାନ ଖାନଙ୍କ ଭିଡିଓ ଭାଇରାଲ ହୋଇଥିଲା । ଗେରୁଆ ଗାମୁଛା ପିନ୍ଧି ଜୟ ଶ୍ରୀରାମ ନାରା ଦେଉଥିବା ଛାତ୍ରଙ୍କ ସାମ୍ନାରେ ଆଲ୍ଲା-ହୁ-ଅକବର ନାରା ଦେଇଥିଲେ ମୁସକାନ । ଆଉ ତାଙ୍କର ଏହି ଉଦ୍ୟମକୁ ଆତଙ୍କବାଦୀ ସଂଗଠନର ମୁଖ୍ୟ କରିଛନ୍ତି ପ୍ରଶଂସା । ଅଲ – ଜୱାହିରି, ଓସାମା ବିନ୍ ଲାଡେନ୍‌ଙ୍କ ବେଶ ଘନିଷ୍ଠ । କୁହାଯାଏ ୯/୧୧ ନ୍ୟୁୟର୍କ ଆକ୍ରମଣରେ ଜୱାହିରିର ମଧ୍ୟ ହାତ ଥିଲା । ଫଳରେ ଆମେରିକା ଜୱାହିରିକୁ ଅଭିଯୁକ୍ତ ବୋଲି ଘୋଷଣା କରିଛି । ଲାଡେନର ମୃତ୍ୟୁ ପରେ ଅଲ କଏଦାର ମୁଖିଆ ଭାବେ ଜଣା ଯାଉଛି ଜୱାହିରି ।

## ଉତ୍କଟ ହେବାରେ ଲାଗିଛି ଶ୍ରୀଲଙ୍କାର ଆର୍ଥିକ ସଂକଟ: ଦେଶରୁ ଏମରଜେନ୍ସି ଉଠାଇଲେ ରାଷ୍ଟ୍ରପତି



ନୂଆଦିଲ୍ଲୀ, ୦୬/୦୪ : ଶ୍ରୀଲଙ୍କାରେ ବିଗୁଡୁଥିବା ଆର୍ଥିକ ସଂକଟ ଭିତରେ ମଙ୍ଗଳବାର ଅଧ ରାତିରେ ଦେଶରୁ ଏମନଜେନ୍ସି ଉଠାଇ ଦେଇଛନ୍ତି ରାଷ୍ଟ୍ରପତି ଗୋଟାବାୟା ରାଜପକ୍ଷ । ଲୋକଙ୍କ ଆକ୍ରୋଷ ଓ ସରକାର ସଠିକ୍ ଭାବେ ପରିଚାଳିତ ହେଉନଥିବା ଭିତରେ ରାତି ଅଧିଆ ଜରୁରୀକାଳିନ ପରିସ୍ଥିତିକୁ ଉଟାଇ ଦେଇଛନ୍ତି ଶ୍ରୀଲଙ୍କା ରାଷ୍ଟ୍ରପତି । ଏହାପରେ ନାଗରିକଙ୍କ ଆନ୍ଦୋଳନ ଆହୁରୀ ତୀବ୍ର ହୋଇଛି । ଭୟଙ୍କର ଆର୍ଥିକ ସଂକଟ ଦେଇ ଗତି କରୁଥିବା ଶ୍ରୀଲଙ୍କାରେ ସ୍ଥିତି ଆହୁରି ବିଗିଡିବାରେ ଲାଗିଛି । ଏହାରି ଭିତରେ ୫ ଦିନ ପରେ ଦେଶରୁ ଜରୁରୀକାଳୀନ ସ୍ଥିତିକୁ ଉଠାଇ ଦେଇଛନ୍ତି ରାଷ୍ଟ୍ରପତି ଗୋଟାବାୟା ରାଜପକ୍ଷ । ମଙ୍ଗଳବାର ରାତି ଅଧରେ ଦେଶରୁ ଏମରଜେନ୍ସି ଉଠାଇ ଦିଆଯାଇଛି । ଗତ ଏପ୍ରିଲ ୧ ତାରିଖରେ ଶ୍ରୀଲଙ୍କା ଏମରଜେନ୍ସି ଲାଗୁ ହୋଇଥିଲା । ଜରୁରୀକାଳିନ ସ୍ଥିତି ଓ କର୍ଫ୍ୟୁ ପରେ ବି ସରକାରଙ୍କୁ ତୀବ୍ର ବିରୋଧର ସାମ୍ନା କରିବାକୁ ପଡିଥିଲା । ମଙ୍ଗଳବାର ସନ୍ଧ୍ୟାରେ ମଧ୍ୟ ହଜାର ହଜାର ସଂଖ୍ୟାରେ ଛାତ୍ରଛାତ୍ରୀ ରାଜଧାନୀ କଲମ୍ବୋରେ ରାଜରାସ୍ତାକୁ ଓହ୍ଲାଇ କରିଥିଲେ ପ୍ରତିବାଦ । ▶▶ପୃଷ୍ଠା ୭

## ଜଗନ୍ନାଥଙ୍କ ଚୁଲି ଭଙ୍ଗା ଘଟଣାର ରହସ୍ୟ ଉପରୁ ଉଠିଲା ପରଦା

ଭୁବନେଶ୍ୱର, ୦୬/୦୪ (ନି.ପ୍ର): ନିଜ ହାତରେ ହିଁ ସେ ଚୁଲିଗୁଡ଼ିକୁ ଭାଙ୍ଗିଥିଲେ । ପ୍ରାୟ ରାତି ଗୋଟାଏ ସମୟରେ ରୋଷଘର ଆଗରେ କେହି ନଥିବାର ସୁଯୋଗ ପାଇ ସେ ରୋଷଘର ଭିତରେ ପଶିଯାଇଥିଲେ । ପ୍ରାୟ ଘଣ୍ଟାଏରୁ ଦେଢ଼ଘଣ୍ଟା ରହି ଚୁଲି ଭଙ୍ଗାରୁଜା କରିଥିଲେ । ଏହାପରେ ସେ ବାଇଶି ପାହାଚ ଦେଇ ମନ୍ଦିରରୁ ବାହାରି ଯାଉଥିଲେ । ଏହି ସମୟରେ ୩ରୁ ୪ ଜଣ ଜଗନ୍ନାଥ ମନ୍ଦିର ପୋଲିସ୍ ବା ଜେଟିପି ଦେଖିଥିଲେ ଓ ବାହାରକୁ ଚାଲିଯିବାକୁ କହିଥିଲେ । ସେ ମାନିଛନ୍ତି ଯେ ଚୁଲି ଭାଙ୍ଗି ଭୁଲ କରିଛନ୍ତି, ହେଲେ କୌଣସି ପାପ କରିନାହାନ୍ତି ବୋଲି କହିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି, କିଛି ଲୋକଙ୍କ ପାଖରେ ଖାଇବାକୁ ନାହିଁ, ଆଉ କିଛି ଲୋକଙ୍କ ପାଖରେ ଅନେକ କିଛି ଅଛି । ଏହି କଥା ମଧ୍ୟ ତାଙ୍କ ମନରେ ପ୍ରତିକ୍ରିୟା ଆଣିଥିଲା । ତାଙ୍କ ପରିବାର ଲୋକେ ଓ ସମ୍ପର୍କୀୟ କହିଛନ୍ତି ଯେ, ଜଗନ ମଝିରେ ମଝିରେ ତାଙ୍କର ମାନସିକ ବିକୃତି ଦେଖାଦେଇଥାଏ, ହେଲେ ସେ କାହାରି କ୍ଷତି ଘଟାଇ ନଥାନ୍ତି ।

## ରାଜ୍ୟ ସରକାରଙ୍କୁ ଝଟକା : ଲିଙ୍ଗରାଜ ମନ୍ଦିର ଅଧ୍ୟାଦେଶ ଉପରେ ଲାଗିଲା ରୋକ୍



ଭୁବନେଶ୍ୱର, ୦୬/୦୪ (ନି.ପ୍ର): ରାଜ୍ୟ ସରକାରଙ୍କୁ ଲାଗିଲା ଜୋରଦାର ଝଟକା । ଲିଙ୍ଗରାଜ ମନ୍ଦିର ଓ ଆଖପାଖରେ ଥିବା ଆଉ ୮ଟି ମନ୍ଦିରକୁ ଗୋଟିଏ ସ୍ୱତନ୍ତ୍ର ଆଇନ ପରିସରକୁ ଆଣିବା ଲାଗି ରାଜ୍ୟ ସରକାରଙ୍କ ଅଧ୍ୟାଦେଶ ଉପରେ କେନ୍ଦ୍ର ସରକାର ରୋକ ଲଗାଇଛନ୍ତି । ଏଭଳି ଏକ ଅଧ୍ୟାଦେଶ ଆଣିବା ରାଜ୍ୟ ସରକାରଙ୍କ କ୍ଷମତା ପରିସର ନୁହଁ ବୋଲି କେନ୍ଦ୍ର କହିଥିବା ନେଇ ଖବର ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇଛି । ଏହାଫଳରେ କେନ୍ଦ୍ର ପ୍ରଣୀତ ଆଇନ ଓ ରାଜ୍ୟ ସରକାରଙ୍କ ଆଇନ ମଧ୍ୟରେ ବିଭେଦ ସୃଷ୍ଟି ହେବ ବୋଲି କେନ୍ଦ୍ର ସରକାର ଦର୍ଶାଇଛନ୍ତି । ଲିଙ୍ଗରାଜ ମନ୍ଦିର ଓ ଆଖପାଖରେ ଥିବା ଆଉ ୮ଟି ମନ୍ଦିରକୁ ସ୍ୱତନ୍ତ୍ର ଆଇନ ଭିତରେ ରଖିବା ଲାଗି ଅଧ୍ୟାଦେଶ ଆଣିଥିଲେ ରାଜ୍ୟ ସରକାର । ଏହାଦ୍ୱାରା ପୁରୀ ଜଗନ୍ନାଥ ମନ୍ଦିର ଭଳି ଲିଙ୍ଗରାଜ ମନ୍ଦିର ଓ ଆଖପାଖ ମନ୍ଦିରକୁ ଲିଙ୍ଗରାଜ ମନ୍ଦିର ପରିଚାଳନା ସମିତି ଅଧୀନକୁ ଆଣିଥାନ୍ତେ । ଏନେଇ ଓଡ଼ିଶା ବିଧାନସଭାରେ ଅଧ୍ୟାଦେଶ ପାରିତ ହେବା ପରେ କେନ୍ଦ୍ରକୁ ପଠାଯାଇଥିଲା । ତେବେ କେନ୍ଦ୍ର ଗୃହ ମନ୍ତ୍ରାଳୟ ଏହି ଅଧ୍ୟାଦେଶର ଅନେକ ଅନୁଚ୍ଛେଦ ଉପରେ ଆପତ୍ତି ଉଠାଇଥିଲେ ।

## ରଷ ଠାରୁ ଅଧିକ ତୈଳ ଓ ଇନ୍ଧନ କିଣିବା ଭାରତ ପାଇଁ ହିତକର ନୁହେଁ : ଆମେରିକା



ନୂଆଦିଲ୍ଲୀ, ୦୬/୦୪ : ରଷ-ୟୁକ୍ରେନ ଯୁଦ୍ଧକୁ ନେଇ ଭାରତ ଏଯାବତ କୌଣସି ଦେଶ ସମର୍ଥନରେ ବାହାରି ନାହିଁ । କିନ୍ତୁ ରଷ ବିରୋଧରେ ମୁହଁ ଖୋଲିବାକୁ ଭାରତ ଉପରେ ବାରମ୍ବାର ଚାପ ପକାଉଛି ଆମେରିକା । ଏପରିକି ରଷ ବିରୋଧରେ ଆମେରିକା ଯେଉଁ କଟକଣା ଲଗାଇଛି ତାହାକୁ ଅନ୍ୟ ଦେଶଗୁଡିକ ପାଳନ କରନ୍ତୁ ବୋଲି ଚାହୁଁଛି । ରଷ ସହ ବ୍ୟବସାୟିକ କାରବାରରେ କଟକଣା ଚାହୁଁଛି ଆମେରିକା । କିନ୍ତୁ ଭାରତ ଏହି କଟକଣାକୁ ଖାତିର ନକରି ରଷ ଠାରୁ ପୂର୍ବପେକ୍ଷା ଅଧିକ ତୈଳ ଓ ଇନ୍ଧନ ଆମଦାନୀ କରୁଛି । ଯାହା ଏବେ ଆମେରିକାକୁ ହଜମ ହେଉନାହିଁ । ଆମେରିକା ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟରୁ ଜାରି କରାଯାଇଥିବା ଏକ ବିବୃତ୍ତିରେ କୁହାଯାଇଛି ଯେ, ରଷ ଠାରୁ ତୈଳ ଓ ଅନ୍ୟ ସାମଗ୍ରୀ ଅଧିକ ମାତ୍ରାରେ ଆମଦାନୀ କରିବା ଭାରତ ପାଇଁ ହିତକର ନୁହେଁ । ଏଭଳି କହି ଭାରତକୁ ପରୋକ୍ଷରେ ଚେତାବନୀ ଦେଉଛି ଆମେରିକା । ଏହାପୂର୍ବରୁ ଆମେରିକାର ଅଧିକାରୀ ଦଲ୍ଲୀପ ସିଂ ଭାରତ ଗସ୍ତରେ ଆସିବା ସହ କହିଥିଲେ, ରଷ ସହ ଭାରତ ସମ୍ପର୍କ ନ ବଢାଉ । ଏପରିକି ରଷ ଠାରୁ କମ ଦରରେ ତୈଳ କିଣିଲେ ଆମେରିକାର କଟକଣାର ଶିକାର ହେବାକୁ ପଡିବ । ରଷ ଉପରେ ଅଧିକ ନିର୍ଭରଶୀଳ ନ ହେବାକୁ ଭାରତକୁ ଆମେରିକା ସହଯୋଗ କରିବ ବୋଲି ଦଲ୍ଲୀପ କହିଥିବା ନେଇ ରିପୋର୍ଟରେ ପ୍ରକାଶ ପାଇଥିଲା । ହ୍ୱାଇଟ ହାଉସର ପ୍ରେସ ସଚିବ ଜେନ ସାକି କହିଛନ୍ତି, ରଷ ଠାରୁ ଅଧିକ ମାତ୍ରାରେ ତୈଳ ଓ ଅନ୍ୟ ସାମଗ୍ରୀ ଆମଦାନୀ କରିବା ଭାରତ ପାଇଁ ▶▶ପୃଷ୍ଠା ୭

## ଭୁବନେଶ୍ୱର ସହରରେ ନିର୍ମାଣ ହେବ ଦୁଇଟି ଫୁଟ୍ ଓଭରବ୍ରିଜ୍ ଓ ଗୋଟିଏ ଫ୍ଲାଇ ଓଭର



ଭୁବନେଶ୍ୱର, ୦୬/୦୪ (ନି.ପ୍ର): ରାଜଧାନୀ ଭୁବନେଶ୍ୱର ସହରରେ ୨ଟି ଫୁଟ୍ ଓଭରବ୍ରିଜ୍ ଓ ଗୋଟିଏ ଫ୍ଲାଇ ଓଭର ହେବ । ଏନେଇ ତାଙ୍କ ପ୍ରସ୍ତାବକୁ କେନ୍ଦ୍ର ସରକାର ମଞ୍ଜୁରୀ ଦେଇଥିବା ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ସୂଚନା ଦେଇଛନ୍ତି । ସାଂସଦ ଷଡଙ୍ଗୀ ଟ୍ୱିଟ୍ କରି ସୂଚନା ଦେଇଛନ୍ତି । କସମୋପଲିସ୍ ଛକରେ ଜାତୀୟ ରାଜପଥ ଉପରେ ହେବ ଫ୍ଲାଇଓଭର ବ୍ରିଜ୍ । ଠିକ୍ ସେମିତି କ୍ରାଉନ୍ ହୋଟେଲ ଓ ସତସଙ୍ଗ ବିହାରଠାରେ ହେବ ଫୁଟ୍ ଓଭରବ୍ରିଜ୍ । କ୍ୟାପିଟାଲ ରିଜିଅନ୍ ରିଂରୋଡ୍‌କୁ ମଧ୍ୟ କେନ୍ଦ୍ର ସରକାର ମଞ୍ଜୁରୀ ଦେଇଥିବା ଶ୍ରୀମତୀ ଷଡଙ୍ଗୀ ସୂଚନା ଦେଇଛନ୍ତି । ଖୋର୍ଦ୍ଧା ରାମେଶ୍ୱରଠାରୁ କଟକ ଟାଙ୍ଗି ପର୍ଯ୍ୟନ୍ତ ହେବ ବାଇପାସ୍ ରୋଡ୍ । କ୍ୟାପିଟାଲ ରିଜିଅନ୍ ରିଂରୋଡ୍ ପାଇଁ ଖର୍ଚ୍ଚ ହେବ ୫୭୪୪ କୋଟି ଟଙ୍କା ।

## ବିଜେପିର ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର, ୦୬/୦୪ (ନି.ପ୍ର): ଦୀର୍ଘ ୪୨ ବର୍ଷର ଯାତ୍ରା ପୂରଣ କରି ଭାରତୀୟ ଜନତା ପାର୍ଟୀ ଆଜି ୪୩ ତମ ପ୍ରତିଷ୍ଠା ଦିବସ ଦେଶବ୍ୟାପୀ ପାଳନ କରିଛି । ସମୟ, ସମର୍ପଣ ଓ ବଳିଦାନ ଦେଇ ପାର୍ଟିର ସଂଗଠନକୁ ମଜଭୁତ୍ କରିଥିବା ଏବଂ ବିଶ୍ୱର ସର୍ବବୃହତ ରାଜନୈତିକ ଦଳ ଭାବେ ଗଢି ତୋଳିଥିବା ସମସ୍ତ କାର୍ଯ୍ୟକର୍ତ୍ତା ଚିର ସ୍ମରଣୀୟ ହୋଇ ରହିବା ସହିତ ଆମ ସମସ୍ତଙ୍କୁ ସର୍ବଦା ପ୍ରେରଣା ଯୋଗାଇବ । ପ୍ରତିଷ୍ଠା ଦିବସ ଅବସରରେ ସ୍ମୃତିଚାରଣ କରି ସେହି କାର୍ଯ୍ୟକର୍ତ୍ତାମାନଙ୍କୁ କୋଟି କୋଟି ପ୍ରଣାମ ଜଣାଇଛନ୍ତି ରାଜ୍ୟ ସଭାପତି ସମୀର ମହାନ୍ତି । ରାଜ୍ୟ ସଭାପତି ଶ୍ରୀ ମହାନ୍ତି ବୁଧବାର ପୂର୍ବାହ୍ନରେ ରାଜ୍ୟ କାର୍ଯ୍ୟାଳୟରେ ଦଳୀୟ ପତାକା ଉତ୍ତୋଳନ କରିଥିଲେ । ଏହା ପରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପାର୍ଟିର ପ୍ରତିଷ୍ଠାତା ସଭାପତି ଡ.ଶ୍ୟାମାପ୍ରସାଦ ମୁଖାର୍ଜୀ ଏବଂ ସାଧାରଣ ସଂପାଦକ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ପ୍ରତିଷ୍ଠା ଦିବସ ଅବସରରେ ପ୍ରଥମ ବିଜେପି ବିଧାୟକ ପ୍ରସନ୍ନ ପଟ୍ଟନାୟକ ଏବଂ ପ୍ରତିଷ୍ଠାତା ସଦସ୍ୟ ନିର୍ମଳ ମହାପାତ୍ରଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଏହି ଅବସରରେ କାର୍ଯ୍ୟକର୍ତ୍ତାଙ୍କ ଗହଣରେ ରାଜ୍ୟ ସଭାପତିଙ୍କ ସମେତ ରାଜ୍ୟ ପଦାଧିକାରୀମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଭିଭାଷଣ ଶୁଣିଥିଲେ । ବିଜେପି ପ୍ରତିଷ୍ଠା ଦିବସ ପାଳନ ଅବସରରେ କାର୍ଯ୍ୟକର୍ତ୍ତାମାନେ ନିଜ ନିଜ ଘରେ ଦଳୀୟ ପତାକା ଉତ୍ତୋଳନ କରିଥିଲେ ଏବଂ ରାଜ୍ୟର ସମସ୍ତ ଜିଲ୍ଲା ଓ ମଣ୍ଡଳରେ ବହୁ ଉତ୍ସାହର ସହିତ ପାଳନ କରାଯାଇଛି । ଓଡିଶାରେ ▶▶ପୃଷ୍ଠା ୭

## କ୍ୟାମେରାମ୍ୟାନ ମାନସ ସ୍ୱାଇଁ ହତ୍ୟା ମାମଲା: ଶର୍ମିଷ୍ଠାଙ୍କୁ ୧୦ ହଜାର ଟଙ୍କା ମାଗିଥିଲେ ମାନସ



ଭୁବନେଶ୍ୱର, ୦୬/୦୪ (ନି.ପ୍ର): ମାନସ ସ୍ୱାଇଁ ମୃତ୍ୟୁ ମାମଲାର ମୁଖ୍ୟ ଅଭିଯୁକ୍ତ ଶର୍ମିଷ୍ଠା ରାଉତ ଓ ସହଯୋଗୀ ଝୁନା ଭୋଇଙ୍କୁ ରିମାଣ୍ଡରେ ନେଇ ପଚରାଉଚରା କରୁଛି କ୍ରାଇମବ୍ରାଞ୍ଚ । ଜେରାବେଳେ ଶର୍ମିଷ୍ଠା କ୍ରାଇମବ୍ରାଂଚ ଆଗରେ ମେମୋରି ଚିପକୁ ନେଇ ନୂଆ ସୂଚନା ଦେଇଛନ୍ତି । ମାନସ ସ୍ୱାଇଁ ହତ୍ୟା ମାମଲାର ମୂଳ କାରଣ ଚିପକୁ ନେଇ ଶର୍ମିଷ୍ଠାଙ୍କ ୩ ଦିନିଆ ରିମାଣ୍ଡ ଅବଧିର ଶେଷ ଦିନରେ କ୍ରାଇମବ୍ରାଂଚକୁ ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି । ଚିପ୍ ଦେବାକୁ ମାନସ ସ୍ୱାଇଁ ଶର୍ମିଷ୍ଠା ରାଉତ ଓ ନିରଞ୍ଜନ ସେଠିଙ୍କ ସହ ମୁଲଚାଲ କରୁଥିବା ଜଣାପଡିଛି । କ୍ରାଇମବ୍ରାଂଚ ଆଗରେ ମୁହଁ ଖୋଲିଲେ ଶର୍ମିଷ୍ଠା । ଚିପ୍ ପାଇଁ ୧୦ ହଜାର ଟଙ୍କା ମାଗୁଥିଲେ ମାନସ । ଯେଉଁ ମେମୋରୀ କାର୍ଡ ପାଇଁ ମାନସଙ୍କୁ ହତ୍ୟା କରାଗଲା ସେହି ଚିପ ଏଯାଏଁ ପାଇଲା ନାହିଁ କ୍ରାଇମବ୍ରାଂଚ । ଦ୍ୱିତୀୟ ଥର ପାଇଁ ରିମାଣ୍ଡରେ ନେଇ ଶର୍ମିଷ୍ଠା ରାଉତ ଓ ଝୁନା ଭୋଇଙ୍କୁ ପଚରା ଉଚରା କରୁଥିବା କ୍ରାଇମବ୍ରାଂଚ ଚିପକୁ ନେଇ ନୂଆ ତଥ୍ୟ ପାଇଛି । ଜେରା ବେଳେ ଶର୍ମିଷ୍ଠା ତଦନ୍ତ କରୁଥିବା ଅଧିକାରୀଙ୍କୁ କହିଛନ୍ତି, ମାନସ ଚିପ୍ ଦେବା ପାଇଁ ୧୦ ହଜାର ଟଙ୍କା ଦାବି କରୁଥିଲେ । ▶▶ପୃଷ୍ଠା ୭

# ଟିପିଗୁଡା ପଂଚାୟତକୁ ମିଳିଲା ସୁସ୍ଥ ପଂଚାୟତ ପୁରସ୍କାର

ଭବାନୀପାଟଣା,୦୬/୦୪ (ନି.ପ୍ର): ଜିଲ୍ଲା ସ୍ୱାସ୍ଥ୍ୟ ସମିତି କଳାହାଣ୍ଡି ତରଫରୁ ଭବାନୀପାଟଣା ଏସ. ଏନ ସମ୍ମିଳନୀ ଗୃହ ଠାରେ ଜିଲ୍ଲା ସ୍ତରୀୟ ଆଶା ଓ ଗାଁ କଲ୍ୟାଣ ସମିତି ସମାବେଶ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉଲ୍ଲେଖନିୟ କାର୍ଯ୍ୟପାଇଁ ବିଭିନ୍ନ ପଚାଂୟତ ଓ ଗାଁ କଲ୍ୟାଣ ସମିତିକୁ ପୁରସ୍କୃତ କରାଯାଇ ଥିଲା । ଏଥିରେ ଧର୍ମଗଡ଼ ବ୍ଲକର ୨୪ଟି ପଚାଂୟତ ମଧ୍ୟରୁ ଟିପିଗୁଡା ପଚାଂୟତ ଶ୍ରେଷ୍ଠ ସୁସ୍ଥ ପଚାଂୟତ ଭାବେ ବିବେଚିତ ହୋଇଥିଲା । ଟିପିଗୁଡା ସରପଂଚ ହାତିରାମ ଦୁର୍ଗା ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀ ବିଷ୍ଣୁପ୍ରସାଦ ନାଏକ ଅତିଥିଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ । ଏଥି ସହ ଧର୍ମଗଡ଼ ବ୍ଲକର ଶ୍ରେଷ୍ଠ ଗାଁ କଲ୍ୟାଣ ସମିତି ଭାବେ ଟିପିଗୁଡା ପଚାଂୟତର ସାଗୁନଭାଡ଼ି ଗ୍ରାମକୁ ପୁରସ୍କୃତ କରାଯାଇଥିଲା । ଅଙ୍ଗନବାଡି କର୍ମୀ ସୁରଭି ନାଏକ ଓ ଆଶାକର୍ମୀ ଦିପାଞ୍ଜଳୀ ନାଏକ ପୁରସ୍କାର ଗ୍ରହଣ କରିଥିଲେ । ଏହି ସମାବେଶରେ ମୁଖ୍ୟ ଅତିଥିଭାବେ ଜିଲ୍ଲାପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂଦେଓ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶରତଚନ୍ଦ୍ର ଶ୍ରୀଚନ୍ଦନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.କସ୍ତୁରୀ ମିଶ୍ର,ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରା ପ୍ରମୁଖ ଯୋଗ ଦେଇଥିଲେ ।

# ଜୟପୁର ଏୟାରଷ୍ଟ୍ରିପର ସୁରକ୍ଷା ଯାଂଚ ପାଇ ୬ ଜଣିଆ ଟିମ

ଜୟପୁର ,୦୬/୦୪ (ନି.ପ୍ର): ଜୟପୁର ଏୟାରଷ୍ଟ୍ରିପ ରେ ସ୍ୱତନ୍ତ୍ର ବିମାନ ଯୋଗେ ପହଂଚି ଏୟାରଷ୍ଟ୍ରିପର ସୁରକ୍ଷା ଉପରେ ଯାଂଚ କରିଥିଲେ । ୯ ସିଟ ବିଶିଷ୍ଟ ବିମାନ ଉଡାଣ ପୁବରୁ ଭିତି ଭୁମି ନେଇ ସମୀକ୍ଷା କରିଛନ୍ତି । ୬ ଜଣିଆଟିମ ପହଂଚି ବା ପରେ ଅଧିକାରି ଙ୍କ ସହ ଆଲୋଚନା କରିଥିଲେ ଓ ଏୟାରଷ୍ଟ୍ରିପର ସୁରକ୍ଷା କୁ ଯାଂଚ କରିଥିଲେ । ଏୟାରଷ୍ଟ୍ରିପରେ ସିସି ଟିଭି, ଏଚଏଚଏମଡି, ଡିଏଫଏମଡି, ଏକ୍ସରେ ବେଗ ମେସିନ, କାର ପାର୍କି, ଯାତ୍ରି ପ୍ରବେଶ ଓ ପ୍ରସ୍ଥାନ ପଥ, ବାଉଣ୍ଡି ଓାଲ ସହ ପେରିମିଟର ରୋଡ, ଲାଇଟ, ଟ୍ରାଫିକ କଂଟୋଲ, ଗେଟ ଆଦି କୁ ଯାଂଚ କରିଥିଲେ । ଏହି ଟିମ ପରିଦର୍ଶନ କରି ଖୁସି ପ୍ରକଟ କରିଥିବା ଉପ ଜିଲାପାଳ ବେଦ ବର ପ୍ରଧାନ ସୁଚନା ଦେଇଛନ୍ତି । କମ ଦିନ ଭିତରେ ଡିଜିସିଏ ର ଏକ ଟିମ ଆସିବେ ସେ ମାନେ ତଦାରଖ କରି ଲାଇସେନ୍ସ ଦେବେ ବୋଲି ଅଧିକ୍ଷଣ ଯନ୍ତ୍ରୀ ଭାଷ୍କର ସାମନ୍ତ ରାୟ ସୁଚନା ଦେଇଛନ୍ତି । ଏହି ଟିମରେ ବିସିଏସରି ରିଜୋଓନାଲ ନିଦ୍ଦେଷକ କେ. କେ ଝା, ଆଇବି (ଏମଏଚଏ)ର ଜଏଂଟ ଡେପୁଡି ଡାଇରେକ୍ଟର ଜେ.ଆର ଆଚାଯ୍ୟ, ନୋଡାଲ ଅଫିସର ଫର ଏଭିଏସସିସି ଟ୍ରେନିଙ୍ଗ କମ କମାଣ୍ଡାଂଟ ଟଙ୍କ ଧର ପ୍ରଧାନ, ଭୁବନେଶ୍ୱର ଏୟାର ପୋର୍ଟର ସିଏସଓ ବି.ଏନ ମହାପାତ୍ର, ସିକ୍ୟୁରିଟି ଅଫିସର ସରୋଜ କୁମାର ସାହୁ ପ୍ରମୁଖ ସ୍ୱତନ୍ତ୍ର ବିମାନ ଯୋଗେ ପହଂଚି ଥିଲେ । ଏୟାରଷ୍ଟ୍ରିପରେ କୋରାପୁଟ ଏସପି ବରୁଣ ଗୁଣ୍ଡପାଲ୍ଲି, ଜୟପୁର ଉପ ଜିଲାପାଳ ବେଦ ବର ପ୍ରଧାନ, ରାସ୍ତା ଓ ଗୃହ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଭାଷ୍କର ସାମନ୍ତରାୟ,ଏସଡିଓ ବିଜୟ ବେହେରା,ଏସଡିପିଓ ଅରୁପ ଅଭିଷେକ ବେହେରା , ଅତିରିକ୍ତ ତହସିଲଦାର ଅଶ୍ୱିନ ମହାପାତ୍ର. ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ । ବତମାନ ରନୱେ ୯୧୫ ମିଟର ଲମ୍ବା ଏବଂ ୨୩ ମିଟର ଚଉଡା କରାଯାଇଛି । ଏହି ରନୱେ ରେ ଛୋଟ ବିମାନ ଚାଲିବ । ଛୋଟ ବିମାନ ଚାଲି ବା ନେଇ ଲାଇସେନ୍ସ ମଗାଯାଇଥିବା ବେଳେ ଆସନ୍ତା ଜୁନ ପ୍ରଥମ ସପ୍ତାହରେ ଏଠାରୁ ବିମାନ ଇଡିବ ନେଇ ପ୍ରଶାସନ ଆଶା ରଖିଥିବା ଜଣାଯାଇଛି । କିନ୍ତୁ ରାଜ୍ୟ ସରକାର ଜୟପୁର ବିମାନ ଘାଟିରେ ଟି-୭୨ ସିଟ ବିମାନ ଚାଲିବା ନେଇ ବ୍ୟବସ୍ଥା କରିଛନ୍ତି । ରନୱେ ସମ୍ପ୍ରସାରଣ କରିବା ଓ ଭିତିଭୁମି ବିକାଶ ପାଇ ୪୨ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ଲମ୍ବ ୧୨ଶହ ମିଟର ରନ ୱେ ଓସାର ୩୦ ମିଟର, ବାଉଣ୍ଡ୍ରି, ଚତୁରପାଶ୍ୱ ରାସ୍ତା, ଟର୍ମିନାଲ, ଓାର୍କସପ, ଅଫିସ ରୁମ, ଷ୍ଟାପ କ୍ୱାର୍ଟର, ସିକ୍ୟୁରଟି ରୁମ କାଯ୍ୟହେବ । ଜାତୀୟ ରାଜପଥ ୨୬ ଠାରୁ ଏୟାରଷ୍ଟ୍ରିପ ସଂଯୋଗ ରାସ୍ତା ମଧ ବିକାଶ କାଯ୍ୟ ଶେଷ ହୋଇଛି । ରନୱେକୁ ୯୧୫ ମିଟର ଲମ୍ବା ଏବଂ ୨୩ ମିଟର ଚଉଡା ରହିଥିବା ବେଳେ ଏଟିଆର-୭୨ ସିଟ ପାଇ ଯୋଜାନ ଚାଲିଛି । ଏଟିଆର- ୭୨ ପାଇ ୧୨ଶହ ମିଟର ରନୱେ ସମ୍ପ୍ରସାରଣ ପାଇଁ ୪୨ କୋଟି ଟଙ୍କା ମଞ୍ଜୁର ହୋଇଛି ।

# ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ପାଇଲେ ପ୍ରଶାନ୍ତ ଦାଶ

ବଲାଙ୍ଗୀର ,୦୬/୦୪ (ନି.ପ୍ର): ସ୍ଥାନୀୟ କଳା ମଣ୍ଡପ ପଡିଆଠାରେ ଦୁଇ ଦିନ ଧରି ୧୯ତମ ସିନିୟର ବଡି ବିଲଡିଂ ଚମ୍ପିୟାନସିପ୍ (ମିଷ୍ଟର ଓଡିଶା-୨୦୨୨) ଉଦ୍‌ଯାପିତ ହୋଇଯାଇଛି । ୧୪ଟି ଓଜନ ବର୍ଗରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ପୁରୁଷ ବଡିବିଲଡିଂ ସହ ଉଭୟ ପୁରୁଷ ଓ ମହିଳା ବର୍ଗରେ ଫିଜିକ୍ ଫିଟନେସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ଆମେଚର ବଡି ବିଲିଡିଂ ଦ୍ୱାରା ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ବଲାଙ୍ଗିରର ରାମଚନ୍ଦ୍ର ଖର୍ସେଲ ୬୫ କେଜି ବର୍ଗରେ ରୌପ୍ୟ ପଦକ, ପ୍ରଶାନ୍ତ ଦାଶ ୭୦ କେଜି ବର୍ଗରେ ସ୍ୱର୍ଣ୍ଣ ଓ ସଂଗ୍ରାମ ମୁଣ୍ଡା ୮୦ କେଜି ବର୍ଗରେ କାଂସ୍ୟ ପଦକ ଅର୍ଜନ କରିଥିଲେ । ଅଧକ୍ଷ ଅମରେନ୍ଦ୍ର ମିଶ୍ରଙ୍କ ଅଧକ୍ଷତାରେ ଓ ଜିଲ୍ଲା ସଂପାଦକ ସଂଜୟ ଶତପଥିଙ୍କ ଆବାହକତ୍ୱରେ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ମୁଖ୍ୟ ଅତିଥି ରୂପେ ଯୋଗଦାନ କରିଥିଲେ । ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ, ଜିଲ୍ଲା କ୍ରିଡା ଅଧିକାରୀ ରାଜେନ୍ଦ୍ର ବଢେଇ ଅତିଥି ରୂପେ ଯୋଗ ଦେଇଥିଲେ । ଏହି କ୍ରିଡା ସମାରୋହକୁ ଆୟୋଜକ କମିଟିର ଉପସଭାପତି ସମରେନ୍ଦ୍ର ପରିଛା, କୋଷାଧକ୍ଷ ରୁପକ ବରାଳ, ବିଡିଜିଏ ହେଲ୍‌ଥ କ୍ଲବ ସଂପାଦକ ସଂଗ୍ରାମ ବହିଦାର, ପ୍ରମୋଦ ରଥ, ସନ୍ତକ ବହିଦାର, ଅନିଲ ନାଏକ, ଜିତେନ୍ଦ୍ର ନାଗ, ଶୁଭମ୍ ଦର୍ଜୀ ଓ ବିଙ୍ଗଷ୍ଟ୍ରଙ୍ଗ ଫିଟ୍‌ନେସର ସମସ୍ତ ସଭ୍ୟ ସୁରୁଖୁରୁରେ ପରିଚାଳନା କରିଥିଲେ ।

# ୪ ବର୍ଷର ଶିଶୁକନ୍ୟାକୁ ନେଇ ସ୍ୱାମୀ ଫେରାର

## ଖୋଜିବାକୁ ଆସି ନିରାଶ ହୋଇ ଫେରିଲେ ଦିଲ୍ଲୀ ଝିଅ

ବୌଦ୍ଧ,୦୬/୦୪ (ନି.ପ୍ର): ଜଣେ ଓଡ଼ିଆ ଯୁବକଙ୍କ ଦ୍ୱାରା ବିବାହ ପ୍ରତାରଣାର ଶୀକାର ହେବାପରେ ନିଜର ୪ବର୍ଷର ଶିଶୁକନ୍ୟା ସନ୍ଧାନରେ ବୌଦ୍ଧ ଆସି ନିରାଶ ହୋଇ ଫେରିଯାଇଛନ୍ତି ଦିଲ୍ଲୀର ଝିଅ ଆରତୀ। ଓଡ଼ିଶାର ଗଂଜାମ ଜିଲା ଭଞ୍ଜନଗର ନିକଟସ୍ଥ ଏକ ଗ୍ରାମର ଯୁବକ ସୁବ୍ରତ କୁମାର ମିଶ୍ରଙ୍କ ସହିତ ଦିଲ୍ଲୀର ଝିଅ ଆରତୀଙ୍କ ଗତ ୫ ବର୍ଷ ତଳେ ଝିଅର ପରିବାରବର୍ଗଙ୍କ ଉପସ୍ଥିତିରେ ବିବାହ ହୋଇଥିଲା। ସୁବ୍ରତ ଓ ଆରତୀ ଦିଲ୍ଲୀରେ ଏକ କମ୍ପାନୀରେ କାର୍ଯ୍ୟ କରୁଥିବାବେଳେ ଉଭୟଙ୍କ ମଧ୍ୟରେ ପ୍ରେମ ସଂପର୍କ ସୃଷ୍ଟି ହୋଇଥିଲା। ବିବାହ ପରେ ଉଭୟେ ଦିଲ୍ଲୀର ଶାସ୍ତ୍ରୀ ନଗର ଅଞ୍ଚଳରେ ଘରଭଡା ନେଇ ରହିଆସୁଥିଲେ। ବିବାହ ପରେ ଆରତୀ ସୁବ୍ରତ କାର୍ଯ୍ୟ କରୁଥିବା କମ୍ପାନୀ ଛାଡି କେଜରୀୱାଲଙ୍କ ସ୍ୱଛତା ମିଶନରେ ଜଣେ ସ୍ୱଛସାଥୀ ଭାବରେ କାର୍ଯ୍ୟ କରିଆସୁଥିଲେ। ବିବାହ ପରେ ସୁବ୍ରତ ଓ ଆରତୀଙ୍କ ଏକ କନ୍ୟା ସନ୍ତାନ ଜନ୍ମ ହୋଇଥିଲା। ସୁବ୍ରତ ପ୍ରତିଦିନ ମଦ୍ୟାପନ କରି ଘରକୁ ଆସିବା ସହିତ ଆରତୀଙ୍କୁ ଶାରିରୀକ ନିର୍ଯ୍ୟାତନା ଦେଇଆସୁଥିଲେ। ଏ ସଂପର୍କରେ ଆରତୀ ନିଜର ପିତାମାତାଙ୍କୁ ଜଣାଇବାପରେ ସେମାନେ ବୁଝାଇବା ସତ୍ୱେ ସୁବ୍ରତଙ୍କ କୌଣସି ପରିବର୍ତ୍ତନ ହୋଇନଥିଲା। ଗତ ଫେବୃୟାରୀ ମାସରେ ସୁବ୍ରତ ହଠାତ ନିଜର ୪ବର୍ଷର ଶିଶୁ କନ୍ୟାକୁ ସାଙ୍ଗରେ ଧରି ଦିଲ୍ଲୀରୁ ଫେରାର ହୋଇଯାଇଥିଲା। ଆରତୀ ନିଜର ସ୍ୱାମୀ ଓ ଶିଶୁକନ୍ୟାକୁ ଅନେକ ଖୋଜାଖୋଜି କରିବାପରେ ଗତ ଫେବୃୟାରୀ ୧୭ ତାରିଖରେ ଦିଲ୍ଲୀର ଏକ ଥାନାରେ ଏନେଇ ଅଭିଯୋଗ କରିଥିଲେ ଏବଂ ତାଙ୍କର ଶିଶୁ କନ୍ୟାକୁ ଖୋଜିଆଣିବାକୁ ନିବେଦନ କରିଥିଲେ। ଆରତୀଙ୍କ ମାମଲା ଦିଲ୍ଲୀର ୱାନଷ୍ଟପ ସେଂଟରକୁ ପଠାଯାଇଥିଲା। ସୁବ୍ରତଙ୍କ ମୋବାଇଲ ଟ୍ରାକିଂ କରାଯିବା ସହିତ ସୂଚନା ସଂଗ୍ରହ କରାଯିବାପରେ ସେ ଓଡ଼ିଶାର ବୌଦ୍ଧଜିଲା ଅନ୍ତର୍ଗତ ମହିସରପିଣ୍ଡାର ନିଜର ଭଉଣୀଙ୍କ ଘରେ ଥିବାର ସୂଚନା ମିଳିଥିଲା। ତେଣୁ ଦିଲ୍ଲୀର ୱାନଷ୍ଟପ ସେଣ୍ଟର ପକ୍ଷରୁ ବୌଦ୍ଧ ୱାନଷ୍ଟପ ସେଣ୍ଟର ସହିତ ଯୋଗାଯୋଗ କରାଯାଇ ଆରତୀଙ୍କ ଶିଶୁ କନ୍ୟାର ଉଦ୍ଧାର ପାଇଁ ସହଯୋଗ କରିବାକୁ ନିବେଦନ କରାଯାଇଥିଲା। ଫଳରେ ଆରତୀ ନିଜର ଶିଶୁ କନ୍ୟାର ଉଦ୍ଧାର ପାଇଁ ସୁଦୂର ଦିଲ୍ଲୀରୁ ଆସି ଗତ ମାର୍ଚ୍ଚ ୨୮ ତାରିଖରେ ବୌଦ୍ଧ ୱାନଷ୍ଟପ ସେଣ୍ଟରରେ ପହଞ୍ଚିଥିଲେ। ୱାନଷ୍ଟପ ସେଂଟର ଜରିଆରେ ସେ ବୌଦ୍ଧ ଜିଲାପାଳ ଓ ଏସପିଙ୍କୁ ମଧ୍ୟ ସାକ୍ଷାତ କରି ତାଙ୍କର ଶିଶୁ କନ୍ୟାର ଉଦ୍ଧାର ପାଇଁ ନିବେଦନ କରିଥିଲେ। ପୋଲିସ ପକ୍ଷରୁ ମନମୁଣ୍ଡା ଥାନା ଅନ୍ତର୍ଗତ ମହିସରପିଣ୍ଡା ଗ୍ରାମରେ ଥିବା ସୁବ୍ରତଙ୍କ ଭଉଣୀଘର ଯାଞ୍ଚ କରାଯିବାପରେ ସେଠାରୁ ସୁବ୍ରତ ଫେରାର ହୋଇସାରିଥିଲେ। ଯେହେତୁ ସୁବ୍ରତଙ୍କ ଘର ଗଂଜାମ ଜିଲାରେ ତେଣୁ ଏହି ମାମଲାରେ ବୌଦ୍ଧ ପୋଲିସ କିମ୍ବା ପ୍ରଶାସନ କିଛି କରିପାରିବନାହିଁ ବୋଲି ଆରତୀଙ୍କୁ କୁହାଯାଇଥିଲା। ବୌଦ୍ଧ ୱାନଷ୍ଟପ ସେଣ୍ଟର ପକ୍ଷରୁ ଆରତୀଙ୍କୁ ବୌଦ୍ଧ ଆଶ୍ରୟ ସଂସ୍ଥାରେ ରଖାଯାଇଥିଲା। ମୋର ସ୍ୱାମୀ ଆବଶ୍ୟକ ନାହିଁ। ମୋର ୪ବର୍ଷର ଝିଅକୁ ମା ର ସ୍ନେହ ଆବଶ୍ୟକ। ତେଣୁ ତାକୁ ଖୋଜିଦେବାକୁ ଆରତୀ ସମସ୍ତଙ୍କୁ ନିବେଦନ କରୁଥିଲେ। ପାଞ୍ଚଦିନ କାଳ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବାପରେ ଦିଲ୍ଲୀ ପୋଲିସ ସହାୟତାରେ ନିଜର ଶିଶୁ କନ୍ୟାର ଉଦ୍ଧାର ପାଇଁ ଉଦ୍ୟମ କରିବାକୁ ତାଙ୍କୁ କିଛି ବ୍ୟକ୍ତିବିଶେଷ ପରାମର୍ଶ ଦେବା ସହିତ ଦିଲ୍ଲୀ ଫେରିଯିବାକୁ ପରାମର୍ଶ ଦେବାପରେ ଆରତୀ ଓଡିଶାରୁ ନିରାଶ ହୋଇ ଝାରସୁଗୁଡାରୁ ବିମାନ ଯୋଗେ ଦିଲ୍ଲୀ ଫେରିଯାଇଥିବା ଜଣାଯାଇଛି। ବିମାନରେ ଫେରିବାକୁ ଅର୍ଥ ନଥିବାରୁ ଆଶ୍ରୟ ସଂସ୍ଥାର ପରିଚାଳକ କୃପାସିନ୍ଧୁ ଷଡଙ୍ଗୀଙ୍କ ଉଦ୍ୟମରେ ତାଙ୍କୁ ଦିଲ୍ଲୀ ଫେରିଯିବାକୁ କିଛି ଆର୍ଥିକ ସହାୟତା ଯୋଗାଇ ଦିବଆଯିବା ସହିତ ଝାରସୁଗୁଡା ବିମାନ ବନ୍ଦର ପର୍ଯ୍ୟନ୍ତ ଛାଡିବାର ବ୍ୟବସ୍ଥା କରାଯାଇଥିଲା। ତେବେ ଦେଶର ଯେକୌଣସି ସ୍ଥାନରେ ମହିଳାମାନଙ୍କୁ ସୁରକ୍ଷା ଓ ପୋଲିସ ସହାୟତା ନେଇ ଆଇନରେ ସ୍ୱଷ୍ଟ ନିର୍ଦ୍ଦେଶ ରହିଥିଲେ ମଧ୍ୟ ଦିଲ୍ଲୀର ଜଣେ ଝିଅ ବିବାହ ପ୍ରତାରଣାର ଶୀକାର ହେବାପରେ ନିଜର ଶିଶୁ କନ୍ୟାର ଉଦ୍ଧାର ପାଇଁ ଓଡ଼ିଶା ଆସି କୌଣସି ସହାୟତା ନପାଇ ନିରାଶ ହୋଇ ପୁଣିଥରେ ଦିଲ୍ଲୀ ଫେରିଯିବା ଘଟଣା ବୁଦ୍ଧଜିବୀ ମହଲରେ ଆଲୋଡନ ସୃଷ୍ଟି କରିଛି।

# ଡକ୍ଟରସ ଫୋରମର ମାସିକ ବୈଠକ ଏବଂ ସ୍ୱାସ୍ଥ୍ୟ ଆଲୋଚନାଚକ୍ର

ବ୍ରହ୍ମପୁର,୦୬/୦୪ (ନି.ପ୍ର): ସ୍ଥାନୀୟ ବାବାଜୀ ତୋଟା ସାହି ସ୍ଥିତ ଗୋପଲଜିୟୁ ମନ୍ଦିର ସଭା ଗୃହରେ ଡକ୍ଟରସ ଫୋରମ୍ ର ସଭାପତି ଡ଼ା ଶଙ୍କର୍ଷଣ ପାତ୍ର ଙ୍କ ଅଧ୍ୟକ୍ଷତାରେ ମାସିକ ବୈଠକ ଏବଂ ସ୍ୱାସ୍ଥ୍ୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଏହି ଆଲୋଚନାଚକ୍ରକୁ ମୁଖ୍ୟବକ୍ତା ମହାରାଜା କୃଷ୍ଣଚନ୍ଦ୍ର ଭେଷଜ ମହାବିଦ୍ୟାଳୟ ଚକ୍ଷୁ ବିଭାଗର ସହକାରୀ ପ୍ରଫେସର ଡ଼ା.ରାଜେନ୍ଦ୍ର କୁମାର ବେହେରା ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ଡ଼ା. ବେହେରା ନିଜ ବକ୍ତବ୍ୟରେ ସାରା ବିଶ୍ୱରେ ବର୍ତମାନ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତି ଅନ୍ଧତ୍ୱର ଶିକାର ହୋଇଛନ୍ତି। ଅନ୍ଧତ୍ୱ ଦୂରୀକରଣ ପାଇଁ ସମସ୍ତେ ମିଳମିଶି କାର୍ଯ୍ୟ କରିବା ପାଇଁ ଓ ସଚେତନତା ପାଇଁ ବିଭିନ୍ନ ମାଧ୍ୟମରେ ଚକ୍ଷୁରେ ହେଉଥିବା ରୋଗର ନିଦାନ ଲକ୍ଷଣ ଗୁଡ଼ିକର ଫଟୋ ପ୍ରଦର୍ଶନ କରି ପ୍ରାଞ୍ଜଳ ଭାବେ ବୁଝାଇଥିଲେ । ଏବଂ ଫୋରମ୍ ର ସଦସ୍ୟ ମାନଙ୍କର ଚକ୍ଷୁରୋଗ ସମ୍ପର୍କିତ ସମସ୍ତ ପ୍ରଶ୍ନର ଉତର ଦେଇଥିଲେ। ଆଲୋଚନାରେ ସଭାପତି ଡ଼ା. ଶଙ୍କର୍ଷଣ ପାତ୍ରଙ୍କ ସମେତ ସଂପାଦକ ଡ଼ା. ଅତୁଲ୍ୟ ପଟ୍ଟନାୟକ, ଡ଼ା. ହୃଷୀକେଶ ମହାନ୍ତି, ଡ଼ା. ରାମଚନ୍ଦ୍ର ରଥ, ଡ଼ା. ସିଧନାଥ କର, ଡ଼ା. ବିଜୟ କୁମାର ସୁବୁଦ୍ଧି, ଡ଼ା. ଗାନ୍ଧୀ ଚୌଧୁରୀ, ଡ଼ା. ବିପିନ୍ ବିହାରୀ ସାହୁ, ଡ଼ା. ସେବା ମହାନ୍ତି, ଡ଼ା, ଭସ୍ୱତି ପଣ୍ଡା, ଡ଼ା. ମୀରା ପଣ୍ଡା, ଡ଼ା. ପ୍ରଶାନ୍ତ କୁମାର ପଣ୍ଡା, ଡ଼ା. ସାଗର ରଞ୍ଜନ ତ୍ରିପାଠୀ, ଡ଼ା. ରବୀନ୍ଦ୍ର ଗନ୍ତାୟତ, ଡ଼ା. ରବିନାରାୟଣ ପାଢ଼ୀ ଆଲୋଚନାରେ ଭାଗ ନେଇଥିଲେ। ଏହି ମାସରେ ଜନ୍ମିତ ସମସ୍ତ ସଭ୍ୟ ଡ଼ା. ବିଜୟ କୁମାର ସୁବୁଦ୍ଧି ଓ ଡ଼ା. ବିପିନ୍ ବିହାରୀ ସାହୁଙ୍କୁ ଜନ୍ମଦିନର ଶୁଭେଚ୍ଛା ଓ ଦୀର୍ଘ ଜୀବନ କାମନା କରାଯାଇଥିଲା। ଶେଷରେ କୋଷାଧକ୍ଷ ଡ଼ା. ସମରେନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ସମସ୍ତ ସଭ୍ୟ ଜାତୀୟ ସଙ୍ଗୀତ ଗାନ କରିଥିଲେ।

# ଚଣ୍ଡିଖୋଲ ବାର ଆସୋସିଏସନର ନବ ନିର୍ବାଚିତ କର୍ମକର୍ତାଙ୍କ ଶପଥପାଠ

ଧର୍ମଶାଳା,୦୬/୦୪ (ନି.ପ୍ର): ଯାଜପୁର ଜିଲା ଚଣ୍ଡିଖୋଲସ୍ଥିତ ଜେଏମଏଫସି କୋର୍ଟର ନବ ନିର୍ବାଚିତ ବାର ଆସୋସିଏସନର କର୍ମକର୍ତାଙ୍କ ଶପଥ ପାଠ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କୋର୍ଟ ପରିସରରେ ଥିବା ଆସୋସିଏସନର ସଭାଗ୍ୟହରେ ଆଇନଜୀବି ତଥା ନିର୍ବାଚନ ଅଧିକାରୀ ଶରତ ଚନ୍ଦ୍ର ଷଡଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥିଭାବେ ଚଣ୍ଡିଖୋଲ କୋର୍ଟ ସିନିୟର ଡିଭିଜନ ସିଭିଲ ବିଚାରପତି ସୌଭାଗ୍ୟରଂଜନ ସ୍ୱାଇଁ,ସମ୍ମାନୀତ ଅତିଥି ଭାବେ ଜୁନିୟର ଡିଭିଜନ ବିଚାରପତି ସିଭିଲ ବିଚାରପତି ସୌମ୍ୟରଂଜନ ପୃଷ୍ଟି ,ତସଲିମା ଦାସ ପ୍ରମୁଖ ଯୋଗ ଦେଇଥିଲେ । ନିର୍ବାଚିତ ପ୍ରତିନିଧିଙ୍କୁ ଗୋପନୀୟ ଶପଥ ପାଠ କରାଯାଇଥିଲା । କାର୍ଯ୍ୟକ୍ରମରେ କୋର୍ଟର ସମସ୍ତ ଆଇନଜୀବି ଉପସ୍ଥିତ ଥିଲେ ।

# ଠକେଇ ମାମଲାରେ ଗୁଜୁରାଟ ପୋଲିସର ଚଢାଉ : ଜଣେ ଗିରଫ

ଜୟପୁର ,୦୬/୦୪ (ନି.ପ୍ର): ଗୁଜାରାଟର ପୋଲିସ ଆଜି ଚେକ ବାଉନସ ଓ ଠକେଇ ମାମଲାରେ ଜୟପୁରରୁ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା ନୁଆ ସାହି ୪ର୍ଥ ଲାଇନର ନିଲେଶ ରସିକଲାଲ ଟକର । ଜୟପୁର ପୋଲିସର ସହାୟତାରେ ଗୁଜୁରାଟ ପୋଲିସ ଅଭିଯୁକ୍ତକୁ ଗିରଫ କରି ଗୁଜରାଟ ନେଇଛି । ଗୁଜୁରାଟ ପୋଲିସର ସ୍ୱତନ୍ତ୍ର ଟିମ ଜୟପୁର ରେ ପହଂଚି ନୁଆ ସାହି ରୁ ଅଭିଯୁକ୍ତକୁ ଗିରଫ କରିଥିଲା । ଚେକ ବାଉନସ ଓ ଠକେଇ ନେଇ ଗୁଜରାଟର ଆନନ୍ଦ ପୋଲିସ ମାମଲା ରୁଜୁ କରିଥିଲା । । ପାଖା ପାଖି ଲକ୍ଷା ଧିକ ଟଙ୍କା ଠକେଇ ହୋଇଥିବା ନେଇ ଅଭିଯୋଗ ହୋଇଥିଲା । ଅଭିଯୁକ୍ତ ଗୁଜୁରାଟର ଆନନ୍ଦ ରେ ରହୁଥିଲା । ଠକେଇ କରି ଜୟପୁର ଚାଲିଆସିଥିଲା । ଗୁଜୁରାଟ ପୋଲିସ ତଦନ୍ତରେ ଜାଣି ସେହି ଅଧାରରେ ଗୁଜୁରାଟ ପୋଲିସ ଜୟପୁର ଆସି ଗିରଫ କରି ଅଭିଯୁକ୍ତକୁ ଗୁଜୁରାଟ ନେଇଥିବା ଟାଉନ ଥାନା ଅଧିକାରି ସଞ୍ଜୟ କୁମାର ମଣ୍ଡଳ ସୁଚନା ଦେଇଛନ୍ତି ।

# କେନ୍ଦୁଝର ଜେଲରୁ ଆଜୀବନ କଏଦୀ ଖଲାସ

କେନ୍ଦୁଝର,୦୬/୦୪ (ନି.ପ୍ର): କେନ୍ଦୁଝର ଜିଲ୍ଲା କାରାଗାରରେ ଆଜୀବନ ସଜ୍ଞା କାଟୁଥିବା କଏଦୀ ସୁନା ମୁଣ୍ଡାଙ୍କୁ କାରାଗାରରୁ ମୁକ୍ତ କରାଯାଇଛି। ସୁନା ମୁଣ୍ଡାଙ୍କ ବୟସ-୬୧ ବର୍ଷ ହୋଇଥିବା ବେଳେ ତାଙ୍କ ପିତାଙ୍କ ନାମ ସ୍ୱର୍ଗତ ବାବୁନି ମୁଣ୍ଡା, ତାଙ୍କ ଗ୍ରାମ କେନ୍ଦୁଝର ଜିଲ୍ଲାର ସଦର ଥାନ ଅନ୍ତର୍ଗତ ବିଜାଗୋଠ ଗ୍ରାମରେ। ଗତ ୨୬/୭/ ୨୦୦୬ ରୁ ଏକ ନରହତ୍ୟା ଅଭିଯୋଗରେ ସେ ବନ୍ଦୀ ଜୀବନ ଅତିବାହିତ କରୁଥିଲେ। ୫/୪/ ୨୦୨୨ ରିଖ ଦିନ ରାଜ୍ୟ ସରକାରଙ୍କ ଦଣ୍ଡ ସମୀକ୍ଷା ବୈଠକର ଆଦେଶ ଅନୁସାରେ କାରାଗାରରୁ ମୁକ୍ତ କରାଯାଇଛି। ସେ ଦୀର୍ଘ ୧୬ ବର୍ଷ ହେବ କାରାଗାରରେ ଆଜୀବନ ସଜ୍ଞା ଭୋଗୁଥିଲେ। ଜେଲ କର୍ତୃପକ୍ଷଙ୍କ ତତ୍ୱାବଧାନରେ କାରାଗାରରୁ ମୁକ୍ତ ପରେ ଜେଲ ଆମ୍ବୁଲାନ୍ସରେ ନିଜ ପୈତୃକ ଗ୍ରାମକୁ ନିଆଯାଇ ତାଙ୍କ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ଜେଲ ଅଧିକ୍ଷକ କୁଅଁର ମାରାଣ୍ଡି ସୂଚନା ଦେଇଛନ୍ତି। ବହୁ ବର୍ଷ ପରେ କାରାମୁକ୍ତି ହୋଇ ପରିବାର ଲୋକଙ୍କ ପାଖକୁ ଯାଉଥିବାରୁ ସେ ବେଶ ଆନନ୍ଦିତ ଥିବା କହିଛନ୍ତି। ଜେଲରୁ ମୁକ୍ତି ପାଇବା ସମୟରେ ଜେଲ ଅଧିକ୍ଷକ କୁଅଁର ମାରାଣ୍ଡି, ଜେଲ କାରା ମଙ୍ଗଳ ଅଧିକାରିଣୀ ଶ୍ରୀମତୀ ପୂଜା ନାୟକ, ସହକାରୀ କାରାପାଳ ମହେଶ୍ୱର କୁଜୁର, ଉପ ସହକାରୀ କାରପାଳ ଚିତଉ ରଞ୍ଜନ ବାରିକ ପ୍ରମୁଖ ଉପସ୍ଥିତ ରହି ତାଙ୍କୁ ଶୁଭେଚ୍ଛା ଜଣାଇ ଅବଶିଷ୍ଟ ଜୀବନ ସୁଖମୟ ହେଉ ବୋଲି କାମନା କରିଥିଲେ।

# କେନ୍ଦୁଝରରେ ଗୋଠଛଡା ଦନ୍ତାହାତୀର ଉପଦ୍ରବ ଜାରି : ଆତଙ୍କିତ ଅବସ୍ଥାରେ ଗ୍ରାମବାସୀ

କେନ୍ଦୁଝର,୦୬/୦୪ (ନି.ପ୍ର): କେନ୍ଦୁଝର ଜିଲ୍ଲାର ବିଭିନ୍ନ ଅଂଚଳରେ ବଣୁଆ ହାତୀଙ୍କର ଉପଦ୍ରବ ଗ୍ରାମାଂଚଳ ଲୋକଙ୍କର ଆଖିର ନିଦ ହଜାଇ ଦେଲାଣି । ତଥାପି ବନ ବିଭାଗ ଏ ସବୁକୁ ଯେଭଳି ଗୁରୁତର ସହ ନେବା କଥା ସେଭଳି ନେଉନାହିଁ । ଯାହା ଲୋକଙ୍କର ଦୁଖଃର କାରଣ ହୋଇଛି । ଏବେ ଗତ କିଛି ଦିନ ହେବ ଜିଲ୍ଲାର ତେଲକୋଇ ଅଂଚଳରେ ଏକ ଗୋଠଛଡା ଦନ୍ତା ହାତୀ ର ଉପଦ୍ରବ ଥମିବାର ନାଁ ଧରୁନାହିଁ। ଦନ୍ତା ହାତୀଟିର ଉପଦ୍ରବ ଯେଭଳି ବଢି ଚାଲିଛି ତାହା ଲୋକମାନଙ୍କୁ ଆତଙ୍କିତ କରି ରଖିଛି । ଏହି ଦନ୍ତା ହାତୀଟି କେତେବେଳେ ଘର ଭାଙ୍ଗୁଛି ତ କେତେବେଳେ ଲୋକଙ୍କୁ ମାରିବାକୁ ଗୋଡାଉଅଛି । ଗତକାଲି ବିଳମ୍ବିତ ରାତ୍ରୀରେ ଦନ୍ତା ଟି ଘର ଭାଙ୍ଗି ଧାନ ଚାଉଳ ଖାଇବା ସହ ଏକ ଅଟୋ ମଧ୍ୟ ଭାଙ୍ଗିଛି । ଏହି ଘଟଣାଟି ତେଲକୋଇ ରେଞ୍ଜ ଖୁଂଟାପଡା ଗ୍ରାମରେ ଘଟିଛି । ସଂଧ୍ୟା ନ ହେଉଣୁ ଦନ୍ତା ହାତୀଟି ଖାଦ୍ୟ ଅନ୍ୱେଷଣରେ ଗାଁ ଭିତରକୁ ପଶି ଆସୁଛି । ଗତକାଲି ବିଳମ୍ବିତ ରାତ୍ରୀ ପ୍ରାୟ ପ୍ରାୟ ଗୋଟାଏ ବେଳେ ଦନ୍ତା ହାତୀଟି ତେଲକୋଇ ରେଞ୍ଜର ଖୁଂଟାପଡା ଗାଁ ର ତଳସାହୀ ରେ ପଶି ତପସ୍ୱନୀ ସେଠୀ ଙ୍କର ଘରଭାଙ୍ଗି ପକାଇଅଛି । ଏବଂ ଘର ଭିତରେ ସଂଚିତ ହୋଇ ରହିଥିବା ଧାନ ଚାଉଳ ଆଦି ଖାଇ ଯାଇଥିଲା । ପରେ ପରେ ଦଇତାରୀ ସାହୁଙ୍କର ମୁଗ ବାଡିରେ ପଶି ମୁଗ ଫସଲକୁ ସଂପୂର୍ଣ୍ଣ ନଷ୍ଟ କରି ଦେଇଥିଲା । ସେପଟେ ଘର ବାହାରେ ରହିଥିବା ପ୍ରଶାନ୍ତ ନାୟକ ଙ୍କ ଅଟୋ ଟିକୁ ମଧ୍ୟ ଦନ୍ତା ହାତୀଟି ଭାଙ୍ଗି ଦେଇଥିଲା । ଗରମ ହେଉଥିବା କାରଣରୁ ସେହି ଅଟୋ ଭିତରେ ପ୍ରଶାନ୍ତ ଙ୍କର ଭାଇ ଶୋଇଥିଲେ । ଦନ୍ତାଟି ପ୍ରଥମେ ଅଟୋର ପଛପଟୁ କୁ ତାର ଦାନ୍ତରେ ଭୁଷି ଦେଇଥିଲା । ହେଲେ ସେ ଦୌଡି ପଳାଇଯାଇ ଦନ୍ତା ହାବୁଡରୁ ବର୍ତୀ ଯାଇଥିଲେ । ସେପଟେ କଦଳୀ ବଗିଚାରେ ମଧ୍ୟ ପଶି ଦନ୍ତା ଟି ଗଛ ସବୁକୁ ଦଳି ମକଚି ନଷ୍ଟ କରି ପକାଇଛି । ତପସ୍ୱନୀଙ୍କ ଘରକୁ ଦନ୍ତାହାତୀଟି ଭାଙ୍ଗିବା ଦେଖି ତପସ୍ୱନୀ ତାଙ୍କର ଛୋଟ ଛୁଆଟିକୁ ଧରି ଦୌଡି ପଳାଇଯାଇ ବଂଚି ଯାଇଥିବା କହିଛନ୍ତି । ତାପରେ ସେ ସାହୀ ଲୋକମାନଙ୍କୁ ଡାକିବା ପରେ ସେମାନେ ନିଆଁ ହୁଳା ସାହାର୍ଯ୍ୟରେ ଦନ୍ତାକୁ ଘଉଡାଇ ଦେଇଥିଲେ । ଏବଂ ପରେ ପରେ ତୁରନ୍ତ ବନ ବିଭାଗକୁ ଖବର ଦିଆଯାଇଥିଲା। କିନ୍ତୁ ବନ ବିଭାଗ ଏହାକୁ ଆବଶ୍ୟକ ଗୁରୁତ୍ୱ ଦେଇ ନଥିଲେ କିମ୍ବା ଘଟଣା ସ୍ଥଳରେ ପହଂଚି ନଥିବା କଥା ଗ୍ରାମବାସୀ କହିବା ସହ ବନ ବିଭାଗର ଏଭଳି ମନୋଭାବକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ମଧ୍ୟ କୁହୁଳିବାରେ ଲାଗିଛି ।

# ଅଗ୍ରଣୀ ଚାଷୀମାନଙ୍କୁ ନେଇ ସାଲେଭଟାଠାରେ କର୍ମଶାଳା

ଭବାନୀପାଟଣା,୦୬/୦୪ (ନି.ପ୍ର): କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ଅନ୍ତର୍ଗତ ସାଲେଭଟା ଗ୍ରାମର କିଛି ଅଗ୍ରଣୀ ଚାଷୀଙ୍କୁ ନେଇ ଏକ କର୍ମଶାଳାର ଆୟୋଜନ କରାଯାଇଥିଲା । ଏଥିରେ ପାକଶାଳା ବଗିଚା ପରିଚାଳନା ସମ୍ବନ୍ଧୀୟ ତାଲିମ ଅନୁଷ୍ଠିତ ହୋଇଥିଲା । ଏଥିରେ ୪୧ ଜଣ ମହିଳା ଓ ପୁରୁଷ ଅଗ୍ରଣୀ ଚାଷୀ ଅଂଶଗ୍ରହଣ କରିଥିଲେ । ଉକ୍ତ କର୍ମଶାଳାକୁ ଅବସରପ୍ରାପ୍ତ ସେନା ଅଧିକାରୀ ଅଜିତ କୁମାର ପ୍ରଧାନ ଆନୁଷ୍ଠାନିକ ଭାବରେ ଉଦ୍ଘାଟନ କରିଥିଲେ । କୁବେର ବୁଡେକ୍ ଓ ଯୋଡବନ୍ଧ ବନ ସୁରକ୍ଷା ସମିତିର ସଭାପତି ଦୁଲ୍ଲଭ ମାହାର ତାଲିମ ପ୍ରଦାନ କରିଥିଲେ । ଉକ୍ତ ଶିବିରକୁ ଗ୍ରାମ୍ୟ ବିକାଶ ସଂଗଠନ ତଥା ଆମ ଜଙ୍ଗଲ ଯୋଜନା ଦଳପତି ହେମନ୍ତ କୁମାର ସାହୁ ପରିଚାଳନା କରିଥିଲେ । ଇନ୍ଦ୍ରମଣି ମାଝୀ ଓ ଲେପନ ପ୍ରଧାନ (ଅଗ୍ରଣୀ ଚାଷୀ) ମିଳିତ ଭାବରେ ଅଂଶଗ୍ରହଣକାରୀ ମାନଙ୍କୁ ବିହନ ପୁଡିଆ ବଂଟନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମଟି ପ୍ରତ୍ୟେକ୍ଷ ଭାବରେ କେସିଙ୍ଗା ବନାଂଚଳ ଓ ଉଦ୍ୟାନ ବିଭାଗ ନାର୍ଲାଙ୍କ ମିଳିତ ଉଦ୍ୟୋଗରେ ଅନୁଷ୍ଠିତ ହୋଇଥିଲା । ପରିଶେଷରେ ଆମ ଜଙ୍ଗଲ ଯୋଜନାର ବିକାଶ ଅଧିକାରୀ ଧୀରୋଜ କୁମାର ଦାଶ ଆନୁଷ୍ଠାନିକ ଭାବରେ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଫିରିଙ୍ଗିଆ କଲେଜରେ ଆତ୍ମରକ୍ଷା ତାଲିମ ଶିବିର

କନ୍ଧମାଳ,୦୬/୦୪ (ନି.ପ୍ର): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଠାରେ ଥବା ପଂଚାୟତ ଯୁକ୍ତ ଦୁଇ ମହାବିଦ୍ୟାଳୟ ପରିରେରେ ଛାତ୍ରୀମାନଙ୍କ ପାଇଁ ଆତ୍ମରକ୍ଷା ତାଲିମ ଶିବିର ଉଦଘାଟିତ ହୋଇଯାଇଛି । କଲେଜର ଅଧ୍ୟକ୍ଷ ଡାକ୍ତର ଚିତରଞ୍ଜନ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ କୁଇଦିନା ଇନ୍ଦିରା ଗାନ୍ଧୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ର ଅଧକ୍ଷ ଡାକ୍ତର ତ୍ରୈଲୋକ୍ୟନାଥ ସେନାପତି ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ । ଏହି ଅବସରରେ ମୁଲ୍ୟ ଅତିଥି ଏବଂ ଅନ୍ୟତମ ଅତିଥିମାନେ ଆତ୍ମରକ୍ଷା କୌଶଳ,ପ୍ରଶିକ୍ଷଣ ଏବଂ ପ୍ରୟୋଗ ବିଷୟରେ ଉଦବୋଧନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମ ରେ ପଂଚାୟତ ସ୍ନାତକ ମହାବଦ୍ୟାଳୟର ଅଧ୍ୟକ୍ଷ ନବଘନ ସାହୁଙ୍କ ସହ ଓଡିଆ ଅଧ୍ୟାପକ ବିଭୁତିଭୂଷନଣ ଶତପଥି , ଅଧ୍ୟାପକ ଡମ୍ବରୁଧର ସାହୁ , ଅଧ୍ୟାପକ ପ୍ରଦିପ୍ତ କୁମାର ବିଶ୍ୱାଳ , ଅଧ୍ୟାପିକା ପ୍ରଭାତୀ ପାତ୍ର ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିବା ବେଳେ ଏହି କାର୍ଯ୍ୟକ୍ରମକୁ ମହାବଦ୍ୟାଳୟ ର କ୍ରୀଡା ଅଧ୍ୟାପକ ଲକ୍ଷ୍ମୀକାନ୍ତ ସାହୁ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମ ରେ ମହାବଦ୍ୟାଳୟ ର ସମସ୍ତ ଅଧ୍ୟାପକ ଅଧ୍ୟାପିକା ସହେଯାଗ କରିଥିଲେ ।

# ଅରଖକୁଦାରେ ନିର୍ମାଣ ହେବ ମାଛଧରା ଜେଟି

ପୁରୀ,୦୬/୦୪ (ନି.ପ୍ର): ପୁରୀଜିଲ୍ଲା ବ୍ରହ୍ମଗିରି ଅଞ୍ଚଳର ଅରଖକୁଦା ଠାରେ ଏକ ମାଛଧରା ଜେଟି ନିର୍ମାଣ ହେବବୋଲି ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ସୂଚନା ମିଳିଛି । ଏହି ବୈଠକରେ ଜିଲ୍ଲାପାଳ ସମର୍ଥ ବର୍ମା ଓ ରାଜ୍ୟ ଯୋଜନା ବୋର୍ଡ଼ ଉପାଧକ୍ଷ ସଞ୍ଜୟ ଦାସବର୍ମା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଭାଷ ଚନ୍ଦ୍ର ନାଥଶର୍ମା, ଉପଜିଲ୍ଲାପାଳ ଭବତାରଣ ସାହୁ, ବ୍ରହ୍ମଗିରି ତହସିଲଦାର କାହ୍ନୁଚରଣ ଘଢ଼େଇ, ମତ୍ସ୍ୟ ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ଦେବାନନ୍ଦ ଭଞ୍ଜ, ମତ୍ସ୍ୟ ବିକାଶ ଇଞ୍ଜିନିୟରିଂ ନିର୍ବାହୀ ଯନ୍ତ୍ରୀ ଲକ୍ଷ୍ମଣ ମିଶ୍ର, ଜିଲ୍ଲା ମତ୍ସ୍ୟ ଅଧିକାରୀ କୁଅଁର ମାରଣ୍ଡି, ସାମୁଦ୍ରିକ ଅତିରିକ୍ତ ମତ୍ସ୍ୟ ଅଧିକାରୀ ରବିନ୍ଦ୍ର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ମତ୍ସ୍ୟଜୀବୀଙ୍କ ସୁବିଧା ଲାଗି ଏହି ଜେଟି ନିର୍ମିତ ହେବ । ଏହା ସହ ସାତପଡ଼ା ଠାରେ ଡ଼ିଜେଲ ଟାଙ୍କି ଓ ଡ଼ଙ୍ଗା ପଞ୍ଜିକରଣ ପାଇଁ ପଦକ୍ଷେପ ନିଆଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା ।

# ହରିହର ଭେଟ ମନ୍ଦିରରେ ସ୍ୱାସ୍ଥ୍ୟ ଶିବିର

ବ୍ରହ୍ମପୁର,୦୬/୦୪ (ନି.ପ୍ର): ବ୍ରହ୍ମପୁର ହରିହର ନଗର ସ୍ଥିତ ହରିହର ଭେଟ ମନ୍ଦିର ପ୍ରାଙ୍ଗଣରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ସଚେତନତା ଶିବିର ଗତକାଲି ଅନୁଷ୍ଠିତ ହୋଇଯାଇଛି । ଭରଦ୍ୱାଜ ପ୍ରତିଷ୍ଠାନର ଅଧକ୍ଷ ଡା.ନକୁଳ ସାହୁ ରୋଗୀଙ୍କ ରକ୍ତଚାପ, ମଧୁମେହ, ଗଣ୍ଠିବାତ, ଅମ୍ଳପିତ ଓ ସ୍ତ୍ରୀ ରୋଗଆଦିର ପରୀକ୍ଷା କରି ଚିକିତ୍ସା, ପରାମର୍ଶ ଓ ଔଷଧ ବିତରଣ କରିଥିଲେ । ଏହି ଶିବିରର ପ୍ରାୟୋଜକ ଥିଲେ ଜୟନ୍ତୀଲାଲ ନରସି ଚୌହାନ, ପରିଚାଳନାରେ ସହଯୋଗ କରିଥିଲେ ଗୌରୀ ପ୍ରସାଦ ପରିଛା, ଗଣେଶ ପ୍ରସାଦ ପରିଛା ଏବଂ ମନ୍ଦିର କମିଟିର ସଭ୍ୟ ସଭ୍ୟା । ପ୍ରତି ସୋମବାର ସକାଳେ ଏହି ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥାଏ। ସମସ୍ତେ ଏହାର ସୁଯୋଗ ନେବାକୁ ମନ୍ଦିର କମିଟି ଅନୁରୋଧ କରିଛନ୍ତି ।

## ଖରା ଦିନେ ଏହି ସବୁ ପାନୀୟ ଅଂଶୁଘାତରୁ ରକ୍ଷା କରୁଥିଲେ ବି ଶରୀରକୁ କ୍ଷତି ପହଞ୍ଚାଇଥାଏ



ଖରାଦିନ ଆସିବା ମାତ୍ରେ ଲୋକମାନେ ଲସି, ଜୁସ୍ ଇତ୍ୟାଦି ପିଇବା ଆରମ୍ଭ କରି ଦେଇଥାନ୍ତି । ଖରାଦିନେ ଶରୀରରୁ ଜଳୀୟଅଂଶ କମି ଯାଉଥିବାରୁ ଅଧିକ ମାତ୍ରାରେ ପାନୀୟଜଳ ପିଇବା ମଧ୍ୟ ଜରୁରୀ । କିନ୍ତୁ ଖରାଦନେ ଆପଣ ପିଉଥିବା ପାନୀୟଗୁଡ଼ିକ ଆପଣଙ୍କ ଶରୀର ପାଇଁ ଲାଭଦାୟକ କି ନୁହଁ, ତାହା ଆପଣ ଜାଣିଛନ୍ତି କି ? କିଛି କିଛି ପାନୀୟରେ କେଫିନ୍ ଏବଂ ଚିନିର ଅଂଶ ଅଧିକ ରହିଥାଏ, ଯାହାକୁ ପିଇବା ଶରୀର ପାଇଁ ହାନିକାରକ ହୋଇଥାଏ । ଆଜି ଆମେ ଆପଣଙ୍କୁ ଖରାଦିନେ ପିଉଥିବା ସେଭଳି କିଛି ପାନୀୟ ବିଷୟରେ ଜଣାଇବୁ ଯାହାକୁ ପିଇଲେ ଆପଣଙ୍କ ଶରୀରକୁ ହାନି ପହଞ୍ଚିଥାଏ ।

♦ ବଜାରରେ ମିଳୁଥିବା ଲେମୋନେଡରେ ସୋଡ଼ା ଭଳି ମିଠା ଜିନିଷ ମିଶା ଯାଇଥାଏ । ଗୋଟେ ଗ୍ଲାସ ଲେମୋନେଡରେ ୧୦୦ କ୍ୟାଲୋରୀ ରହିଥାଏ, ଯାହା ଶରୀର ପାଇଁ ହାନିକାରକ ।

♦ ଖରାଦିନେ ବାହାରେ ବୁଲି ଲୋକମାନେ ଥକି ଯାଉଥିବାରୁ ଏନର୍ଜି ଡ୍ରିଙ୍କ ପିଇଥାନ୍ତି, ଯାହା ଦ୍ୱାରା ଶରୀରକୁ ସଙ୍ଗେ ସଙ୍ଗେ ଶକ୍ତି ମିଳିଥାଏ । କିଛି ଲୋକ ନଖାଇ ଏହାକୁ ପିଇ ଦିନ ସାରା ରହିଥାନ୍ତି, ଯାହା ଦ୍ୱାରା ନିଦ୍ରାହୀନତା ଭଳି ସମସ୍ୟା ଦେଖା ଯାଇଥାଏ ।

♦ ପାର୍ଟି ହେଉ ବା କୌଣସି ଖୁସିର ମୂହୁର୍ତ୍ତ ଲୋକମାନେ ନିଜର ଖୁସିକୁ ପାଳନ କରିବାକୁ ଯାଇ କକ୍‌ଟେଲ ପାର୍ଟି କରିଥାନ୍ତି । ବିଭିନ୍ନ ପ୍ରକାରର ଡ୍ରିଙ୍କକୁ ନେଇ ଏହାକୁ ପ୍ରସ୍ତୁତ କରାଯାଇଥାଏ, ଯାହାକୁ ଅଧିକ ମାତ୍ରରେ ପିଇବା ଦ୍ୱାରା ଶରୀର ଉପରେ ଖରାପ ପ୍ରଭାବ ପଡ଼ିଥାଏ । ସେଥିପାଇଁ କକ୍‌ଟେଲ ତିଆରି କରିବାର ଥିଲେ ବିଭିନ୍ନ ପ୍ରକାର ଡ୍ରିଙ୍କକୁ ନ ମିଶାଇ ସାଧା ତିଆରି କରନ୍ତୁ ।

♦ କଫି ପିଇବା ଦ୍ୱାରା ଆପଣଙ୍କ ଶରୀରରେ ରକ୍ତର ଗତି ବଢ଼ି ଯାଇଥାଏ, ଯାହା ଦ୍ୱାରା ଆପଣ ଶକ୍ତିଶାଳୀ ଅନୁଭବ କରନ୍ତି । କିନ୍ତୁ ଏହାକୁ ଅଧିକ ମାତ୍ରରେ ପିଇବା ଦ୍ୱାରା ଶରୀରର ଓଜନ ବଢ଼ିବା ସହ ମଧୁମେହ ସମସ୍ୟା ଦେଖା ଯାଇଥାଏ ।

## ଔଷଧୀୟ ଗୁଣରେ ଭରପୁର ଛଚିନ୍ଦ୍ରା

ଛଚିନ୍ଦ୍ରା ଲଟା ଖୁବଶୀଘ୍ର ମାଡ଼େ, ଆଉ ଫଳ ଦିଏ । ବହୁ ପ୍ରକାର ରୋଷେଇ ଏଥିରେ କରାଯାଇ ପାରେ । କେବଳ ରୋଷେଇ ଘର ନୁହେଁ, ପାରମ୍ପରିକ ଚିକିତ୍ସାରେ ଏହାର ବହୁଳ ବ୍ୟବହାର ରହିଛି । ଏହା ଶରୀରକୁ ଶୀତଳ ରଖିବା ସହ ଏକ ପ୍ରାକୃତିକ ଆଣ୍ଟିବାୟୋଟିକ ଭାବେ ମଧ୍ୟ କାର୍ଯ୍ୟ କରିଥାଏ । ହୃଦରୋଗ ଠାରୁ ଦୂରେଇ ରହିବା ପାଇଁ ଏହାକୁ ଖାଦ୍ୟ ରୂପେ ବ୍ୟବହାର କରନ୍ତୁ । ଶରୀରର ଶୁଷ୍କତାକୁ ଏହା ଦୂର କରିଥାଏ । ତେଣୁ ଶରୀରକୁ ସୁସ୍ଥ ଓ ସତେଜ ରଖେ । ଛଚିନ୍ଦ୍ରା ଏବଂ ଏହାର ପତ୍ର ଉଭୟ ଉପାକରୀ । ଏବେ ଜାଣନ୍ତୁ ଏହାର କିଛି ଔଷଧୀୟ ତତ୍ତ୍ୱ ଏବଂ ଉପକାରୀ ଗୁଣ ସମ୍ପର୍କରେ ।

♦ ମ୍ୟାଲେରିଆ ଜ୍ୱର ହେଉ ବା ପିତ୍ତଜନିତ ଜ୍ୱରରୁ ଏହା ରକ୍ଷା କରିଥାଏ । ଛଚିନ୍ଦ୍ରାର କ୍ୱାଥ ଏଥିପାଇଁ ବ୍ୟବହାର କରାଯାଏ । ମହୁ ସହ ଏହାକୁ ଖାଇବା ଦ୍ୱାରା ତୁରନ୍ତ ଲାଭ ମିଳିଥାଏ ।

♦ ଏହାର ପତ୍ରକୁ ବି ଚେରକ ଭାବେ ବା ବାନ୍ତି କରାଇବାପାଇଁ ବ୍ୟବହାର କରାଯାଇଥାଏ । ଏହା ଶରୀରକୁ ଟକ୍ସିନ ବା ବିଷାକ୍ତ ପଦାର୍ଥକୁ ବାହାର କରିବାରେ ସହାୟକ ହୋଇଥାଏ । ଛଚିନ୍ଦ୍ରାକୁ ଆପଣ ଶୁଖାଇ ରଖି ବ୍ୟବା କରିପାରିବେ । ମାତ୍ର ସତେଜ ଛଚିନ୍ଦ୍ରାର ଜୁସ୍ ପରି ଏହା ଏତେଟା ଫଳପ୍ରଦ ନୁହେଁ ।

♦ ମଧୁମେହ ରୋଗୀ ଛଚିନ୍ଦ୍ରା ଖାଇବା ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇଥାଏ । ଚୀନରେ ମଧୁମେହ ରୋଗୀଙ୍କ ପାଇଁ ଏହା ଏକ ପାରମ୍ପରିକ ଚିକିତ୍ସା । ଏହି ପରିବାଟିରେ ଅଧିକ କ୍ୟାଲୋରି ନଥିବାରୁ ଏହା ଅଯଥା ଓଜନ ବୃଦ୍ଧି କରାଏ ନାହିଁ । ଟାଇପ-ଟୁ ମଧୁମେହ ପୀଡ଼ିତାଙ୍କୁ ଏହା ଆବଶ୍ୟକ ନ୍ୟୁଟ୍ରିସନ ଯୋଗାଇବା ସହ ଓଜନରେ ସଂତୁଳନତା ରକ୍ଷା କରିଥାଏ ।

♦ ହୃଦରୋଗୀମାନଙ୍କ ପାଇଁ ଛଚିନ୍ଦ୍ରା ବରଦାନ ସଦୃଶ । ରକ୍ତହୀନ ଧମନୀରେ କୌଣସି ପ୍ରତବନ୍ଧକ ଥିଲେ ଏହା ଦୂର କରିବା ସହ ହୃଦ୍‌ସ୍ପନ୍ଦନକୁ ଠିକ ରଖେ । ରକ୍ତ ସଂଚାଳନକୁ ସୁଗମ କରିଥାଏ । ପ୍ରତିଦିନ ଅତି କମରେ ଦଇକପ ଛଚିନ୍ଦ୍ରା ରସ ପିଇଲେ ଏହା ହୃତପିଣ୍ଡକୁ ସୁସ୍ଥ ରଖେ । ଏହାର ପତ୍ର କାମଳ ରୋଗ ଦୂର କରିଥାଏ । ଧନିଆ ସହ ୩୦ ରୁ ୪୦ଗ୍ରାମ ଏହାର ପତ୍ର ନେଇ ଜୁସ କରି ପିଇବା ଦ୍ୱାରା ଉତ୍ତମ ଫଳ ମିଳିଥାଏ ।

♦ ଛଚିନ୍ଦ୍ରା ସହଜରେ ହଜମହୁଏ, ଏହା ମଧ୍ୟ ହଜମ କାରକ । ଏହା ପେଟକୁ ପରିଷ୍କାର ରଖେ । ଏହାର ମଞ୍ଜିକୁ କୋଷ୍ଠକାଠିନ୍ୟ ଦୂର ପାଇଁ ବ୍ୟବହାର କରାଯାଏ । ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଦୈନିକ ଦୁଇ ଚାମଚ ଏହାର ରସ ପିଅନ୍ତୁ ।

♦ ମୁଣ୍ଡରୁ ରୂପୀ ଦୂର କରିବା ପାଇଁ ଏହାର ରସକୁ ମୁଣ୍ଡରେ ଭଲ ଭାବେ ଘଷନ୍ତୁ । ଅଧଘଣ୍ଟା ମୁଣ୍ଡକୁ ସେମିତି ଛାଡ଼ି ଦିଅନ୍ତୁ । ଏହାପରେ ମୁଣ୍ଡକୁ ଭଲ ଭାବେ ଧୋଇ ଦିଅନ୍ତୁ । ରୂପୀ ସମସ୍ୟା ଦୂର ହେବ । କେଶ ଝଡ଼ିବା ଏବଂ ଚନ୍ଦାପଣ ରୁପି ସମସ୍ୟାକୁ ମଧ୍ୟ ଏହା ଦୂର କରିଥାଏ । ଚନ୍ଦା ହୋଇଥିବା ସ୍ଥାନରେ ଛଚିନ୍ଦ୍ରାର ରସ ଲଗାନ୍ତୁ ।

♦ ମ୍ୟାଗ୍ନେସିୟମ, କ୍ୟାଲସିୟମ ଏବଂ ଫସଫରସ ପରି ଅନେକ ଆବଶ୍ୟକ ଖଣିଜରେ ଭରପୂର ଏହି ପରିବାଟି । ଏହା ଶରୀରକୁ ସତେଜ ରଖିବା ସହ ହାଡ଼ ଏବଂ ଦାନ୍ତକୁ ମଜଭୁତ କରିଥାଏ । ତନ୍ତୁ ଜାତୀୟ ଏହି ପରିବାଟି ମୁଖ୍ୟତଃ କୋଷ୍ଠକାଠିନ୍ୟକୁ ଦୂର କରିଥାଏ । ତନ୍ତୁ ଜାତୀୟ ଏହି ପରିବାଟି ମୁଖ୍ୟତଃ କୋଷ୍ଠକାଠିନ୍ୟକୁ ଦୂର କରୁଥିବାରୁ ଏହା ଅନେକ ରୋଗ ଦୂର କରିପାରିଥାଏ ।





## ବ୍ରେଡ୍ ପିଜ୍ଜା



***ଆବଶ୍ୟକ ସାମଗ୍ରୀ:*** ବ୍ରେଡ୍, କଟା ଟମାଟୋ, କ୍ୟାପ୍‌ସିକମ୍, କଟା ପିଆଜ, କଟା ଗାଜର, ଧନିଆ ପତ୍ର, ଚିଲି ଫ୍ଲେକ୍ସ, ଗୋଲମରିଚ ଗୁଣ୍ଡ, ଚିଜ୍, ଲୁଣ ଓ ବଟର ।

***ପ୍ରସ୍ତୁତି ପ୍ରଣାଳୀ:*** ପ୍ରଥମେ ଏକ ପାତ୍ରରେ କଟା ଟମାଟୋ, କ୍ୟାପସିକମ୍, ପିଆଜ, ଗାଜର, ଧନିଆ ପତ୍ର, ଚିଲି ଫ୍ଲେକ୍ସ , ଲୁଣ ଓ ଗୋଲମରିଚ ଗୁଣ୍ଡ ପକାଇ ଭଲ ଭାବରେ ଗୋଳେଇ ଦିଅନ୍ତୁ ।

ପରେ ଏକ ପାତ୍ରରେ ବ୍ରେଡ୍ ନିଅନ୍ତୁ । ତା' ଉପରେ ପିଜ୍ଜା' ସସ୍‌କୁ ଲଗାଇ ଦିଅନ୍ତୁ । ଏହାପରେ ରଖିଥିବା ମସଲାକୁ ବ୍ରେଡ୍ ଉପରେ ରଖି ଦିଅନ୍ତୁ । ତା' ଉପରେ ଚିଜ୍ ମଧ୍ୟ ପକାଇ ଦିଅନ୍ତୁ ।

ଏହା ପରେ ଏକ ପ୍ୟାନରେ ବଟର ପକାଇ ଅଳ୍ପ ମାତ୍ରାରେ ଗରମ କରନ୍ତୁ । ତା' ପରେ ସଜାଇ ରଖଥିବା ବ୍ରେଡ୍ ପିଜ୍ଜାକୁ ପ୍ୟାନରେ ରଖି ଦିଅନ୍ତୁ । ବ୍ରେଡ୍ ପିଜ୍ଜା ପ୍ରସ୍ତୁତ କଲା ବେଳେ ଗ୍ୟାସର ଆଞ୍ଚକୁ ଧିମା ରଖିବାକୁ ପଡ଼ିବ । ପରେ ଏହାକୁ ଘୋଡ଼ାଇ ଦିଅନ୍ତୁ । ୩ରୁ ୪ ମିନିଟ୍ ଭିତରେ ବଟରଟି ମେଲ୍ଟ ହୋଇଗଲେ ତାକୁ ଏକ ପାତ୍ରରେ କାଢ଼ି ଦିଅନ୍ତୁ । ତା' ଉପରେ ଚିଲି ଫ୍ଲେକ୍ସ ପକାଇ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ବ୍ରେଡ୍ ପିଜ୍ଜା ।

## ଜାଣନ୍ତୁ କେଉଁ ଦିଗକୁ ମୁହଁ କରି ଖାଇଲେ ଲକ୍ଷ୍ମୀ କରିବେ କୋପ, ଭୋଗିବେ ସମସ୍ୟା

ବାସ୍ତୁ ଶାସ୍ତ୍ରରେ ଦିଗକୁ ସବୁଠୁ ଅଧିକ ମହତ୍ତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଇଥାଏ । ଏପରିକି ଭିନ୍ନ ଭିନ୍ନ ଜିନିଷ ପାଇଁ ବାସ୍ତୁ ଶାସ୍ତ୍ରରେ ଭିନ୍ନ ଭିନ୍ନ ଦିଗ ଚୟନ କରାଯାଇଛି । ଘର କରିବା ସମୟରେ ଠିକ୍ ଦିଗରେ ମନ୍ଦିର ଘର, ଶୋଇବା ଘର, ଷ୍ଟୋର ରୁମ୍ ସମେତ ଖାଇବା ଜାଗା ହୋଇ ନ ଥିଲେ ତାହାର ଓଲଟା ଫଳ ମିଳିଥାଏ । ତେଣୁ ବାସ୍ତୁ ଶାସ୍ତ୍ର ଅନୁଯାୟୀ, କେଉଁ ଦିଗକୁ ମୁହଁ କରି ଖାଇଲେ ଶୁଭ ଫଳ ମିଳିଥାଏ ଆଜି ସେ ବିଷୟରେ ଜାଣିବା ।

- ବାସ୍ତୁ ଅନୁଯାୟୀ, ସବୁବେଳେ ମୁହଁକୁ ପୂର୍ବ ଦିଗ କିମ୍ବା ପୂର୍ବ-ଉତ୍ତର ଦିଗକୁ କରି ଖାଇବା ଉଚିତ । ଏହି ଦିଗ ଦେବତାଙ୍କ ଦିଗ ବୋଲି ବିଶ୍ୱାସ ରହିଛି । ଏହି ଦିଗକୁ ମୁହଁ କରି ଖାଇଲେ ରୋଗ ଦୂର ହୋଇଥାଏ ।
- ଦକ୍ଷିଣ ଦିଗକୁ ମୁହଁ କରି ଖାଇବାକୁ ଅଶୁଭ ବିବେଚନା କରାଯାଇଥାଏ । ଏହାଦ୍ୱାରା ପାଚନଜନିତ ସମସ୍ୟା ଦେଖାଦେଇଥାଏ ।
- ଦକ୍ଷିଣ ଦିଗକୁ ମୁହଁ କରି ଖାଇଲେ ମାନ ସମ୍ମାନରେ ଆଞ୍ଚ ଆସିଥାଏ ।
- ପୂର୍ବ କିମ୍ବା ଉତ୍ତର ଦିଗକୁ ମୁହଁ କରି ଖାଇବା ଦ୍ୱାରା ଭାଗ୍ୟ ଉଜ୍ଜ୍ୱଳ ହୋଇଥାଏ ।
- ଖାଇବା ପୂର୍ବରୁ ହାତ ମୁହଁ ଖାଇବା ଦ୍ୱାରା ଆୟୁ ବଢ଼ିଥାଏ ।
- ଫଟା ବାସନରେ ଖାଇବାକୁ ଅଶୁଭ ବିବେଚନା କରାଯାଏ ।
- ଚେୟାରରେ ବସି ଖାଉଥିଲେ ଗୋଡ଼ ହଲାନ୍ତୁ ନାହିଁ, ଏହାକୁ ଦୁର୍ଭାଗ୍ୟ ବୋଲି ବିବେଚନା କରାଯାଇଥାଏ ।
- ଖାଇବା ପାତ୍ର ଭଲ ଭାବେ ଧୁଆ ହେବା ଉଚିତ । ଅଇଁଠା ବାସନରେ ଖାଇଲେ ଲକ୍ଷ୍ମୀଙ୍କ କୋପ ପଡ଼ିଥାଏ ।
- ଖାଇବା ଟେବୁଲକୁ କେବେ ବି ଫାଙ୍କା ଛାଡ଼ନ୍ତୁ ନାହିଁ । ଉକ୍ତ ଟେବୁଲରେ କିଛି ନା କିଛି ରଖିବା ଦ୍ୱାରା ଉନ୍ନତି ହୋଇଥାଏ ।



## ସୂର୍ଯ୍ୟପୂଜା କରୁଛନ୍ତି କି!



ସାଧାରଣତଃ ଆମର ଧର୍ମୀୟ ଆସ୍ଥା ଓ ବିଶ୍ୱାସ ଅନୁସାରେ ସୂର୍ଯ୍ୟଙ୍କୁ ଦେବତାଙ୍କ ଆସନରେ ଆସୀନ କରାଯାଇଛି । ସ୍ୱାସ୍ଥ୍ୟପ୍ରଦ ଜୀବନଯାପନ ଲାଗି ଅନେକ ସୂର୍ଯ୍ୟ ଉପାସନା କରିଥାନ୍ତି ।

♦ ଲାଲପୁଷ୍ପ-ସୂର୍ଯ୍ୟଙ୍କର ଲାଲ ଫୁଲ ଅତ୍ୟନ୍ତ ପ୍ରିୟ । ସୂର୍ଯ୍ୟ ପୂଜା ସମୟରେ ଏହାରି ଉପରେ ଧ୍ୟାନ ଦେଲେ ବା ସୂର୍ଯ୍ୟଙ୍କୁ ଲାଲ ଫୁଲ ଅର୍ପଣ କଲେ ଅନେକ ପ୍ରସିଦ୍ଧି ମିଳିଥାଏ ।

♦ ଅଷ୍ଟାଙ୍ଗ ଅର୍ଘ୍ୟ- ଅଷ୍ଟାଙ୍ଗ ଅର୍ଘ୍ୟ ଅର୍ପଣ ଦ୍ୱାରା ହଜାର ବର୍ଷ ପର୍ଯ୍ୟନ୍ତ ମନୁଷ୍ୟକୁ ସୂର୍ଯ୍ୟଲୋକ ପ୍ରାପ୍ତ ହେବାର ଶୁଣାଯାଏ । ଏହି ଅଷ୍ଟାଙ୍ଗ ଅର୍ଘ୍ୟ ପାଇଁ ଆପଣ ଜଳ, କ୍ଷୀର, କୁଶର ଅଗ୍ରଭାର, ଘିଅ, ଦହୀ, ମହୁ, ଲାଲ କନିଅର ଫୁଲ ଏବଂ ଲାଲ ଚନ୍ଦନର ବ୍ୟବହାର କରନ୍ତୁ ।

♦ ତାମ୍ର ପାତ୍ର-ଆପଣ ମାଟି ବା କାଂସ୍ୟ ପାତ୍ରରେ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେବାରେ କୌଣସି ଦୋଷ ନାହିଁ । କିନ୍ତୁ ଏହା ଅପେକ୍ଷା ତାମ୍ର ପାତ୍ରରେ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଲେ ତାହା ଅଧିକ ଫଳଦାୟୀ ହୋଇଥାଏ ।

## ଖରାଦିନେ ଗଳାର ଯତ୍ନ

ଖରାଦିନେ ଅଧିକ ଝାଳ ବହେ, ଧୂଳିମଳି ଜମି ଗଳା କଳା ପଡ଼ିଯାଏ । ଗଳାର ସ୍ୱାଭାବିକ ରଙ୍ଗ ଫିକା ପଡ଼ି ସୌନ୍ଦର୍ଯ୍ୟ ନଷ୍ଟ ହୁଏ । ସୂର୍ଯ୍ୟଙ୍କ ଅତି ବାଇଗଣୀ ରଶ୍ମି ମଧ୍ୟ ତ୍ୱଚା ଉପରେ କୁପ୍ରଭାବ ପକାଏ । ଏସବୁ ସମସ୍ୟାରୁ ଅତି ସାଧାରଣ ଉପାୟରେ ମୁକ୍ତି ପାଇପାରିବେ । ଦୁଇ ଚାମଚ ଲେମ୍ବୁ ରସରେ ଅଳେଇଚ ମିଶାଇ ଗଳାରେ ଘଷନ୍ତୁ । ପନ୍ଦର ମିନିଟ୍ ପରେ ଉଷୁମ ପାଣିରେ ଧୁଅନ୍ତୁ । ରାତିରେ ଶୋଇବା ପୂର୍ବରୁ ଗଳାରେ ଲେମ୍ବୁ ରସ ଲଗାଇ ସକାଳେ ଥଣ୍ଡା ପାଣିରେ ଧୁଅନ୍ତୁ ।

କଞ୍ଚାକ୍ଷୀରରେ ତୁଳା ବୁଡ଼ାଇ କଳା ପଡ଼ିଥିବା ସ୍ଥାନରେ ଘଷନ୍ତୁ । ଏହା ଦ୍ୱାରା କଳା ଦାଗ ଦୂର ହୁଏ ଏବଂ ତ୍ୱଚା କୋମଳ ରହେ ।

ଦୁଇ ଚାମଚ ଅଲିଭ ତେଲରେ ଏକ ଚାମଚ ଚିନି ମିଶାଇ ଗଳା ଚାରିପଟେ ମାଲିସ କରନ୍ତୁ ।



## ସାରଙ୍ଗପାଣି ମନ୍ଦିର

ତାମିଲନାଡୁର କୁମ୍ଭକୋନମଠାରେ ଦଣ୍ଡାୟମାନ ସାରଙ୍ଗପାଣି ମନ୍ଦିର । ଭଗବାନ ବିଷ୍ଣୁଙ୍କୁ ସମର୍ପିତ ଏହି ପୀଠ ବିଷ୍ଣୁଙ୍କର ତିନିଟି ମୁଖ୍ୟ ପୀଠ ମଧ୍ୟରେ ଅନ୍ୟତମ । ୧୬ଶ ଶତାବ୍ଦୀର ନାୟକ ରାଜତ୍ୱ ସମୟରେ ମନ୍ଦିର ପୁନଃନିର୍ମାଣ ହୋଇଥିଲା । ମନ୍ଦିର ପ୍ରାଙ୍ଗଣରେ ଏକମାତ୍ର ପବିତ୍ର ପୋଖରି ରହିଛି ଯାହାର ନାମ 'ପୋଟ୍ରୋମାରାଇ କୁଲମ' । କିମ୍ବଦନ୍ତୀ କହେ, ବୈଷ୍ଣବ ମୂର୍ତ୍ତି ସାରଙ୍ଗପାଣି ଭଗବାନ ବିଷ୍ଣୁଙ୍କ ଅବତାର ଯିଏକି ହେମ ଋଷିଙ୍କୁ ଦର୍ଶନ ଦେଇଥିଲେ । ଏହି ପୋଖରି ତଟରେ ସେ ଭଗବାନ ବିଷ୍ଣୁଙ୍କ ତପସ୍ୟା କରିଥିଲେ । ସ୍ଥାନୀୟ ନଗରୀରେ ଦଣ୍ଡାୟମାନ ମନ୍ଦିର ମଧ୍ୟରେ ଏହା ସବୁଠୁ ବଡ଼ । ପୀଠର ମୁଖ୍ୟ ପ୍ରବେଶ ଦ୍ୱାରର ଉଚ୍ଚତା ୧୭୩ଫୁଟ । ଏଥିସହ ଆହୁରି ୫ଟି ପ୍ରବେଶ ଦ୍ୱାର ମଧ୍ୟ ରହିଛି । ମୁଖ୍ୟ ପ୍ରବେଶ ଦ୍ୱାରରେ ଚିତ୍ର ସହ ଅନେକ ପୌରାଣିକ କାହାଣୀ ବର୍ଣ୍ଣିତ ହୋଇଛି । ଦକ୍ଷିଣ ଭାରତୀୟ ନୃତ୍ୟଶୈଳୀ ମଧ୍ୟରୁ କିଛି ମନ୍ଦିର କାନ୍ଥରେ ଦେଖିବାକୁ ମିଳେ । ମନ୍ଦିର ମଧ୍ୟରେ ପ୍ରଭୁ ସାରଙ୍ଗପାଣି ଘୋଡ଼ା ଓ ହାତୀ ଟାଣୁଥିବା ରଥରେ ବିରାଜିଛନ୍ତି । ମୁଖ୍ୟ ପ୍ରବେଶ ଦ୍ୱାର ବାହାରେ କାଠନିର୍ମିତ ଦୁଇଟି ରଥ ରହିଛି । ରଥଯାତ୍ରାପୀଠର ସବୁଠୁ ଗୁରୁତ୍ୱପୂର୍ଣ୍ଣ ପର୍ବ । ମାର୍ଚ୍ଚ-ଏପ୍ରିଲରେ ଏହି ପର୍ବ ବେଶ ଆନନ୍ଦ ଉଲ୍ଲାସର ସହ ପାଳନ କରାଯାଏ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ମାଗଣାର ଭବିଷ୍ୟତ...

ବାପ-ଅଜା ଅମଳରୁ ଖଞ୍ଜା ଯାଇଥିବା ସମ୍ପତ୍ତିବାଡ଼ି ଅଯୋଗ୍ୟ ପିଲାମାନେ ବିକିଭାଙ୍ଗି ଚଳିବା ପ୍ରସଙ୍ଗକୁ ଉପଲକ୍ଷ୍ୟ କରି ଏହା କୁହାଯାଇଛି । ନିଜ ଅର୍ଜିତ ଧନରେ ବିକାଶ ପାଇଁ ଯେଉଁ ବ୍ୟକ୍ତି ଅଧିକରୁ ଅଧିକ ବିସ୍ତାର କରେ, ସେ ହିଁ ପ୍ରକୃତ ଉତ୍ତରାଧିକାରୀ ପଦବାଚ୍ୟ । ଏହି ପ୍ରସଙ୍ଗରେ ନିଜେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆର୍ଥିକ ପ୍ୟାକେଜ୍ ନେଇ ସରକାର ନେଉଥିବା ପଦକ୍ଷେପ ସମ୍ପର୍କରେ ଗୁଡ଼ିଏ ପ୍ରସ୍ତାବ ଓ ପରାମର୍ଶ ନେଇଛନ୍ତି । ଜନକଲ୍ୟାଣକାରୀ ରାଷ୍ଟ୍ରରେ ସରକାର ସର୍ବେସର୍ବା । ତାହାରି ଭିତରେ କେଉଁଟା ଭଲ, କେଉଁଟି ଭୁଲ୍ ତାହା ଦର୍ଶାଇବାର ଦାୟିତ୍ୱ ଓ କର୍ତ୍ତବ୍ୟ ଭିତରେ ଯାଉଥିବା କଥା ଅମଲାତନ୍ତ୍ର ବୁଝିଛି । ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ବହୁବିଧ କଲ୍ୟାଣ କାର୍ଯ୍ୟକ୍ରମ ନେଇ ପରାମର୍ଶ ତଥା ପ୍ରସ୍ତାବ ନେଇଥାନ୍ତି କିମ୍ବା ପାଇଥାନ୍ତି । ଏହି କ୍ରମରେ ଶନିବାର ଦିନ ଚାରିଘଣ୍ଟା ଧରି ବୈଠକରେ ମିଳିତ ହୋଇଥିଲେ ବରିଷ୍ଠ ସଚିବମାନେ । ସେମାନଙ୍କ ସହିତ ପ୍ରଧାନମନ୍ତ୍ରୀ ଖୋଲାଖୋଲି ପରାମର୍ଶ କରିଛନ୍ତି । ଏହା ମୋଦି ସରକାର କାହିଁକି, ଅନ୍ୟମାନଙ୍କ କ୍ଷେତ୍ରରେ ପ୍ରଥମ ବୋଲି କୁହାଯାଉଛି । ଦେଶ ତଥା ବିଭିନ୍ନ ରାଜ୍ୟ ସରକାରମାନେ ଆର୍ଥିକ ଚାପରେ ଥିବା ସମୟରେ କ'ଣ କରାଗଲେ ସେଥିରୁ ଉଦ୍ଧାର ପାଇହେବ, ସେ ନେଇ ସର୍ବପ୍ରଥମ ପରାମର୍ଶ ବୈଠକର ଆୟୋଜନ କରାଯାଇଥିଲା । ଯାହା ନିଷ୍କର୍ଷ ବାହାରିଲା ତାହା ଦର୍ଶାଉଛି ଯେ ସ୍ଥିତି ସଙ୍ଗୀନ । ଏମିତି ବସି ଖାଇଲେ ନଈବାଲି ସରିବା ନ୍ୟାୟ ଫାବୁଛି । ମତଦାତାମାନଙ୍କୁ 'ମାଗଣା' ସେବା ଯୋଗାଇବାର ପ୍ରତିଶ୍ରୁତି ଦେଇଚାଲିଲେ । ଶେଷକୁ ରାଜକୋଷ ଖାଲି ହୋଇଯିବ ବୋଲି କହିଛନ୍ତି ବରିଷ୍ଠ ସଚିବମାନେ । ଏକ ଜନକଲ୍ୟାଣକାରୀ ରାଷ୍ଟ୍ରରେ ଯେମିତି ହେଲେ ମତଦାତାମାନଙ୍କୁ କିଛି ନା' କିଛି ସୁବିଧା ସୁଯୋଗ ଯୋଗାଣ ସରକାରଙ୍କ କର୍ତ୍ତବ୍ୟରେ ଯାଏ । ମାତ୍ର ତା' ବୋଲି ରାଜକୋଷ ଖାଲି ପଡ଼ିଲା ଭଳି ସ୍ଥିତି ଉପୁଜିବା ପର୍ଯ୍ୟନ୍ତ କଥା ନଯାଉ, ଏହା ବରିଷ୍ଠ ସଚିବମାନଙ୍କ ବିଚାର । ଏହି କ୍ରମରେ କେତେକ ରାଜ୍ୟର ଅର୍ଥନୀତି ବିଷମ ସ୍ଥିତିରେ ଥିବା କଥା ଦର୍ଶାଇବା ସହ କେନ୍ଦ୍ର ସଚିବବର୍ଗ କହିଛନ୍ତି, ଯଦି ସରକାରମାନେ ମାଗଣା ଖାଦ୍ୟାନ୍ନ, ପୋଷାକ, ଛତା-ଜୋତା ବାଣ୍ଟିବାରୁ ନିବୃତ୍ତ ରହି ବିକାଶ ମାର୍ଗକୁ ପ୍ରଶସ୍ତ ନକରିବେ, ତେବେ ସଙ୍କଟ ମହାସଙ୍କଟରେ ରୂପାନ୍ତରିତ ହେବା ଅସମ୍ଭବ ନୁହେଁ । ଫ୍ରିବ୍ରିଜ୍'ରୁ ନ ଓହରିଲେ ଯେଉଁଭଳି ସମସ୍ୟା ଶ୍ରୀଲଙ୍କା ଓ ଗ୍ରୀସ୍ ଭଳି ଦେଶରେ ଉପୁଜିଛି, ତାହା ଦେଖିବାକୁ ଅଧିକ ବିଳମ୍ବ ହୋଇନପାରେ । ଏହି ଚେତାବନୀ ଶୁଣାଇ ଦେବା ସହିତ ରାଜ୍ୟ ଓ କେନ୍ଦ୍ର ସରକାରମାନେ ନିଜ ଭିତରେ ସମନ୍ୱୟ ରକ୍ଷାକରି ଯଦି କାର୍ଯ୍ୟ କରନ୍ତି, ତେବେ ଆଗକୁ ଥିବା ମହାସଙ୍କଟକୁ ଟାଳିହେବ । ଏଭଳି ପରାମର୍ଶ ଦେବା ଭିତରେ କଥା ଉଠିଛି: ଘରୋଇ ମାଗଣା ରନ୍ଧା ଗ୍ୟାସ, ମାଗଣା ବିଜୁଳି ଓ ପାଣି ଯୋଗାଣ କଥା । ବିଭିନ୍ନ ସୂତ୍ରରୁ ଆସୁଥିବା ପ୍ରାକୃତିକ ସାଧନର ଅସଦ୍ ବ୍ୟବହାରର ଏହାଠାରୁ ଅଧିକ ନମୁନା କଣ ହୋଇପାରେ? ପ୍ରସଙ୍ଗ ଭିତରେ ଓଡ଼ିଶା ଭଳି କରୋନା ପ୍ରଭାବିତ ଓ ପ୍ରାକୃତିକ ବିପର୍ଯ୍ୟୟର କଷାଘାତରେ ଅତିଷ୍ଠ ରାଜ୍ୟର ବାସିନ୍ଦାଙ୍କ ଦୁର୍ଭୋଗ କଥା ବିଚାର କରାଯାଇପାରେ । ରାଜ୍ୟ ସରକାର ଆଗାମୀ ଛଅ ମାସ ଲାଗି 'ମାଗଣା' ଚାଉଳ ଯୋଗାଇଦେବା ସକାଶେ ଘୋଷଣା କରିଛନ୍ତି । କରୋନା ଓ ବିପର୍ଯ୍ୟୟ ପୀଡ଼ିତଙ୍କ ଉଦ୍ଦେଶ୍ୟରେ ହିତାଧିକାରୀମାନଙ୍କ ଏହା ଉଦ୍ଦିଷ୍ଟ । କିନ୍ତୁ ସମାଲୋଚନା ଶୁଣିବାକୁ ମିଳୁଛି ଯେ, ମାଗଣା ରନ୍ଧା ଗ୍ୟାସ୍, ଇନ୍ଦିରା ଆବାସ ଘର, ଚାଉଳ, ଡାଲି ଯୋଗାଇ ଦିଆଯାଉଛି । ଏହା କେବଳ ମତଦାତାମାନଙ୍କୁ ପ୍ରଭାବିତ କରିବା ଲାଗି ଗୋଟାଏ ଫନ୍ଦି । ଏକପକ୍ଷରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କୁ ଉପରକୁ ଉଠାଇବା କଥା କୁହାଯାଉଛି, ବିପରୀତ ପକ୍ଷେ ସେମାନଙ୍କୁ ମିଳୁଥିବା ସୁବିଧା ସୁଯୋଗ ବିପକ୍ଷରେ ଭିନ୍ନ ମତ ଦିଆଯାଉଛି । ଚାଉଳ ଡାଲି ମହଜୁଦ ରଖି 'ଗରିବ' ମାନେ ଅୟସରେ ରହୁଛନ୍ତି ବୋଲି ସମାଲୋଚନା ଶୁଣିବାକୁ ମିଳୁଛି । ରାଜ୍ୟ ତଥା କେନ୍ଦ୍ର ସରକାରମାନେ ପ୍ରକୃତ ହିତାଧିକାରୀଙ୍କୁ ଚୟନ କରି ଦାରିଦ୍ର୍ୟ ଉନ୍ମୁଳନ କାର୍ଯ୍ୟକ୍ରମକୁ ଠିକ୍ ମାର୍ଗରେ ପରିଚାଳିତ କଲେ ହିଁ ରାଜସ୍ୱ ବରବାଦ ହେବାର ସାର । ଅର୍ଥନୀତିରେ ଦୁର୍ଗତି ମାଡ଼ିଆସୁଛି, ଏହା ସମସ୍ତଙ୍କର ଉପଲବ୍ଧି । କିନ୍ତୁ ଏଥିରୁ କିଭଳି ଉଠିହେବ ଏବଂ ବିକାଶ ମାର୍ଗରେ ଅଗ୍ରସର ହେବାକୁ ସୁନିଶ୍ଚିତ କରାଯିବ, ତାହା ମହାଚିନ୍ତାକୁ ଉଦ୍ରେକ କରିଛି । ଶ୍ରୀଲଙ୍କା ସ ଗ୍ରୀସ୍ ଭଳି ଦେଶରେ ଉତ୍ପନ୍ନ ଦୁଃସ୍ଥିତି ଭଳି ସମୟ ଆସିବା ବେଳକୁ ତମାମ୍ ବିଶ୍ୱ ସଙ୍କଟଗ୍ରସ୍ତ ହୋଇସାରିଥିବ । ଶ୍ରୀଲଙ୍କା କଥା କଣ କହିବା! ରାଜକୋଷର ଠିକ୍ ପରିଚାଳନା ଦିଗରେ ସରକାର ଅଧିକ ସତର୍କତା ଅବଲମ୍ବନ କରିବା ଛଡ଼ା ଅନ୍ୟଗତି ନାହିଁ । କେଉଁଠି କେଞ୍ଚେ ତ' କେଉଁଠି ମେଞ୍ଚେ ନ୍ୟାୟରେ ଚାଲିଛି । ଏହିଭଳି ବ୍ୟବସ୍ଥା ଅବ୍ୟବସ୍ଥା ଭିତରେ କିଭଳି ଆର୍ଥିକ ସ୍ଥିତିକୁ ସମ୍ଭଳାଯାଇ ପାରିବ, ସେହି ଚିନ୍ତା ସମସ୍ତଙ୍କୁ ଘାରିଛି ।

## ସ୍ୱାସ୍ଥ୍ୟ ହିଁ ସମ୍ପଦ



**ବିଶ୍ୱବିଜୟୀ ଦାଶ**

ଆଜି ବିଶ୍ୱ ସ୍ୱାସ୍ଥ୍ୟ ଦିବସ।ସ୍ୱାସ୍ଥ୍ୟ ମଣିଷ ପାଇଁ ଏକ ମୌଳିକ ଆବଶ୍ୟକତା।ସ୍ୱାସ୍ଥ୍ୟ ଭଲ ନ ରହିଲେ, ମଣିଷ ଠିକ୍ ଭାବରେ ଜୀବନଯାପନ କରିପାରିବ ନାହିଁ। ଏହାକୁ ଦୃଷ୍ଟିରେ ରଖି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତରଫରୁ ପ୍ରତିବର୍ଷ ଏପ୍ରିଲ୍ ୭ ତାରିଖକୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଭାବେ ପାଳନ କରାଯାଉଛି। ସ୍ୱାସ୍ଥ୍ୟ ସମସ୍ୟା ଓ ଏହାର ସମାଧାନ ସଂପର୍କରେ ଅବଗତି କରିବା ସହ ସଚେତନ କରିବା ହେଉଛି ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ।ବିଶ୍ୱରେ ଦେଖାଯାଉଥିବା ସ୍ୱାସ୍ଥ୍ୟ ସମସ୍ୟା ଉପରେ ନଜର ରଖିବା ଓ ଏହାର ନିବାରଣ ପାଇଁ ଚେଷ୍ଟା କରିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପ୍ରମୁଖ କାର୍ଯ୍ୟ।

ସ୍ୱାସ୍ଥ୍ୟ ହେଉଛି ଶାରୀରିକ, ମାନସିକ ଓ ସାମାଜିକସ୍ତରରେ ସୁସ୍ଥତା। ଏହା କେବଳ ରୋଗ କିମ୍ବା ବିକଳାଙ୍ଗର ଅନୁପସ୍ଥିତି ନୁହେଁ। ମାନସିକ ସ୍ୱାସ୍ଥ୍ୟର ଗୁରୁତ୍ୱ ଶାରୀରିକ ସ୍ୱାସ୍ଥ୍ୟ ଅପେକ୍ଷା ଅଧିକ। ଅନେକ ରୋଗ ଉଭୟ ଶାରୀରିକ ଓ ମାନସିକ କାରଣରୁ ହୋଇଥାଏ। ଏତଦ୍ବ୍ୟତୀତ ଏବେ ସମାଜରେ ସାମାଜିକ ରୋଗମାନ ଦ୍ରୁତଗତିରେ ବୃଦ୍ଧି ପାଉଛି। ମଦ୍ୟପାନ, ନିଶା ସେବନ, ଦୁର୍ଘଟଣା ଭଳି ଅନେକ ସାମାଜିକ ରୋଗ ସମାଜକୁ ପଙ୍ଗୁ ଓ କଳୁଷିତ କରି ପକାଇଲାଣି।ଏଥିରୁ ନିବୃତ୍ତ ରହିବା ଅତ୍ୟନ୍ତ ଜରୁରୀ।



ସୁସ୍ଥ ରହିବା ପାଇଁ ସୁସ୍ଥ ଖାଦ୍ୟ ହେଉଛି ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଗୋଟିଏ ଦିନରେ ଅତି କମରେ ତିନୋଟି ସୁସ୍ଥ ଏବଂ ପୁଷ୍ଟିକର ଖାଦ୍ୟ ଖାଇବା ନିହାତି ଆବଶ୍ୟକ। ସବୁବେଳେ ରାତ୍ରିଭୋଜନ ହାଲୁକା କରିବା ଦରକାର। ଖାଦ୍ୟରେ ପ୍ରଚୁର ପରିମାଣରେ ଫଳ, ପନିପରିବା, ପୁରା ଶସ୍ୟ, ସୁସ୍ଥ ଚର୍ବି ଏବଂ ପ୍ରୋଟିନ୍ ସମୃଦ୍ଧ ଜିନିଷ ରହିବା ଆବଶ୍ୟକ।

ଏକ ସୁସ୍ଥ ଶରୀର ପାଇଁ ଭଲ ନିଦ ନିତ୍ୟନ୍ତ ଜରୁରୀ।ଯେଉଁମାନେ ରାତିରେ ସଠିକ୍ ଭାବରେ ଶୋଇପାରୁ ନାହାଁନ୍ତି ସେମାନେ ଅନେକ ସମୟରେ ରୋଗରେ ପଡ଼ିଥାନ୍ତି। ଭଲ ନିଦ ଉଭୟ ଶରୀର ଏବଂ ମନକୁ ପ୍ରଭାବିତ କରିଥାଏ।

ସୁସ୍ଥ ଏବଂ ଫିଟ୍ ରହିବା ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ବ୍ୟାୟାମ। ବ୍ୟାୟାମ ଏକ ଶାରୀରିକ କ୍ରିୟା ଯାହାଦ୍ୱାରା ଦେହ ସୁସ୍ଥ ଓ କାର୍ଯ୍ୟକ୍ଷମ ହୋଇଥାଏ।ମନୁଷ୍ୟ ବିଭିନ୍ନ ଇଚ୍ଛା ପୂରଣ ନିମନ୍ତେ ବ୍ୟାୟାମ କରେ ଯଥା ଓଜନ କମେଇବା ବା ସ୍ଥିର ରଖିବା, ମାଂସପେଶୀ ସୁଦୃଢ଼ କରିବା, କ୍ରୀଡ଼ା କୌଶଳରେ ଶୀର୍ଷକୁ ଯିବା, ନିର୍ଦ୍ଦିଷ୍ଟ ଗଣ୍ଠିମାନଙ୍କୁ ଚଳନକ୍ଷମ ରଖିବା ଓ ଆନନ୍ଦ ପାଇବା ନିମନ୍ତେ କରାଯାଏ । ନିୟମିତ ଓ ବାରମ୍ବାର ବ୍ୟାୟାମ କଲେ ଇମ୍ମ୍ୟୁନ ରୋଗ ପ୍ରତିରେଧକ ଶକ୍ତି ବଢ଼ିଥାଏ।ବ୍ୟାୟାମ ଦ୍ୱାରା ମାନସିକ ସ୍ୱାସ୍ଥ୍ୟ ମଧ ଭଲ ରହେ, ବିଷାଦ ଦୂର ହୁଏ, ଯୁକ୍ତାତ୍ମକ ମନୋବଳ ବୃଦ୍ଧି ହୁଏ।

ଶରୀର ସହିତ ମାନସିକ ସ୍ୱାସ୍ଥ୍ୟ ପ୍ରତି ସମାନ ଧ୍ୟାନ ଦେବା ଉଚିତ୍।ଯେତେ ମାନସିକ ସ୍ତରରେ ସୁସ୍ଥ ରହିବ ସେତେ ଶାରୀରିକ ଭାବରେ ଫିଟ୍ ମଧ ରହିବ।


♥ ବି.ଏସସି,
ବି.ଇଡ଼ି(ସ୍ୱତନ୍ତ୍ର ଶିକ୍ଷା)
ଗମ୍ଭାରିମୁଣ୍ଡା, ବାଣପୁର, ଖୋର୍ଦ୍ଧା
ପିନ୍ - ୭୫୨୦୩୫
ମୋ: ୬୩୭୦୨୦୮୪୨୮


## ସୁସ୍ଥ ମଣିଷ ସୁଖୀ ମଣିଷ

**ପ୍ରତାପ ଚନ୍ଦ୍ର ସାହୁ**

ଛୋଟ ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି କାର୍ଯ୍ୟ ରତ ଯୁବକ ଯୁବତୀ ଏବଂ ବୃଦ୍ଧ ବୃଦ୍ଧା ସମସ୍ତଙ୍କ ପାଇଁ ଯୋଗ ଅପରିହାର୍ଯ୍ୟ। ସମ୍ପ୍ରତିକ ପରିସ୍ଥିତିରେ ଭେଜାଲ୍ ଖାଦ୍ୟ ସାଙ୍ଗକୁ ଅମ୍ଳଜାନ ମଧ ଭେଜାଲ୍ ହେଇ ଯିବାକୁ ବସିଲାନି। ଏଣୁ କୌଣସି ବ୍ୟକ୍ତି ଯୁକ୍ତି ତର୍କ ଛଳରେ ନିଜକୁ ପରିଶ୍ରମ କରୁଛି କହି ଅବା ବିଭିନ୍ନ କାର୍ଯ୍ୟରେ ବ୍ୟସ୍ତ ରହୁଛି କହି ଯୋଗ ହେଉ କି ବ୍ୟାୟାମ ହେଉର ଆବଶ୍ୟକତା ନାହିଁ ବୋଲି କହି ଏଡ଼ାଇ ଦେବା ଠିକ ନୁହଁ। ନିଜକୁ ରୋଗ ମୁକ୍ତ ରଖିବାକୁ ହେଲେ ନିୟମିତ ଯୋଗ ଏବଂ ବ୍ୟାୟାମର ଆବେଶ୍ୟକତା ରହିଛି,ଏଇ କଥାକୁ ବୋଧେ କେହି ଅସ୍ୱିକାର କରିବେ ନାହିଁ। ଲୋକେ ଭାବି ନିଅନ୍ତି ଯେ ଟିଭି ପାଖରେ ବସିଲେ ଅବା କମ୍ପ୍ୟୁଟର୍ ପାଖରେ ବସି ଏନ୍‌ଗେଜ୍ ରହିଲେ ଏ ଯୋଗ କି ବ୍ୟାୟାମର କିଛି ଦରକାର ନାହିଁ। ଆଜ୍ଞା ଏ ଧାରଣା ଭୁଲ। ଆପଣ ଯେମିତି ହେଲେ ସମୟ ବାହାର କରନ୍ତୁ ନିୟମିତ ଭାବେ କିଛି ସମୟ ଯୋଗ ଏବଂ ବ୍ୟାୟାମ କରିବା ପାଇଁ। ଏଇ ଭଳିଆ କିଛି ଅପ୍ରକୃତିକ ଓ ଅସ୍ୱଭବିକ୍ ଚିନ୍ତା ଧାରା (ସମୟ ନାହିଁ) ମଣିଷକୁ ରୋଗ ଗ୍ରସ୍ତ କରିଥାଏ, ଅଯଥାରେ ଯନ୍ତ୍ରଣାରେ ଛଟପଟ ହୁଏ ଏବଂ ବେଶୀ ଟଙ୍କା ଖର୍ଚ୍ଚ ବି କରିବାକୁ ପଡିଥାଏ। ଆଗ ଅନ୍ଧବିଶ୍ୱାସର ବସବର୍ତ୍ତି ହୋଇ ଗୁଣି ଗାରେଡ଼ି ଓ ଝଡ଼ାଫୁଙ୍କାର ଆଶ୍ରୟ ନେଉଥିଲେ। ଏବେ ସେ ସମୟ ବଦଳି ଯାଇଛି । ଚିକିତ୍ସା ବିଜ୍ଞାନର ଅଗ୍ରଗତି ଫଳରେ ମଣିଷକୁ ଯମ ମୁହଁରୁ ଛଡେଇ ଆଣି ମଣିଷର ଆୟୁକୁ ସତାୟୁ କରି ପାରିଛି। ଅର୍ଥାତ ମୃତ୍ୟୁହାର ଯଥେଷ୍ଟ ପରିମାନରେ କମି ଯାଇଛି । ଆଧୁନିକ ମଣିଷ ପାଇଁ ବିଜ୍ଞାନର ସର୍ବଶ୍ରେଷ୍ଠ ଅବଦାନ ହେଉଛି ଚିକିତ୍ସା ବିଜ୍ଞାନ ଉତ୍କର୍ଷ।

ଦିନ ଥିଲା ଯେତେବେଳେ ମଣିଷ ହେଜା ମହମରି ଓ ବସନ୍ତ ଭଳି ଉତ୍କଟ୍ ବ୍ୟାଧିରେ ଚିକିତ୍ସା ବଦଳରେ ଠାକୁରାଣୀକୁ ପୂଜା ପୁଜି କରୁଥିଲେ। ଆଜି ଆଉ ସେ ସବୁ ନାହିଁ । ଦିଜିତାଲ୍ ଯୁଗରେ ଆମେ ପାଦ ଦେଇ ସାରିଲେନି । ବହୁ ଜଟିଳ ଓ ଦୁରାରୋଗର ନିରୁପଣ ପନ୍ଥା ବାହାର କରା ଯାଇ ଚିକିତ୍ସା କରାଯାଇ ରୋଗର ଉପସମ୍ କରାଯାଇ ପାରୁଛି । ପେନ ସିଲିନ୍, କ୍ଲୋରୋଫର୍ମ୍, ରଞ୍ଜନରଶ୍ମି ଭଳି ଜିନିଷର ଆବିଷ୍କୃତ ହୋଇ ମଣିଷ ପୁନଃ ଜନ୍ମର ସ୍ୱାଦ ଚାଖି ପାରିଛି। ହୃତ୍‌ପିଣ୍ଡ, କିଡ୍‌ନୀ ଆଦିର ପ୍ରତିରୋପଣ କରାଯାଇ ମଣିଷ ନୂତନ ଜୀବନ ପାଇଁ ପାରୁଛି। ଦୁର୍ଘଟଣାରେ ହରାଇ ଥିବା ବିଭିନ୍ନ ଅଙ୍ଗ ମଧ ଅନ୍ୟ ଏକ ଶରୀରରୁ ଅଣା ଯାଇ ଯୋଡ଼ା ଯାଇ ଜୀବନ ଦାନ କରାଯାଇ ପାରୁଛି। ନିସ୍ତେତକ ଦେଇ ଅନେକ ଅସ୍ତ୍ରୋପଚାର୍ ସଫଳ ହୋଇ ପାରୁଛି। ବିଭିନ୍ନ ରୋଗ ପାଇଁ ପ୍ରତିସେଧକ ଟୀକା ଦିଆ ଯାଉଛି। ପ୍ରତିକାର୍ ବି କରାଯାଉଛି। ପୋଲିଓ, ଯକ୍ଷ୍ମା, କୁଷ୍ଠ, ହଇଜା ବସନ୍ତ ଭଳି ରୋଗ ଆଗର ଭଳି ଆଉ ମାରାତ୍ମକ ହୋଇ ରହି ନାହିଁ। ଯେ କୌଣସି ରୋଗ ବା ବ୍ୟାଧି ପାଇଁ ଆଜି ମଣିଷ ଆତଙ୍କିତ ନୁହେଁ। ଆଧୁନିକ ଚିକିତ୍ସା ପଦ୍ଧତି ପାଇଁ ଜନ୍ମ ହାର୍ ଏକ ପ୍ରକାର ସୀମିତ ରହିବା ସହ ମୃତ୍ୟୁ ହାର୍ ଯଥେଷ୍ଟ ମାତ୍ର ରେ କମି ଯାଇ ମଣିଷକୁ ସତାୟୁ କରି ପରି ପାରିଛି। ଆଧୁନିକ ଯନ୍ତ୍ର ପାତି ଜରିଆରେ ମଣିଷର ଆଭ୍ୟନ୍ତର୍ ଅଂଶର ଚିତ୍ର ସ୍ୱଷ୍ଟ ଭାବେ ଦେଖି ହେଉଛି ଏବଂ ରୋଗ ନିଦାନ କରି ହେଉଛି, ତା ପରେ ଚିକିତ୍ସା କରାଯାଇ ଆରୋଗ୍ୟ କରାଯାଇ ପାରୁଛି । ଭେଷଜ ବିଦ୍ୟାର ଗବେଷଣା ଚିକିତ୍ସା ଜଗତରେ ଏକ ଯୁଗାନ୍ତ କାରି ପଦକ୍ଷେପ । ମରଣ ସିଲ ମନୁଷ୍ୟ ମନରେ ଅମରତ୍ୱର ସ୍ୱାଦ ଆଣିଦେବ ନିମନ୍ତେ ଯେଉଁମାନେ ଆପ୍ରାନ ଉଦ୍ୟମ କରି ସାଫଲ୍ୟ ମଣ୍ଡିତ କରିଛନ୍ତି, ସେଇ ମହାମନିସିମାନେ ହେଲେ ଫ୍ଲେମିଙ୍ଗ୍, ରୋନାଲ୍ଡ ରସ, ଲୁଇ ପସ୍ତର ମ୍ୟାଡ଼ାମ କ୍ୟୁରି ଓ ଜେନର୍ ପ୍ରଭୃତି।



ଚିକିତ୍ସା ବିଜ୍ଞାନର ଅଗ୍ରଗତି ଫଳରେ ଭାରତ ବର୍ଷରେ ୬୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ସଂଖ୍ୟା ୨୦୩୦ ବେଳକୁ ୧୭୯ ନିୟୁତ ଛୁଇଁ ଥିବ ବୋଲି ଏକ ସର୍ଭେରୁ ଜଣା ପଡିଛି। କହିବାକୁ ଗଲେ ସଚେତନତା, ସତର୍କତା, ଆର୍ଥିକ ସ୍ୱଚ୍ଛଳତାଓ ଉନ୍ନତ ଧରଣର ସ୍ୱାସ୍ଥ୍ୟ ସେବା ଫଳରେ ବରିଷ୍ଠ ନାଗରିକ ଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଏହା ମୂଳରେ ରହିଛି 'ଜରା ବିଜ୍ଞାନ'ର କରାମତି। ସାଧାରଣତଃ ନାରୀମାନେ ପୁରୁଷ ମାନଙ୍କ ଅପେକ୍ଷା ଅଧିକା ବର୍ଷ ବଞ୍ଚି ଥାନ୍ତି । ଅନୁବନ୍ସିକ୍ ତଥା ବଂଶ ଗତ ବଞ୍ଚିବାର ଜୀବନ ଶୈଳୀ, ଖାଦ୍ୟର ପ୍ରଭାବ, ରୋଗ ପ୍ରତିରୋଧକ୍ ଶକ୍ତି ବୃଦ୍ଧି, ଆଦି ମଣିଷ ନିରୋଗ ଜୀବନ ଜାପନ୍ କରିବାରେ ସାହାଯ୍ୟ କରୁଛି। ସୁସ୍ଥ ପରିବେଶ, ଚିନ୍ତା ଶୂନ୍ୟ ଜୀବନ ଜାପନ୍, ଚାପ ଶୂନ୍ୟ ଓ ଜୈବିକ ପ୍ରଣାଳୀରେ ଉତ୍ପାଦିତ ଖାଦ୍ୟ ସାମଗ୍ରୀର ବ୍ୟବହାର, ସରଳ ଜୀବନ ଜାପନ୍ କରିବା, ଅନ୍ୟ କାହା ସହ ତୁଳନା ନ କରିବା, ନିଜର ସୀମିତ ସମ୍ବଳ ତଥା ରୋଜଗାର ରେ ହିଁ ନିଜ ପିଲାଙ୍କର ଶିକ୍ଷା ଦୀକ୍ଷା ସହ ପରିବାର ର ପ୍ରତିପୋସନ୍ କରିବା, ବିସୁଦ୍ଧ ଜଳ ବ୍ୟବହାର କରିବା, ବିସୁଦ୍ଧ ବାୟୁ ବ୍ୟବହାର କରିବା, ଆଦିକୁ ଆପେନେଇ ନେଲେ ସୁସ୍ଥ ଜୀବନ ଜାପନ୍ କରି ପାରିବେ। ଯଦିଓ ଚିକିତ୍ସା ବିଜ୍ଞାନ କ୍ଷେତ୍ର ରେ ଆମେ ଅଗ୍ରଗତି କରିଛେ, କିନ୍ତୁ ତାହା ବର୍ତ୍ତମାନ ପରିପ୍ରେକ୍ଷି ରେ ଯଥେଷ୍ଟ ନୁହଁ। ସ୍ୱାସ୍ଥ୍ୟ୍ ସେବାର ଭିତ୍ତିଭୂମି ଆହୁରି ସୁଦୃଢ ହେବାର ଆବଶ୍ୟକତା ରହିଛି। ଅଧିକାରୁ ଅଧିକା ବିଶେଷଜ୍ଞ ଡାକ୍ତର ନିଯୁକ୍ତି କରିବାର ଆବଶ୍ୟକତା ରହିଛି। ସୁସ୍ଥ ଜୀବନ ସୁଖୀ ଜୀବନ।


♥ ନବରଙ୍ଗପୁର
ମୋ: ୯୪୩୭୭୮୮୮୭୦


## ଜାତୀୟ ସ୍ୱାର୍ଥ କୈନ୍ଦ୍ରିକ ଭାରତର ବୈଦେଶିକ ନୀତି



**ଡ. ସମନ୍ୱୟ ନନ୍ଦ**

(ପୂର୍ବ ପ୍ରକାଶିତ ଉତ୍ତାରୁ)

ନିଜର ଶକ୍ତି ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ରିହାତି ଦରରେ ଅଶୋଧିତ ତୈଳ କିଣିବା ସମ୍ପର୍କରେ ରୁଷର ପ୍ରସ୍ତାବ ପରେ ପାଶ୍ଚାତ୍ୟ ଦେଶ ମାନେ ଭାରତ ଉପରେ ଲଗାତାର ଚାପ ପ୍ରୟୋଗ କରିବାକୁ ଚେଷ୍ଟା କରିଛନ୍ତି । ହେଲେ ଭାରତ ସ୍ୱଷ୍ଟ କରି ଦେଇଛି ଯେ ଭାରତୀୟଙ୍କ ସ୍ୱାର୍ଥ ହିଁ ତା ପାଇଁ ସବୁଠାରୁ ବଡ ।

ଏବେ ବ୍ରିଟେନର ବୈଦେଶିକ ସଚିବ ଏଲିଜାବେଥ ମଧ୍ୟ ୟୁକ୍ରେନ ସମର୍ଥନରେ ଓ ରୁଷ ବିରୁଦ୍ଧରେ ଭାରତକୁ କରିବା ପାଇଁ ଚାପ ପକାଇବାକୁ ଚେଷ୍ଟା କରିଥିଲେ । ୟୁକ୍ରେନ-ରଷ ମଧରେ ସଂଘର୍ଷ ଚାଲିଥିବା କାରଣରୁ ପେଟ୍ରୋଲିୟମ ଉତ୍ପାଦ ଓ ଅଶୋଧିତ ତୈଳ ବଜାରରେ ନିଆଁ ଲାଗି ଯାଇଛି । ବର୍ତ୍ତମାନ ପରିସ୍ଥିତିରେ ରଷ ଭାରତକୁ କମ ମୂଲ୍ୟରେ ଅଶୋଧିତ ତୈଳ ଦେବାକୁ ପ୍ରସ୍ତାବ ଦେଇଛି । ଭାରତ ଏହାକୁ ନେଇ ସକାରାତ୍ମକ ରଖିଛି ।

ବ୍ରିଟେନର ବୈଦେଶିକ ସଚିବ ଏଲିଜାବେଥ ଓ ଭାରତର ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ଭାରତ-ୟୁକେ ଷ୍ଟ୍ରାଟେଜିକ ଫ୍ୟୁଚର ଫୋରମରେ ଆଲୋଚନା କରୁଥିବା ବେଳେ ଏକ ପ୍ରଶ୍ନ ଆସିଥିଲା । ଏହି ପ୍ରଶ୍ନଟି ଭାରତ ରୁଷ ଠାରୁ ରିହାତି ମୂଲ୍ୟରେ ଅଶୋଧିତ ତୈଳ କ୍ରୟ କରିବାକୁ ପ୍ରସ୍ତାବକୁ ଗ୍ରହଣ କରିବା ସମ୍ପର୍କିତ ଥିଲା ।

ଏହାର ଉତରରେ ଭାରତର ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ଏହି ପ୍ରଶ୍ନର ଉତରରେ ଯାହା କହିଥିଲେ ତାହା ବିଶ୍ୱ ରାଜନୀତିରେ ଭାରତର ଦୃଢ ଆତ୍ମବିଶ୍ୱାସକୁ ପ୍ରତିପାଦିତ କରୁ । ଶ୍ରୀ ଜୟଶଙ୍କର କହିଥିଲେ ଯେ - 'ଏଭଳି ଅନୁଭବ ହେଉଛି ଯେ ଏହି ପ୍ରସଙ୍ଗରେ କିଛି ସମୟ ହେଲା ଏକ କ୍ୟାମ୍ପେନ ଆରମ୍ଭ କରା ଯାଇଛି ।' ଏପରି କହି ସେ ବ୍ରିଟେନ ଓ ଅନ୍ୟ ପାଶ୍ଚାତ୍ୟ ଦେଶ ମାନଙ୍କୁ ଦର୍ପଣ ଦେଖାଇଥିଲେ । ସେ କହିଥିଲେ ଯେ ଭାରତ ରଷ ଠାରୁ ଅଶୋଧିତ ତୈଳ ରିହାତି ଦରରେ କିଣିବାକୁ ନେଇ ପ୍ରଶ୍ନ ଉଠା ଯାଉଛି, ହେଲେ ୟୁରୋପୀୟ ଦେଶ ମାନେ ରଷ ଠାରୁ ଫେବୃଆରୀ ମାସରେ ଯେତେ ଅଶୋଧିତ ତୈଳ କ୍ରୟ କରିଥିଲେ ତା ଠାରୁ ୧୫ ପ୍ରତିଶତ ଅଧିକ ତୈଳ ମାର୍ଚ୍ଚ ମାସରେ କ୍ରୟ କରିଛନ୍ତି ।

ଜୟଶଙ୍କର ସ୍ୱଷ୍ଟ ଶବ୍ଦରେ ବ୍ରିଟେନର ବୈଦେଶିକ ମନ୍ତ୍ରୀଙ୍କୁ ଉତର ଦେଇ କହିଥିଲେ ଯେ - 'ଯେତେବେଳେ ଅଶୋଧିତ ତୈଳର ଦାମ ବଢ଼ିବ, ସେତେବେଳେ ସାଧାରଣ ଭାବେ କୌଣସି ଦେଶ ମଧ୍ୟ ବଜାରକୁ ଯାଇ ତାଙ୍କ ଦେଶର ଲୋକ ମାନଙ୍କ ପାଇଁ ଯାହା ଭଲ ହେବ ତାକୁ କିଣିବା ପାଇଁ ପ୍ରୟାସ କରିବ ।'

ଜୟଶଙ୍କର ଆହୁରି କହିଥିଲେ ଯେ ଏ ସମ୍ପର୍କରେ ଭାରତ ତାର ଆବଶ୍ୟକତା ଉପସାଗରୀୟ ଦେଶ ମାନଙ୍କ ଠାରୁ ପୂରଣ କରିଥାଏ । ଆମେରିକାରୁ ୮ ପ୍ରତିଶତ ଓ ରଷରୁ କେବଳ ୧ ପ୍ରତିଶତ ଅଶୋଧିତ ତୈଳ ଭାରତ କ୍ରୟ କରିଥାଏ । ସେ କହିଥିଲେ ଯେ 'ମୁଁ ନିଶ୍ଚିତ ଯେ ଯଦି ଆମେ ଦୁଇ- ତିନି ମାସ ଅପେକ୍ଷା କରିବା ଓ ଦେଖିବା ରୁଷରୁ ସର୍ବାଧିକ ତୈଳ ଓ ଗ୍ୟାସ କ୍ରୟ କରୁଥିବା ସବୁଠାରୁ ଦେଶ କିଏ, ତେବେ ଦେଖିବା ଯେ ଏହି ତାଲିକାରେ କୌଣସି ପ୍ରକାର ବିଶେଷ ପରିବର୍ତ୍ତନ ହୋଇ ନ ଥିବ । ମୋର ଆକଳନ ହେଲା ଯେ ଭାରତ ଏହି ତାଲିକାରେ ପ୍ରଥମ ଦଶଟି ଦେଶ ମଧ୍ୟରେ ନ ଥିବ ।'

ଭାରତର ଏହି ଉତର ବ୍ରିଟେନର ବୈଦେଶିକ ମନ୍ତ୍ରୀ କଦାପି ଆଶା କରି ନ ଥିବେ । ଭାରତକୁ ଏପରି ଉତର ଏଇଥି ପାଇଁ ଦେବା ଜରୁରୀ ହୋଇ ପଡିଥିଲା ଯେ ବାସ୍ତବରେ ରଷରୁ ଅଶୋଧିତ ତୈଳ ରିହାତି ଦରରେ କ୍ରୟ ନେଇ ଭାରତ ବିରୁଦ୍ଧରେ ପାଶ୍ଚାତ୍ୟ ଦେଶ ମାନେ ଏକ ପ୍ରକାର ଅଭିଯାନ ଆରମ୍ଭ କରି ଦେଇଥିଲେ । ଦୁଇ ଦିନ ପୂର୍ବରୁ ଆମେରିକାର ଡେପୁଟି ଏନଏସଏ ଦଲିପ ସିଂହ ମଧ୍ୟ ଭାରତ ଆସି ବ୍ରିଟେନ ପରି ସମାନ କଥା କହିଥିଲେ । ସେ କହିଥିଲେ ଯେ 'ରଷ ଠାରୁ ଦ୍ରୁତ ଗତିରେ ଭାରତ ଅଶୋଧିତ ତୈଳ କ୍ରୟ କରୁ ଏହା ଆମେରିକା ଚାହେଁ ନାହିଁ ।'

ତେଣୁ ପାଶ୍ଚାତ୍ୟ ଦେଶ ମାନେ ଭାରତ ଉପରେ ଏହି ପ୍ରସଙ୍ଗରେ ଚାପ ପ୍ରୟୋଗ କରିବାକୁ ଏହି କଥାକୁ ବାରମ୍ବାର ଉଠାଉଛନ୍ତି । ତେଣୁ ଭାରତର ବୈଦେଶିକ ମନ୍ତ୍ରୀ ରୋକଠୋକ ଭାବେ ୟୁରୋପୀୟ ଦେଶ ମାନଙ୍କୁ ଦର୍ପଣ ଦେଖାଇବା ସହ ଭାରତର ଆଭିମୁଖ୍ୟକୁ ସ୍ୱଷ୍ଟ କରି ଦେଇଛନ୍ତି । ଏଥିରୁ ଗୋଟିଏ କଥା ସ୍ୱଷ୍ଟ ହୋଇ ଯାଇଛି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତର ବୈଦେଶିକ ନୀତି କେଉଁ ବୈଶ୍ୱିକ ମହାଶକ୍ତିର ଚାପରେ ଚାଲୁ ନାହିଁ । ଏବେକାର ଭାରତ ଆଉ ପୁରୁଣା ଭାରତ ହୋଇ ରହି ନାହିଁ । ଏବେକାର ଭାରତ ତାର ବୈଦେଶିକ ନୀତି କାହାରି ଚାପରେ ନୁହେଁ ବରଂ ଭାରତର ଜାତୀୟ ସ୍ୱାର୍ଥ, ଭାରତର ଲୋକ ମାନଙ୍କର ହିତ ଆଧାରରେ ହିଁ ପରିଚାଳନା କରିଥାଏ । ଏହା ପୁଣି ଥରେ ପ୍ରମାଣିତ ହୋଇଛି । (ସମାପ୍ତ)




### ଭିନ୍ନ ଠିକଣା



**ସୁନନ୍ଦା ମହାନ୍ତି**

ଲୁହ ଏକ ସମୁଦ୍ରର ନାଁ
ଜଳ ତା ଲୁଣିଆ
ସମୁଦ୍ର ପଚାରେନା ସିନା
ନାଆଁ ଗାଁ କାହାର ଠିକଣା

ଲୁହ ସମୁଦ୍ର ନିଜେ ନିଜର
ଭାବ ବିନୋଦିଆ
ଜାଣିଥାଏ ହୃଦୟ ଲଫାପା କିମିଆ

ସମୁଦ୍ର ସେପାରେ ଅସ୍ତିତ୍ୱ
ଖୋଜେ ଏ ସାରା ଦୁନିଆଁ

ଲୁହ କିନ୍ତୁ ବ୍ୟକ୍ତିଗତ ଦୁଇ ଠୋପା
ଭାରି ଅମାନିଆ
ଦୁଇ ଆଖି ଭିତରେ ତା ଗାଁ
ବଶବର୍ତ୍ତୀ ମୋହ ଆଉ ମାୟା
ସୁଖଦୁଃଖର ଏକାନ୍ତ ସାହା
ବୁଝେନା ସେ ଅଦିନିଆ

ଖୋଜୁଥାଏ ରାହା
ଗଡିଯାଇ ପୋଛା ହୁଏ
ପଣତରେ ଆହା

ସମୁଦ୍ର ସେତ କରୁଛି ସଭିଙ୍କୁ ବାୟା
ଲୁହ ଆଉ ସମୁଦ୍ର
ବ୍ୟକ୍ତି ଓ ସମୂହର ଦୁଇଗୋଟି ନାଆ

ଜଣେ ଅଶ୍ରୁ ନାମେ ଆଖି ଗଙ୍ଗା ଯମୁନା
ଆଉ ଜଣେ ବାଆ କୁ ବତାଟିଏ ଯାହା


♥ ସାକ୍ଷୀଗୋପାଳ
ପୁରୀ


### କ୍ଷୁଧା

**ଡକ୍ଟର ମନୋରଞ୍ଜନ ବିଷୋୟୀ**



ସାଗରର ନୀଳ ଢେଉ କ୍ଷୁଧା ନାଶିବାକୁ
ମଥାପିଟେ ବେଳାଭୂମିପରେ
ଚୂନା ଚୂନା କୁନ୍ତଳକୁ ନେଇ
ଫେରିଯାଏ ଘନ ଆହ୍ଲାଦରେ ।

ସୁନୀଳ ଅମ୍ବର ଉପରେ
ତପନ ତରଙ୍ଗ
ଶଶାଙ୍କ ଏବଂ ତାରାପୁଞ୍ଜଙ୍କର
କ୍ଷୁଧାରତ ଆଦି ଅନ୍ତ ନାହିଁ
ପ୍ରତ୍ୟେହ ସନ୍ଧ୍ୟାରେ ଆସି
ଫେରିଯିବା ଅନ୍ୟଥା ନୁହଁଇ ।

ସମୀର ଖେଳାଇ ଦିଏ
କୁସୁମର ହସ
ତା' ବକ୍ଷର କରାଳ ଗର୍ଭରେ
ଲୀନ ହୁଏ ଯେତକ ପ୍ରକୃତି
ତଥାପି ତା ସର୍ବଗ୍ରାସୀ କ୍ଷୁଧା
ଏ ପର୍ଯ୍ୟନ୍ତ ଶାନ୍ତ ହୋଇନାହିଁ ।

କିନ୍ତୁ ଧର୍ମ ନାମେ ବ୍ୟାପକ କ୍ଷୁଧାକୁ
ଈଶ୍ୱରଙ୍କ ଦୟା ଓ ପ୍ରେମକୁ
ପାଇବାର ଆକୁଳତା ନେଇ
ଯେଉଁ କ୍ଷୁଧା ସୃଷ୍ଟି ହୋଇଥାଏ
ସେ'ତ କେବେ ନଇଁ ଯାଇନାହିଁ ।

ତାହାରି ପ୍ରକୋପେ
ସୃଷ୍ଟି ହୁଏ ଅନେକ ତାଣ୍ଡବ
ସେ କ୍ଷୁଧାର ଯଜ୍ଞବେଦୀରୁ
ଅନେକ ହୁଅନ୍ତି ସୃଷ୍ଟ
ବିବେକା ଓ ରାମକୃଷ୍ଣ
ତୁଳସୀ ଓ ଚୈତନ୍ୟ ପର୍ଯ୍ୟନ୍ତ ।

ସେ କ୍ଷୁଧାର ଆଦି ଅନ୍ତ ନାହିଁ
ତା' ପାଦେ ପ୍ରଣତି ବାଢ଼େ
ଏ ସୃଷ୍ଟିର ସୃଷ୍ଟିକର୍ତ୍ତା
ନିଜ ମଥାକୁ ନୁଆଁଇ ।


♥ ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜବିହାର
ମୋ:୮୮୯୫୧୪୧୭୨୭


### ଇଷ୍ଟଦେବୀ ମାଁ

**ଦିନେଶ ମେହେର**



ମୋ ଆଦି ବି ତୁ ଗୋ
ମୋ ଅନ୍ତ ବି ତୁ ଗୋ
ମାଁ!
ମୋ ଜୀବନ ତିମିର କୁ ଭେଦି
କ୍ଷୁଦ୍ର ଜୀବକୁ ମୋର
ତୋ ଚରଣ ତଳେ ଆଶ୍ରା ଦେଇଛୁ,
ବିପଦ ର ବନ୍ୟା ଯେବେ
ମୋ ଭାଗ୍ୟର ନଈ କୁ
ଭୀତତ୍ରସ୍ତ କରେ ମାଁ,
ସେଇ ବେଳା ରେ ତୋ କରୁଣା
ପ୍ରାପତ କରି,
ଭୀତକୁ ଦିଏ ଦୂରେଇ।
ମାଁ କେତେ ନାମେ
କେତେ ଧାମେ
ବିରାଜିଛୁ ଏହି ମହି ମଣ୍ଡଳେ
ମାଣିକେଶ୍ୱରୀ ନାମେ ଭବାନୀ
ପାଟଣେ,
ସମଲେଇ ନାମେ ସମ୍ବଲପୁରରେ,
ସାରଳା ନାମେ ଝଙ୍କଡ଼ ରେ,
ମଙ୍ଗଳା ନାମେ କାକଟ ପୁରେ,
କି ଗାଥା ଗାଇବି ମାଁ
ମୁଁ ଯେ ଆଜନ୍ମ ମୂର୍ଖ,
ଛାୟା ମାୟା ତୋର
କି ଭାବେ ପାରିବି ବୁଝି।
ଚଇତି ପୁନେଇ ପାହାନ୍ତା ରେ
ତୋର ଯେ କେତେ ଯାନି ଯାତରା
କେତେ ଭକତ ପୂଜା ପାଇ
ତୁ ଯେ ଦେଉଳେ ବିରାଜିଛୁ
ଆନନ୍ଦ ସହକାରେ,
ଦୁନିଆ କୁ ଦେଖୁଛୁ ଆଖି ଖୋଲି
ତେବେ ଦେଖି ଯା ଥରେ,
ଦିଶୁନାହିଁ କି ତତେ ଏ ପାପର ମହୀ ?
ପାପର ଭାର କେମିତି ସହିବ
ଏହି ଧରଣୀ ରାଣୀ।
ନିର୍ମମ ମାନବ ଚକ୍ରାନ୍ତେ
ନିର୍ଦ୍ଦୋଷ ହୋଇ ଯାଏ ଦୋଷୀ,
ବିନା ଦୋଷେ ତା ମୁଣ୍ଡେ
ବୋଲି ହୋଇ ଯାଏ କଳଙ୍କ,
ମାଁ!
ପୁଣି କେବେ ଅବତରିବୁ
କେବେ ମହିଷାମର୍ଦ୍ଦିନି ସାଜି
ମହିଷାସୁର ରୂପୀ ନରକୁ ତରିବୁ।


♥ ପଳାସ, ଜୁନାଗଡ଼,
କଳାହାଣ୍ଡି -୭୬୬୦୨୩




### ମଧୁର ବସନ୍ତ

**ବୈଷ୍ଣବ ମେହେର**

ଝଡ଼ିଝଡ଼ି ଯାଏ ସବୁଜ ପତର
ତଥାପି ଉଦାସ ହୁଏନି
ନାଲିରଙ୍ଗଟୋପା ଦେହରେ ଅବୀର
ସଜେଇ ହୋଇଛି ଧରଣୀ !

ପେନ୍ଥାପେନ୍ଥା ଫୁଲ ଝୁମିଝୁମି ନାଚେ
ମୃଦୁ ସୁରେ ମଳୟର
ପଳାସ ବଣରୁ ରହିରହି ଶୁଭେ
କୁହୁକୁହୁ କୋଇଲିର !

ବସନ୍ତ ଆସିଛି ବିଭୋର କରୁଛି
ପ୍ରାଣେପ୍ରାଣେ ଭରେ ପ୍ରିତି
ନବ ବଧୂ ସାଜି ପଳାସ ଛୁଇଁଛି
ସଜେଇଛି ଗାଁ ମାଟି !

କିଏ ଖୋଜେସାଥି କିଏ ଖୋଜେପ୍ରିତି
ପଳାସ ଫୁଲର ହସେ
କବିଟିଏ ଏଠି କବିତା ଖୋଜଇ
ମଧୁର ଫଗୁଣ ବାସେ ।


♥ ସିନାପାଲି,ନୂଆପଡ଼ା





## ଧାରାବାହିକ ପୌରାଣିକ ଉପନ୍ୟାସ

# ଦ୍ୱିତୀୟ ସୂର୍ଯ୍ୟ

**ଡ. ସିନ୍ଧୁ ସେନ**



ମହାଭାରତର ବିଭିନ୍ନ ଚରିତ୍ରକୁ ଭିନ୍ନଭିନ୍ନ ନାମରେ ନାମିତ କରି କିଛି ଉପନ୍ୟାସ ରଚନା କରିବାର ସିଦ୍ଧାନ୍ତ ନେଇଥିବା ଔପନ୍ୟାସିକା ଡ. ସିନ୍ଧୁ ସେନଙ୍କ ଦ୍ୱାରା ଲିଖିତ ଉପନ୍ୟାସ "ଦ୍ୱିତୀୟ ସୂର୍ଯ୍ୟ" । ସୂର୍ଯ୍ୟ ସକଳ ଶକ୍ତିର ଉତ୍ସ । ଜଗତର ଆତ୍ମା । ଯାହାର ଆଲୋକରେ ଆଲୋକିତ ହୋଇଥାଏ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ । ସୃଷ୍ଟି, ସ୍ରଷ୍ଟା ସବୁକିଛିର ରହସ୍ୟ ରହିଛି ତାଙ୍କରି ଠାରେ । ଯୁଗଯୁଗ ଧରି ପୃଥିବୀବାସୀ କେବଳ ଗୋଟିଏ ସୂର୍ଯ୍ୟକୁ ଦେଖି ଆସିଛନ୍ତି, ଦେଖୁଥିବେ ମଧ୍ୟ । ହେଲେ ସୂର୍ଯ୍ୟର ପ୍ରତିରୂପ ଯେ ପୃଥିବୀରେ ଦିନେ ଉଦ୍‌ଭାସିତ ହୋଇଥିଲା । ତାଙ୍କୁ ନେଇ ରଚିତ ଏହି ଉପନ୍ୟାସଟି ଧ୍ୱନି ପ୍ରତିଧ୍ୱନିର ପାଠକମାନଙ୍କ ପାଇଁ...

**ଭାଗ-୫୫**

ନିଜର ସମସ୍ତ କଳାକୌଶଳ ଦେଇ ଯୁଦ୍ଧଭୂମିରେ ବିଜୟର ବାନା ଉଡ଼ାଇବା ପାଇଁ ଆଚାର୍ଯ୍ୟଙ୍କ ଆପ୍ରାଣ ଉଦ୍ୟମ ବାସ୍ତବିକ ପ୍ରଶଂସନୀୟ । ଧନୁରୁ ଅବିରତ ଶରବର୍ଷଣ ହେଉଥାଏ । ଏକାଗ୍ରଚିତ୍ତରେ ଯୁଦ୍ଧ କରୁଥିବା ବେଳେ ହଠାତ୍ ତାଙ୍କ କାନରେ ଗୁଞ୍ଜରିତ ହେଲା 'ଅଶ୍ୱତ୍ଥାମା ମୃତ' । ଧନୁର ଟଙ୍କାର ଶବ୍ଦରେ ମଧ୍ୟ ବାରମ୍ବାର ପ୍ରତିଧ୍ୱନିତ ହେଉଥିଲା ସେଇ ଗୋଟିଏ ସ୍ୱର ।

ଅଶ୍ୱତ୍ଥାମା ମୃତ..... ଅଶ୍ୱତ୍ଥାମା ମୃତ..... ଅଶ୍ୱତ୍ଥାମା ମୃତ.... । ସେପଟୁ ଭୀମ ରଥଚଳାଇ ଆସୁଥାନ୍ତି । ସମ୍ବାଦଟା ତେବେ ତାଙ୍କରି ପାଖରୁ ଆସିଛି ।

ସତ କହୁଛ ଭୀମ, ଅଶ୍ୱତ୍ଥାମା ଜୀବିତ ନା ମୃତ ।

ମୃତ.... ମୃତ.... ମୃତ.... । ମୁଁ ପରା ନିଜେ ଦେଖିଆସିଲି ।

ତଥାପି ବିଶ୍ୱାସ କରିପାରୁ ନାହାଁନ୍ତି ଆଚାର୍ଯ୍ୟ । ପୁତ୍ର ପ୍ରତି ମାତ୍ରାଧିକ ଦୁର୍ବଳତା ତାଙ୍କୁ ବିବଶ କରି ଦେଉଛି । ଭୀମସେନଙ୍କ କଥାରେ ସନ୍ଦେହ କରି ସେ ଚାଲିଲେ ଯୁଧିଷ୍ଠିରଙ୍କ ପାଖକୁ । ଯୁଧିଷ୍ଠିର ଚିତ୍ତ ଯାହାର ସ୍ଥିର । ଧର୍ମର ଯେ ପ୍ରତୀକ । ସତ୍ୟର ଯେ ଅବତାର । ତାଙ୍କ ମୁହଁରେ ମିଛ ଅସମ୍ଭବ । ତେଣୁ ପ୍ରକୃତ ସତ୍ୟାସତ୍ୟ ମିଳିବ ଯୁଧିଷ୍ଠିରଙ୍କ ପାଖରୁ । ଆଚାର୍ଯ୍ୟ ତେଣୁ ଆଗେଇଗଲେ ଯୁଧିଷ୍ଠିରଙ୍କ ପାଖକୁ । ପଚାରିଲେ, ସତରେ କ'ଣ ଅଶ୍ୱତ୍ଥାମା ଆଉ ନାହାଁନ୍ତି ? ସତ କୁହ ଯୁଧିଷ୍ଠିର ।

ନରେ ବା କୁଞ୍ଜରେ ଅଶ୍ୱତ୍ଥାମା ହତ ।

ସ୍ୱଭାବରେ ଯୁଧିଷ୍ଠିର ଥିଲେ ନମ୍ର ଓ ଧୀର । ଆଚାର୍ଯ୍ୟଙ୍କୁ ଶୁଣାଇବା ଭଳି ଅଶ୍ୱତ୍ଥାମା ହତ, ଅଂଶଟିକୁ କେବଳ ସ୍ପଷ୍ଟ ଉଚ୍ଚାରଣ କଲେ । ଅନ୍ୟ ଅଂଶଟି ରହିଗଲା ଅସ୍ପଷ୍ଟ ହୋଇ ।

ବାସ୍.... ଏଇ ଗୋଟିଏ ବାକ୍ୟର ଖଣ୍ଡିତ ଅଂଶ ତାଙ୍କ ହୃଦୟରେ ଆନ୍ଦୋଳିତ ହେଲା । ତାଙ୍କର ଆର୍ଦ୍ରଚକ୍ଷୁରେ ପ୍ରତିବିମ୍ବିତ ହେଲା ପୁତ୍ର ଅଶ୍ୱତ୍ଥାମାର ସ୍ୱରୂପ । ଶକ୍ତିଶୂନ୍ୟ ହୋଇଗଲେ ସେ । ହାତରୁ ଧନୁର୍ବାଣ ଖସିପଡ଼ିଲା ତଳକୁ । ଯୋଗାସନ ମୁଦ୍ରାରେ ରଥ ଉପରେ ହିଁ ବସିରହିଲେ । ଦ୍ରୋଣାଚାର୍ଯ୍ୟଙ୍କ ଏହି ଦୁର୍ବଳ ମୁହୂର୍ତ୍ତର ସୁଯୋଗ ନେଲେ ଧୃଷ୍ଟଦ୍ୟୁମ୍ନ । ପିତୃଶତ୍ରୁ ଉପରେ ପ୍ରତିଶୋଧ ନେବାର ସମୟ ଆସିଯାଇଛି ଭାବି ମୁହୂର୍ତ୍ତେ କାଳବିଳମ୍ବ କରି ଖଡ୍‌ଗ ଉତ୍ତୋଳନ କରି ଆଚାର୍ଯ୍ୟଙ୍କୁ ଶକ୍ତ ପ୍ରହାର କରିବାକୁ ଲାଗିଲେ ।

ଗୁରୁଶ୍ରେଷ୍ଠ ଦ୍ରୋଣାଚାର୍ଯ୍ୟ ଚାଲିଗଲେ । କ୍ଷଣିକରେ ସ୍ତବ୍ଧ ହୋଇଗଲା ଉଭୟପକ୍ଷର ସେନାବାହିନୀ । ଅଶ୍ୱତ୍ଥାମା ନିଜ ପିତାଙ୍କ ଭୂଲୁଣ୍ଠିତ ମୁଣ୍ଡ ଓ ଗୁଣ୍ଡିକୁ ଏକାଠି ଯୋଡ଼ି ଅଶ୍ରୁମୋଚନ କରୁଥାନ୍ତି । ଏସବୁ ଦୃଶ୍ୟ ମୋତେ ବ୍ୟଥିତ କରୁଥିଲା । ସାରାଜୀବନ ଦ୍ରୋଣାଚାର୍ଯ୍ୟ ମୋତେ ସୂତପୁତ୍ର ବୋଲି ଆକ୍ଷେପ କରି ମୋତେ ଅନେକ ମାନସିକ ଯନ୍ତ୍ରଣା ଦେଇ ଆସିଛନ୍ତି । ମାତ୍ର ମୋର ପ୍ରକୃତ ପରିଚୟ ସେ ପାଇପାରିଲେ ନାହିଁ । ସେଇ ତ ମୋର ଦୁର୍ଭାଗ୍ୟ ।

ଆଚାର୍ଯ୍ୟ ଦ୍ରୋଣ । ଧନୁର୍ବିଦ୍ୟାର ଏକ ପ୍ରମୂର୍ତ୍ତ ବିଗ୍ରହ ଯେମିତି । ଆମେ ସମସ୍ତେ ତାଙ୍କଠାରୁ ଶିକ୍ଷା ପାଇଛୁ । ମାତ୍ର ତାଙ୍କପରି ଶକ୍ତିଶାଳୀ ହୋଇପାରିନୁ । ଗୁରୁପୁତ୍ର ଅଶ୍ୱତ୍ଥାମାଙ୍କୁ କ'ଣ କହି ସାନ୍ତ୍ୱନା ଦେବି ଭାବିପାରୁ ନଥିଲି । ମୋର ଥରିଲା ହାତଟିକୁ କେବଳ ତାଙ୍କ କାନ୍ଧରେ ରଖି ଅଶ୍ରୁଝରାଇ ସାନ୍ତ୍ୱନା ଦେଲି ।

ଦ୍ରୋଣାଚାର୍ଯ୍ୟ ଆଉ ନାହାଁନ୍ତି । କୌରବ ସେନାପତିଙ୍କ ବୀରଗତି ପ୍ରାପ୍ତିପରେ ସେନାପତି ଆସନରେ ସୃଷ୍ଟିହୋଇଛି ଶୂନ୍ୟସ୍ଥାନ । ଆଚାର୍ଯ୍ୟଙ୍କ ପରେ କିଏ ହେବ କୌରବ ସେନାର ସେନାଧକ୍ଷ । ସେ ନେଇ କୌରବ ଶିବିରରେ ଆଲୋଚନା ଚାଲିଥାଏ । ଆଚାର୍ଯ୍ୟଙ୍କ ଅନ୍ତେ ପାଣ୍ଡବମାନଙ୍କର ବିଜୟ ସମ୍ଭାବନା ଅଧିକ ଉଜ୍ଜ୍ୱଳ ହୋଇ ଉଠୁଥିଲା । ଦୁର୍ଯ୍ୟୋଧନ ତେଣୁ ନିଜେ ଆସି ମୋ ମୁଣ୍ଡରେ ପିନ୍ଧାଇ ଦେଇଥାନ୍ତି ସେନାପତିଙ୍କ ମୁକୁଟ ।

ଯୁଦ୍ଧର ଦୀର୍ଘଦିନ ଅବ୍ୟାହତି ପରେ ମୋତେ ସେନାପତି ପଦ ମିଳିଛି । ଏବେ ଯୁଦ୍ଧ ହେବ ମୋ ନିର୍ଦ୍ଦେଶରେ । ସତ୍ୟସେନ ମୋର ସାରଥି । କୌରବସେନା ମଧ୍ୟରେ ମୋର ଜୟଜୟକାର ଧ୍ୱନି ପ୍ରକମ୍ପିତ ହୋଇ ଉଠୁଥାଏ । ତୂରୀ, ଭେରୀ, ଶଙ୍ଖ ଆଦିର ମିଳିତ ଧ୍ୱନିରେ ଆଗେଇ ଚାଲିଥିଲେ ସେନାଦଳ ।

ଅର୍ଜୁନଙ୍କ ନେତୃତ୍ୱରେ ପାଣ୍ଡବବାହିନୀ ଯୁଦ୍ଧ କରୁଥାନ୍ତି । ତାଙ୍କର ଗାଣ୍ଡିବ ଧନୁର ଟଙ୍କାରରେ କମ୍ପି ଉଠୁଥାଏ ରଣକ୍ଷେତ୍ର । ମୋ ସେନାପତିତ୍ୱରେ ଯୁଦ୍ଧର ରୂପ ଭୟଙ୍କର ହୋଇ ଉଠୁଥାଏ । ଏହା ଭିତରେ ମୋ ସାମନାକୁ ଆସିଯାଆନ୍ତି ଯୁଧିଷ୍ଠିର, ନକୁଳ ଓ ସହଦେବ । ସେମାନେ ମୋ ଠାରେ ପରାସ୍ତ । ମାତ୍ର ମାତା କୁନ୍ତୀଙ୍କୁ ଦେଇଥିବା ପ୍ରତିଶ୍ରୁତିକୁ ମନେପକାଇ ମୁଁ ସେମାନଙ୍କୁ କେବଳ ଆଘାତ କରି ଛାଡ଼ି ଦେଇଛି, ବଧ କରିନାହିଁ । ମୋର ତ କେବଳ ଗୋଟିଏ ଲକ୍ଷ୍ୟ ଅର୍ଜୁନ । କିନ୍ତୁ ଏବେବି ଅର୍ଜୁନଙ୍କୁ ସାମନାରେ ପାଇପାରୁନି । ବାସୁଦେବ କୃଷ୍ଣ ତାଙ୍କୁ ମୋ ଠାରୁ ଦୂରକୁ ନେଇ ଯାଉଥାନ୍ତି । ମନେମନେ ଭାବୁଥାଏ, ଏସବୁ ରହସ୍ୟର ଅର୍ଥ କ'ଣ ? ଆଉ କେତେଦିନ ସେ ଏମିତି ଅର୍ଜୁନଙ୍କୁ ସୁରକ୍ଷା ଦେଇ ଚାଲିଥିବେ । ଦିନେ ନା ଦିନେ ତ ଅର୍ଜୁନ ମୋ ସାମନାକୁ ଆସିବେ । ତେବେ, ତାହା ପୂର୍ବରୁ ମୋତେ ଆହୁରି ଶକ୍ତିହୀନ କରିଦେବା କ'ଣ କୃଷ୍ଣଙ୍କ ଉଦ୍ଦେଶ୍ୟ ? କିଏ ଜାଣେ ? ବହୁପୂର୍ବରୁ ମୋ ଠାରୁ ଛଳକପଟ କରି ସବୁ ଛଡ଼ାଇ ନିଆଯାଇଛି । ମୋତେ ଦୁର୍ବଳ, ଶକ୍ତିହୀନ କରିଦିଆଯାଇଛି । ଆଉ ପୁଣି ମୋ ପାଖରେ କ'ଣ ଅଛି ଯେ, ତାକୁ ମଧ୍ୟ କାଢ଼ିନେବାକୁ ଚାହୁଁଛନ୍ତି ।

ସ୍ୱୟଂ ବାସୁଦେବ କୃଷ୍ଣ ଯାହାଙ୍କ ସହାୟ, ତାଙ୍କୁ ହରାଇବାର ଶକ୍ତି କାହାର ଅଛି ? ତେବେ, ମୋତେ କେବଳ ଗୋଟିଏ କଥା ବିବ୍ରତ କରୁଥାଏ, ଯୁଦ୍ଧ ଯଦି କୃଷ୍ଣଙ୍କ ନିର୍ଦ୍ଦେଶରେ ପରିଚାଳିତ, ବିଜୟ, ପରାଜୟ ଯଦି ତାଙ୍କ ହାତରେ ତେବେ ମୋତେ ଶକ୍ତିହୀନ, ଦୁର୍ବଳ କରିଦେବାପାଇଁ ଏତେ ଷଡ଼ଯନ୍ତ୍ର କରୁଥିଲେ କ'ଣ ପାଇଁ ? କୃଷ୍ଣଙ୍କର ଏଇ କୃତ୍ରିମତା ମୋତେ ଆଦୌ ଭଲ ଲାଗୁ ନଥିଲା । ମୋ ଆଖି ସାମନାରେ ଦୃଶ୍ୟମାନ ହେଉଥିଲା କୃଷ୍ଣଙ୍କ ସ୍ୱରୂପ ।

କୃଷ୍ଣ ପରମ ଅଲୌକିକ ଶକ୍ତିର ଆଧାର । କାହା ପାଖରେ ସେ ବିଷ୍ଣୁଙ୍କ ଅବତାର ତ କାହା ପାଖରେ ଯଶୋଦାନନ୍ଦନ କାହ୍ନା । ଜନ୍ମଠାରୁ ଅବଧି ଅନେକ ଲୀଳା ରଚନାକରି ସେ ଲୀଳାମୟ । ତାଙ୍କ ବିଷୟରେ ଯେତେ ତର୍ଜମା କଲେ, ତାର ଶେଷ ହୁଏନି । ସତରେ ଯେମିତି ସେ ଅସରନ୍ତି ସର୍ବରୂପ ଗୁଣସମ୍ପନ୍ନ । ଲୀଳାମୟ ଶ୍ରୀକୃଷ୍ଣ ଏକାଧାରରେ ମାୟାବୀ ପୁଣି କପଟୀ । ତାଙ୍କର ନୀଳ ଇନ୍ଦିବର କାନ୍ତି ଦେଖିଲେ ମନ ମୋହିଯାଏ ସତ, ହେଲେ ତାରି ଭିତରେ ପୂରି ରହିଥାଏ ରହସ୍ୟ । ତାଙ୍କର ରୂପ, ଗୁଣ, ହସ, ଆଖିନଚ ଚାହାଣୀ ସବୁଠି ଯେମିତି ଭରିରହିଛି କୃତ୍ରିମତା । ଅର୍ଜୁନଙ୍କ ଭଳି ମୁଁ ସିନା ତାଙ୍କର ସଖା ହେବାର ସୌଭାଗ୍ୟ ପାଇନି, ହେଲେ ମୁଁ ତ ତାଙ୍କ ପ୍ରତି କିଛି ଅନ୍ୟାୟ କରିନି, ଛଳନା କରିନି । ବରଂ ସେ ମୋ ସହ କରିଛନ୍ତି । ଅର୍ଜୁନର ସୁରକ୍ଷା ପାଇଁ ମୋତେ ଯୁଦ୍ଧରୁ ଓହରିଯିବା ପାଇଁ ମୋର ଜନ୍ମ ପରିଚୟର ରହସ୍ୟ ଖୋଲିଦେଇ ମୋତେ ଆନମନା କରିଛନ୍ତି । ଦେଖିବାକୁ ଗଲେ ଅନେକ ଭାବରେ ପ୍ରତାରିତ କରିଛନ୍ତି ମୋତେ । ଯେତେବେଳେ ମୋର ପରିଚୟର ଆବଶ୍ୟକତା ଥିଲା, ସେଦିନ ସମସ୍ତ ବିଷୟ ଗୋପନ ରଖିଛନ୍ତି । ମୋ ବୀରତ୍ୱକୁ ଅବମାନନା କରିଛନ୍ତି । ତେବେବି ମୁଁ ତାଙ୍କର ଐଶ୍ୱରିକ ସତ୍ତାକୁ ସ୍ୱୀକାର କରିଛି । ଏବେବି ତାଙ୍କର ତ୍ରିକାଳ ଶକ୍ତିକୁ ପ୍ରଣାମ କରୁଛି । କୃଷ୍ଣଙ୍କ ବିଷୟରେ ଏମିତି ଭାବୁଭାବୁ ମୁଁ ଯେ କେତେବେଳେ, ମୋ ଶିବିରକୁ ଆସିଯାଇଛି ଜାଣେନା । ଶିବିରରେ ଚାରିଆଡ଼େ ବିରାଜମାନ କରୁଥିବା ଶୂନ୍ୟତା ଭିତରେ ମୁଁ କେବଳ ଘୂରି ବୁଲୁଥିଲି ।

- ଅଣପଚାଶ -

ନିତ୍ୟକର୍ମ ସାରି ବାହାରେ ପଦଚାରଣ କରୁଥିଲି । ଦୂତ ମୁହଁରୁ ଏକ ଦାରୁଣ ସମ୍ବାଦ ପାଇ ସେଦିନ ମୁଁ ସ୍ତମ୍ଭୀଭୂତ ହୋଇପଡ଼ିଲି । ସମ୍ବାଦଟି କେବଳ ଦାରୁଣ ନଥିଲା, ଥିଲା ଭୟାନକ ଓ ବିଭତ୍ସ ମଧ୍ୟ । ଭୀମସେନଙ୍କ ହାତରେ ନିହତ ହୋଇଥିଲେ ଦୁଃଶା । ଶାନ୍ତ, ସୁଧାର ବିନମ୍ର ଭାବେ ସ୍ୱତନ୍ତ୍ର ଭାବେ ଖ୍ୟାତି ରହିଥିବା ପାଣ୍ଡବପକ୍ଷ ଯେ ଏତେ ଭୟଙ୍କର ହୋଇପାରନ୍ତି ତାହା ମୁଁ କଳ୍ପନା ମଧ୍ୟ କରିପାରୁ ନଥିଲି । ଦୁଃଶାସନ କେବଳ ଦୁର୍ଯ୍ୟୋଧନଙ୍କ ପ୍ରିୟ ଅନୁଜ ନଥିଲା । ମୋର ମଧ୍ୟ ଥିଲା ଏକାନ୍ତ ଆପଣାର ଅନୁଜପ୍ରତିମ । ସେ ଯେ ଆଉ ଏ ଇହଧାମରେ ନାହାଁନ୍ତି ଏକଥା ବିଶ୍ୱାସ କରିପାରୁ ନଥିଲି । ଅବଶ୍ୟ, କୁରୁସଭା ତଳେ ଦ୍ରୌପଦୀର ବସ୍ତ୍ରହରଣ ପର୍ବରେ ଦୁଃଶା ଯେ ଦ୍ରୌପଦୀଙ୍କୁ ବିବସ୍ତ୍ରା କରିବାକୁ ଚେଷ୍ଟା କରିଥିଲା । ସେଦିନ ସେଇ ଅପମାନର ତୀବ୍ର ଜ୍ୱାଳା ସହିନପାରି ଭୀମସେନ ସେଇ ମୁହୂର୍ତ୍ତରେ ହିଁ ପ୍ରତିଜ୍ଞା କରିଥିଲେ । ଯେଉଁ ହାତରେ ଦୁଃଶା ପାଞ୍ଚାଳୀର କେଶ ଟାଣିଟାଣ ସଭାସ୍ଥଳକୁ ଆଣିଛି, ପୁଣି ବିବସ୍ତ୍ରା କରିବାକୁ ମଧ୍ୟ ପଛାଇ ନାହିଁ ସେହି ହାତଟିକୁ ଉପାଡ଼ିଦେବି ଓ ତାର ଛାତି ଚିରି ସେଇ ଲହୁରେ ଦ୍ରୌପଦୀଙ୍କ କେଶ ପ୍ରକ୍ଷାଳନ କରିବି । ତାହା ଆଜି ପୂରଣ ହୋଇଛି । ଏକାକୀ ଭୀମସେନ ଦୁଃଶାବଧ ପାଇଁ ଦାୟୀ । ଘଟଣାଟି ଥିଲା ଏହିପରି ।

ଭୀମସେନ ଓ ଦୁଃଶାସନ ଉଭୟ ଥିଲେ ଗଦାଯୁଦ୍ଧରେ ଧୁରନ୍ଧର । ଅପୂର୍ବ ବଳବିକ୍ରମ ଦେଖାଇ ଉଭୟ ପରସ୍ପର ମଧ୍ୟରେ ଯୁଦ୍ଧ କରୁଥାନ୍ତି । ଦୁଇ ବୀରଙ୍କ ମଧ୍ୟରେ ବହୁ ସମୟ ଧରି ଗଦାଯୁଦ୍ଧ ଚାଲେ । ଉଭୟ କ୍ଷତବିକ୍ଷତ । ତଥାପି କେହି ଶାନ୍ତ ରୁହନ୍ତି ନାହିଁ ବରଂ ଯୁଦ୍ଧର ରୂପ ଆହୁରି ଭୟଙ୍କର ହୁଏ । ଶେଷରେ ଦୁଃଶାସନକୁ ତଳେ ଗଡ଼ାଇ ପକାନ୍ତି ଭୀମସେନ । ଆଉ ତାଙ୍କ ବକ୍ଷଦେଶରେ ଜୋରରେ ମୁଷ୍ଟିଘାତ ଦେଇ ପ୍ରହାର କରୁଥାନ୍ତି । ଶେଷରେ ବଳପୂର୍ବକ



ଉପାଡ଼ି ଦିଅନ୍ତି ଦୁଃଶାର ବାହୁକୁ । ଦୁଃଶାର ଉଷ୍ମ ଲହୁକୁ ଆଞ୍ଜୁଳିରେ ଭରି ଦୌଡ଼ିଯାନ୍ତି ପାଣ୍ଡବ ଶିବିରକୁ । ମୁକ୍ତକେଶୀ ପାଞ୍ଚାଳୀ ସେଇ ରକ୍ତରେ ବେଣୀବନ୍ଧନ କରନ୍ତି । ପ୍ରତିଶୋଧ ପରାୟଣ ଭୀମସେନଙ୍କ ଆତ୍ମା ତୃପ୍ତହୁଏ । ଅପମାନର ତୀବ୍ରଜ୍ୱାଳାରେ ଜଳୁଥିବା ପାଞ୍ଚାଳୀ ମଧ୍ୟ ଆଶ୍ୱସ୍ତ ହୁଅନ୍ତି ।

ପ୍ରତିଶୋଧ ପୁଣି ଶତ୍ରୁ ଉପରେ ପ୍ରତିଶୋଧ । ପ୍ରତିଶୋଧର ନିଶା କେତେ ହିଂସ୍ର, ଜଘନ୍ୟ ପୁଣି କେଡ଼େ ବିଭତ୍ସ । ଓଃ କି ନିଷ୍ଠୁର, କି ମର୍ମାନ୍ତିକ ଜ୍ୱଳନ ପରେ ନିର୍ବାପନ ରହିଛି । ମାତ୍ର ଏ ଜ୍ୱଳନର ତୀବ୍ରତା ଏତେ ଉତ୍କଟ ଯେ ଏହାକୁ ନା ରୋକାଯାଇ ପାରେ, ନା କିଛି ପ୍ରତିଷେଧକ ବ୍ୟବସ୍ଥା କରାଯାଇପାରେ । ଦୁଃଶା କରିଥିବା ପାପର ଅନ୍ତିମ ପରିଣତି ଯେ ଏଭଳି ସାଂଘାତିକ ଓ ଭୟଙ୍କର ହୋଇପାରେ, ତାହା ମୁଁ ଆଦୌ ବିଶ୍ୱାସ କରିପାରୁ ନଥିଲି । ମୋ ମନରେ ଯୁଦ୍ଧପାଇଁ ପୂର୍ବ ଆଗ୍ରହ ଓ ଉତ୍କଣ୍ଠା ମରିଯାଇଥିଲା । ଭାବୁଥିଲି ଶିବିରକୁ ଫେରିଯାଇ ବିଶ୍ରାମ ନେବି । ସାରାଦିନର କ୍ଳାନ୍ତି ମେଣ୍ଟାଇଦେବି । କିନ୍ତୁ କେଉଁଠିଥିଲେ କେଜାଣି କୃଷ୍ଣ ଅର୍ଜୁନଙ୍କ ରଥ ଆଣି ମୋ ସାମନାରେ ଅଟକାଇ ଦେଲେ । ପରୋକ୍ଷରେ ମୋତେ ଅର୍ଜୁନଙ୍କ ସହ ସମ୍ମୁଖ ସମର କରିବାକୁ ଆହ୍ୱାନ କଲେ । ମୋର ଇଚ୍ଛା ଥାଉ କି ନଥାଉ ଯୁଦ୍ଧର ଆହ୍ୱାନକୁ ମୁଁ ଏଡ଼ାଇ ପାରିବିନି । ଜଣେ ଯୋଦ୍ଧା ପାଇଁ ଏହାଠାରୁ ବଳି ବଡ଼ ଆହ୍ୱାନ ଆଉ କ'ଣ ଥାଇପାରେ ? ଅବଶ୍ୟ ମୋ ମନର ଆଗ୍ରହ ଓ ଇଚ୍ଛାର ଜୁଆର କ୍ରମଶଃ ଭଟ୍ଟା ପଡ଼ି ଆସୁଥିବା ବେଳେ ଯୁଦ୍ଧର ଆହ୍ୱାନ ମୋ ମନରେ ସେତେଟା ପ୍ରତିକ୍ରିୟା ସୃଷ୍ଟି କରିପାରୁ ନଥିଲା । ତଥାପି ଯୁଦ୍ଧପାଇଁ ନିଜକୁ ପ୍ରସ୍ତୁତ କରିନେଲି । ମୋ ବିପରୀତ ଦିଗରୁ ଶର ବୃଷ୍ଟି ହେବାକୁ ଲାଗିଥିଲା । ସବ୍ୟସାଚୀଙ୍କ ଅସ୍ତ୍ରର ଜବାବ ମୋତେ ମଧ୍ୟ ଅସ୍ତ୍ରରେ ଦେବାକୁ ପଡୁଥିଲା । ବେଶ୍ କିଛିସମୟ ଧରି ଆମେ ଦୁହେଁ ପରସ୍ପର ପ୍ରତି ଆକ୍ରମଣ ଓ ପ୍ରତ୍ୟାକ୍ରମଣ କରି ଚାଲିଥିବାବେଳେ ସବ୍ୟସାଚୀଙ୍କ ଶରର ତୀବ୍ରତାକୁ ସହି ନପାରି ମୋ ସାରଥି ସତ୍ୟସେନ ଟଳିପଡ଼ିଲେ ।

ସତ୍ୟସେନ, ଜଣେ ସୁଦକ୍ଷ ସାରଥି । ସେ କେବଳ ମୋର ସାରଥି ନଥିଲେ । ଏକାଧାରରେ ସେ ଥିଲେ ଜଣେ ପରାମର୍ଶଦାତା ତଥା ଶୁଭଚିନ୍ତକ । ତାଙ୍କର ମୃତ୍ୟୁରେ ମୁଁ ଗଭୀର ଭାବରେ ଆଘାତ ପାଇଥିଲି । ଏବେବି ଯୁଦ୍ଧ ମୋର ସରିନି । ତେଣୁ ପରବର୍ତ୍ତୀ ସାରଥି ପୁଣି କିଏ ହେବ ସେ ନେଇ ମୁଁ ଦ୍ୱନ୍ଦ୍ୱରେ ପଡ଼ିଥିଲି । ସେ କେବଳ ମୋ ରଥକୁ ପରିଚାଳିତ କରୁଥିଲେ ତାହା ନୁହେଁ, ଆତ୍ମରକ୍ଷା ଓ ଆକ୍ରମଣର ସମସ୍ତ କୌଶଳ ତାଙ୍କୁ ଜଣାଥିଲା । ତାର ଶୂନ୍ୟସ୍ଥାନ କିଭଳି ପୂରଣ ହେବ ସେ ନେଇ ମୁଁ ଚିନ୍ତାରେ ଥିଲି ।

ଅର୍ଜୁନଙ୍କ ସହ ସର୍ବଶେଷ ଯୁଦ୍ଧ ହିଁ ମୋର ଲକ୍ଷ୍ୟ । ଯାହା ଏବେବି ମୋର ଶେଷ ହୋଇନି । ହୋଇପାରେ ମୁଁ ବୀରଯୋଦ୍ଧା, ମାତ୍ର ଯେଉଁ ଯୁଦ୍ଧ ମୋ ଜୀବନର ସର୍ବଶ୍ରେଷ୍ଠତାକୁ ବଜାୟ ରଖିବ ସେ ଯୁଦ୍ଧ ତ ଏବେ ବି ବାକି ଅଛି । ଆଗାମୀକାଲି ଯୁଦ୍ଧ ନିମନ୍ତେ ମୋତେ ପୁଣି ପ୍ରସ୍ତୁତ ହେବାକୁ ପଡ଼ିବ । ଆଉ ସେଇଥିପାଇଁ ମୋର ମଧ୍ୟ ସୁଯୋଗ୍ୟ ସାରଥିଟିଏ ଦରକାର । ସେ କେବଳ ମୋ ରଥର ସାରଥି ହେବନି । ବାସୁଦେବ କୃଷ୍ଣଙ୍କ ଭଳି ତାଙ୍କର ମଧ୍ୟ ଯଥେଷ୍ଟ ସାମର୍ଥ୍ୟ ଥିବା ଦରକାର ।

ବହୁତ ଖୋଜାଖୋଜି ପରେ ସ୍ଥିରହେଲା ମଦ୍ରରାଜ ଶଲ୍ୟ ମୋର ସାରଥି ହେବେ । ପ୍ରଥମେ ଅବଶ୍ୟ ମୋତେ ସୂତପୁତ୍ରର ତାଚ୍ଛଲ୍ୟତାରେ ଅନିଚ୍ଛା ପ୍ରକାଶ କରୁଥିଲେ । ମାତ୍ର ଦୁର୍ଯ୍ୟୋଧନଙ୍କ ଅନୁରୋଧରେ ଶେଷରେ ସେ ରାଜିହେଲେ ।

ମଦ୍ରରାଜ ଶଲ୍ୟ । ପାଣ୍ଡବମାନଙ୍କର ମାତୁଳ । ନକୁଳ ସହଦେବଙ୍କ ନିଜ ମାମୁ । ରକ୍ତର ସଂପର୍କ ନ୍ୟାୟରେ ଦେଖିଲେ ସେ ମଧ୍ୟ ମୋର ମାମୁ । ମାତ୍ର ତାଙ୍କ ନିକଟରେ ମୋର କେବଳ ରାଧେୟର ପରିଚୟ ରହିଛି । ମୋ ଜୀବନର ଲୁକ୍କାୟିତ କୌନ୍ତେୟ ପରିଚୟଟି ସୀମିତ ରହିଛି କେବଳ କେତେଜଣଙ୍କ ପାଖରେ । ତେଣୁ ସେଥିରେ ମଦ୍ରରାଜଙ୍କ ବା ଦୋଷ କ'ଣ ? ଅନ୍ୟମାନଙ୍କ ଭଳି ମୋତେ ସୂତପୁତ୍ର ଭାବେ ହେୟଜ୍ଞାନ କରିବାରେ ତାଙ୍କର ଭୁଲ୍ ରହିଲା କେଉଁଠି ? ତାଛଡ଼ା ନ୍ୟାୟତଃ ତାଙ୍କର ପାଣ୍ଡବପକ୍ଷରେ ରହିବା କଥା । ମାତ୍ର ଷଡ଼ଯନ୍ତ୍ର କରି ଦୁର୍ଯ୍ୟୋଧନ ସିନା ତାଙ୍କୁ କୌରବ ପକ୍ଷକୁ ନେଇ ଆସିଛନ୍ତି, ହେଲେ ତାଙ୍କ ମନପ୍ରାଣ ତ ପାଣ୍ଡବପଟେ । ଯେତେ ଯାହାହେଲେ ମଧ୍ୟ ପାଣ୍ଡବମାନେ ତାଙ୍କର ସ୍ନେହାସ୍ପଦ, ପାଣ୍ଡବମାନଙ୍କ ପ୍ରତି ତାଙ୍କ ମନରେ ନିଶ୍ଚିତ ଦୁର୍ବଳତା ରହିବା ସ୍ୱାଭାବିକ । ତାଛଡ଼ା ଯୁଦ୍ଧପୂର୍ବରୁ ଶୁଣିଥିଲି ସେ ଯୁଧିଷ୍ଠିରଙ୍କୁ ପ୍ରବୋଧନା ଦେବାକୁ ଯାଇ କଥା ଦେଇଛନ୍ତି ଯୁଦ୍ଧ ସମୟରେ ନାନା କଟୂବାକ୍ୟ କହି ଆମକୁ ନିରୁତ୍ସାହିତ କରିବେ । ତେଣୁ ମୋ ମନରେ ଶଙ୍କା ଜାଗୁଥିଲା । ନହେଲେ ମଦ୍ରରାଜ ଭଳି ସୁଯୋଗ୍ୟ ସାରଥୀଙ୍କୁ ପାଇ ମୋ ବିଜୟ ନେଇ ମୁଁ ସେତେଟା ଉଦ୍‌ବିଗ୍ନ ନଥିଲି । କାରଣ ରଥୀର ବିଜୟ ଅନେକାଂଶରେ ସାରଥି ଉପରେ ନିର୍ଭର କରେ । ଯେମିତି ସବ୍ୟସାଚୀଙ୍କ ବିଜୟ ହେଉଥିଲା ସାରଥି ବାସୁଦେବ କୃଷ୍ଣଙ୍କ ପାଇଁ । ମୁଁ ତେଣୁ ନିଜକୁ ଦ୍ୱନ୍ଦ୍ୱମୁକ୍ତ କଲି । ମଦ୍ରରାଜଙ୍କୁ ପାଇ ମୋ ଯୋଦ୍ଧାଜୀବନ ପୂର୍ଣ୍ଣ ହୋଇଛି । ଆଉ ବାକିରହିଲା କଟୂକ୍ତି କଥା ।

(କ୍ରମଶଃ)


+ବାରବାଟୀ, ବାଲେଶ୍ୱର,
(ମୋ) ୯୯୩୭୪୬୮୪୩୨


## ଅଧାବାଟ

**ଡ. ସ୍ମିତା ପଣ୍ଡା**



ଯିବାକୁ ଚାହିଁଥା'ନ୍ତି ଯଦି
କିଏ ମତେ ରୋକି ପାରନ୍ତା କେଉଁଠି ?
କାଦୁଅ ନା କଣ୍ଟାଝଟା
ପାହାଡ଼ ନା ନଦୀ
ସ୍ନେହ ଆଉ ମମତାର ବନ୍ଧନ
ଉପଦେଶ ଆଦେଶର ଫାଙ୍କରେ
ଯାଇପାରିଥା'ନ୍ତି ଦୂରକୁ
ଚାହିଁ ନ ଥା'ନ୍ତି ଲେଉଟି ?
ଲେଉଟି ଚାହିଁଲି ବୋଲି ତ
ଅଟକି ଗଲି
ମୁଁ-ମୋର ମୋହରେ ନିଜକୁ ଛନ୍ଦିଲି
ମୋ ସଂସାର, ଘରଦ୍ୱାର ନିଜର ମଣିଲି ଯେ
ଚାଲିଯିବାରେ ହିଁ ଅପମାନ ବୋଲି
ନିଜକୁ ବୁଝେଇ ଦେଲି ?
ଏବେ ଚାଲୁ ଚାଲୁ ଅଟକିଯାଇଛି ଯେ
ଏଥିରେ କି ଅପମାନ ନାହିଁ
ଏ ଥର ତ କହିବେ ସମସ୍ତେ
ମୁଁ କେବେ ଯାଇ ପାରିଲି ନାହିଁ
ନ ହେଲେ ମନଥିଲେ
କିଏ କଣ କାହାକୁ
ଅଟକେଇ ପାରେ
କେଉଁଠାରେ ?
ମୋର ଏବେ ସବୁ ଆଡେ ଦୁଃଖ ଆଉ ଅପମାନ
ଏଠୁଁ ବାହାରିଯିବାରେ ବି
ଏଠି ଅଟକି ରହିବାରେ ବି
ଯାହାକେବେ ଆଉ ଶେଷ ହେବାର ନୁହେଁ
ପୁଣି ଥରେ ସତରେ ଯିବାଯାଏଁ ?


+ଗଣ୍ଡମୁଣ୍ଡା, ଭୁବନେଶ୍ୱର
ଦୂରଭାଷ- ୯୮୬୧୩୨୩୬୫୦


## ମାତୃଭାଷା

**ରତ୍ନକାନ୍ତି ମିଶ୍ର**



ଯେଉଁ ମାଟି ଦାନ ପାଣି ପବନରେ
ଗଢ଼ା ଆମରି ଶରୀର
ସେଇ ମାଟି ଭାଷା ମାତୃଭାଷା ଆମ
ସେଇ ଭାଷା ହିଁ ସୁନ୍ଦର ।
ସବୁଠୁ ନିଆରା ମାତୃଭାଷା ସତେ
ସବୁଠୁ ପରା ନିଜର
ମାଆ ମନ ପରି ସରଳ ସତେ ସେ
ସବୁଠୁ ଶ୍ରୁତି ମଧୁର ।
ଅବୋଧ ଶିଶୁର ଉଚ୍ଚାରଣେ ଯେଉଁ
ପ୍ରଥମ ଶବ୍ଦଟି ଆସେ
ମାତୃଭାଷା ସିଏ ଅନ୍ତରକୁ ଛୁଏଁ
ମହମହ ସତେ ବାସେ ।
ଧରଣୀ ବକ୍ଷରେ କେତେ କେତେ ଜାତି
ଭିନ୍ନ ଭିନ୍ନ ପୁଣି ଭାଷା
ହୃଦୟରେ ଯିଏ ସ୍ପନ୍ଦନ ତୋଳଇ
ସେଇ ପରା ମାତୃଭାଷା ।
ଯେଉଁ ଭାଷା କହି ମନର ଭାବକୁ
କରି ହୁଏ ପ୍ରକାଶିତ
ସେଇ ମାତୃଭାଷା ଭାବର ମାଧ୍ୟମ
ସହଜରେ ହୁଏ ବ୍ୟକ୍ତ ।
ମାତୃଭାଷା ହୃଦେ ଆବେଗ ସଞ୍ଚାରେ
ଅନ୍ୟ ଭାଷା ପାରେ ନାହିଁ
ଐତିହ୍ୟ ସଂସ୍କୃତି ପରିଚୟ ସିଏ
ଜାତିର ଗରବ ସେଇ ।


+କେନ୍ଦ୍ରାପଡ଼ା, ଆଳି


# ଛାଡପତ୍ର କାହିଁକି ?

## ସମ୍ପର୍କର ରଙ୍ଗ

**ଶ୍ୱେତା ରାଉତ୍**



ପତି ପତ୍ନୀ ସଂସାର ଗାଡିର ଦୁଇଟି ଚକ ଭଳି। ଜୀବନ ଅର୍ଥ ବୁଝି ବୁଝାମଣାରେ ଚଳିପାରିଲେ ଜୀବନ ସ୍ୱର୍ଗ ମନେହୁଏ, କିନ୍ତୁ ଜୀବନର ଶାଶ୍ୱତ ଆନନ୍ଦ କ'ଣ ତାହା ବି ବୁଝିବା ଜରୁରୀ। ଆମକୁ ଲାଗେ ଆମେ ଜୀବନ ପାଇଛନ୍ତି ଯେତେବେଳେ ମନଭରି ଉପଭୋଗ କରିବା, ଜୀବନର ମଜା ନେବା। ଜୀବନର ମଜା ନେବାବେଳେ ଆମେ ଧର୍ମକୁ ଭୁଲିଯାଇଥାନ୍ତି, କର୍ମକୁ ବୋଝ ଭାବନ୍ତି, ସୌଖୀନ ଜୀବନ ହିଁ ପ୍ରକୃତ ଆନନ୍ଦ ଭାବି ଭ୍ରମକୁ ଭଲପାଆନ୍ତି। ଆଜିକାଲି ଏଇ ଭ୍ରମକୁ ଭଲପାଇ ସଂସାର ନଷ୍ଟ କରୁଥିବା ଦମ୍ପତିମାନଙ୍କୁ ଦେଖିଲେ ମନରେ ପ୍ରଶ୍ନ ଉଠେ, ଏମାନେ ଜୀବନକୁ କେତେ ଜାଣିଛନ୍ତି, ପ୍ରେମକୁ କେତେ ବୁଝିଛନ୍ତି ?

ଛୋଟ ଛୋଟ କଥାରେ ବିଭ୍ରାଟ କରି ସ୍ୱାମୀ ସ୍ତ୍ରୀର ମଧୁର ସମ୍ପର୍କକୁ ଦାଣ୍ଡରେ ହାଟରେ ହଟହଟା କରୁଛନ୍ତି, କାଠଗଡାରେ ଠିଆ କରୁଛନ୍ତି, କଥା କଥାକେ ଛାଡପତ୍ରର ଧମକ, ଯୌତୁକ ନିର୍ଯ୍ୟାତନାର ଧମକ ଦେଇ ନିଜ ଜିଦ୍‌ରେ ଅଟଳ ରହି ଝିଅମାନେ ବାପଘରକୁ ଚାଲି ଯାଉଛନ୍ତି। ସ୍ୱାମୀ ବିଚରା ସମ୍ମାନ ଭୟରେ ନା ଥାନାରେ କହିପାରୁଛି, ନା ଗାଁ ସଭା ଡକାଇ ସମାଧାନ କରିପାରୁଛି ! ସ୍ୱାମୀକୁ ସନ୍ଦେହ କରି ସ୍ତ୍ରୀ ହଜାର କଥା କହୁଥିବେ, ଜିଦ୍‌ରେ ରହି ଦୀର୍ଘଦିନ କଥାବାର୍ତ୍ତା ବନ୍ଦ୍ କରି ମାନସିକ ଆଘାତ ଦେଉଥିବେ, ସେଇଟା ଠିକ୍। କିନ୍ତୁ ସ୍ତ୍ରୀର ତ୍ରୁଟି ଦେଖି ଯଦି ସ୍ୱାମୀ ପଦଟିଏ କହିଦେଲା, ମହାଭାରତ ହୋଇଯିବ। ମୋ ଇଚ୍ଛା ମୁଁ ଯାହା କରିବି, ଯାହା ସାଙ୍ଗରେ ବୁଲିବି, ଯୁଆଡେ ଯିବି ! ତୁମେ କହିବାକୁ କିଏ ? ମୋ ବାପା ଭାଇଙ୍କୁ ଜାଣିନ, ମୋ ବାପା ଅମୁକ ପୋଷ୍ଟରେ ଅଛନ୍ତି, ପଦେ କିଛି କହିବ ତ ତୁମ ସହିତ ତୁମ ଘର ପରିବାର ସମସ୍ତଙ୍କୁ ଜେଲ୍‌ରେ ଠୁଙ୍କି ଦେବି। ଏହା ହେଉଛି ପତି-ପତ୍ନୀ ମଧ୍ୟରେ ଏକ ଅମାନବୀୟ ଦୃଶ୍ୟ, ଯାହାକୁ କେବଳ ସ୍ୱାମୀ ଭୋଗେ ନାହିଁ ଭୋଗନ୍ତି ସାରା ପରିବାର। ଅହଂକାରୀ ବୋହୂ କାହାପ୍ରତି ତିଳେ ହେଁ ସମ୍ବେଦନା ନରଖି ଚାଲିଯାଏ ବାପଘରକୁ। ସ୍ୱାମୀର ପରିବାର ବରବାଦ କରି ତାକୁ ତିଳେମାତ୍ର ଅବଶୋଷ ହୁଏନାହିଁ ବରଂ ବାପଘରେ ପୁରୁଣା ପ୍ରେମିକ ସହ ସମୟ କାଟିବାର ଆନନ୍ଦ ମିଳିଯାଏ।

ଝିମିଟି ଖେଳରୁ ମହାଭାରତ ଭଳି ଆଜିକାଲି କୋଟ୍‌ରେ ଛାଡପତ୍ର ମାମଲା ସବୁ ଦେଖିଲେ ଆପଣଙ୍କୁ ବି ହସ ଲାଗିବ। ଜଣେ ସ୍ୱାମୀର ଅଭିଯୋଗ ତା ସ୍ତ୍ରୀ ସବୁବେଳେ ମୋବାଇଲରେ ଟିକ୍ ଟକ୍ କରୁଛି ଫେସବୁକ୍ ଦେଖୁଛି, ଘରକାମ କରୁନି, ତେଣୁ ସେ ଡିଭର୍ସ ଦେବ। ସ୍ତ୍ରୀର ଅଭିଯୋଗ ସାବିତ୍ରୀ ଓଷାରେ ଲୁଗା ନ ଆଣି ସ୍ୱାମୀ ମଦ ପିଇଦେଲା କାହିଁକି ? ସ୍ତ୍ରୀର ତିନିଟା ଝିଅ କାହିଁକି ହେଲା ପୁଅ କାହିଁକି ହେଲାନି, ଏଇଟା ବି ଗୋଟେ ଡିଭର୍ସର କାରଣ। ଶାଶୁଘରେ ରହିବି ନାହିଁ କି ଶାଶୁ ଶ୍ୱଶୁରଙ୍କ ବୋଝ ସହିବି ନାହିଁ, ବାଧ କଲେ ଡିଭର୍ସ। ତମ ଘରକୁ ଏତେ କୁଣିଆ ଆସିଲେ ମୁଁ ଘରଛାଡି ଚାଲିଯିବି। ସରିତା ନାଁରେ ଯେଉଁ କବିତା ଲେଖିଥିଲ ସେ ସରିତା କିଏ ? ସନ୍ଦେହ କରି କଳି ଡିଭର୍ସରେ ପହଞ୍ଚେ। ମୋ ଭଉଣୀକୁ ଗିଫ୍ଟ କାହିଁକି ଦେଲନି, ତମ ମା' ଏତେ ଫୋନ୍ କାହିଁକି କରୁଛନ୍ତି ? କୁକୁଡାଙ୍କୁ ଖାଇବାକୁ ଦେଉନି, ମାଆ ସବୁବେଳେ ଦେବ। କହିବାରୁ ଗରମ ଦେଖେଉଛି, ତୁ କଣ ଝୁଲି ଖେଳିବୁ ? କୁକୁଡାଙ୍କ ଖାଇବା ପାଇଁ ସ୍ୱାମୀ ସ୍ତ୍ରୀ କଳି ଡିଭର୍ସରେ ପହଞ୍ଚେ।

ସବୁ ଛାଡପତ୍ର ପଛରେ ଗୋଟିଏ କାରଣ ହେଉଛି ଅହଂକାର। ମୁଁ ଠିକ୍ ତୁ ଭୁଲ୍। ପତି-ପତ୍ନୀ ଉଭୟ ଚାହିଁନଥାନ୍ତି ଛାଡପତ୍ର, ସେମାନଙ୍କ ଜିଦ୍, ଅହଂକାର ତାଙ୍କ ସମ୍ପର୍କରେ ତିକ୍ତତା ଆଣିଥାଏ। ସ୍ୱାମୀ ଭାବିଥାଏ ସ୍ତ୍ରୀ ଉପରେ ଜୋର ଦେଖେଇ କହିଲେ ସେ ସବୁଦିନ ଦବିକି, ଡରିକି ରହିବ। ସ୍ତ୍ରୀ ଭାବିଥାଏ ଥରେ ଚିଲେଇକି କହି ଯଦି କାମ କରେଇନେବି, ଇଏ ଅଭ୍ୟାସରେ ପଡିଯିବେ। ଥରେ ମୋ ଜିଦ୍ ମାନିଗଲେ, ଅଭ୍ୟାସରେ ପଡିଗଲେ ମୋ ଇଚ୍ଛାରେ ଚାଲିବେ। ପରସ୍ପରକୁ ଦବେଇ ରଖିବା ଭିତରେ ଛୋଟ ଛୋଟ କଳି ବିରାଟ ବିସ୍ଫୋଟ ହୋଇଯାଏ। ଶେଷରେ କୋଟ୍ ଆଉ ଛାଡପତ୍ରଯାଏ କଥା ପଳାଏ।


+ ରାଉତ୍ କମ୍ପ୍ଲେକ୍ସ,କଟକ ରୋଡ୍,ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# ଦରବୃଦ୍ଧି ପ୍ରତିବାଦରେ କଂଗ୍ରେସର ବିକ୍ଷୋଭ ଆଜି

ଭୁବନେଶ୍ୱର,୦୫/୦୪ (ନି.ପ୍ର): ଦେଶରେ ଅତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ଦରବୃଦ୍ଧିକୁ ନେଇ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ୍ କରିଛି ରାଜ୍ୟ ବିଜେପି । ଏହାର ପ୍ରତିବାଦରେ ରାଜ୍ୟ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ । ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସ ଓ ଅମିୟ ପାଣ୍ଡବ କହିଛନ୍ତି ଦରବୃଦ୍ଧିରୁ ଦେଶବାସୀଙ୍କୁ ମୁକ୍ତି ଦେବାପାଇଁ କଂଗ୍ରେସ ଦେଶତମାମ "ମହଙ୍ଗାଇ ମୁକ୍ତ ଭାରତ" ଅଭିଯାନର ଡାକରା ଦେଇଛି । ଗତ ମାର୍ଚ୍ଚ ୩୧ ତାରିଖରୁ ଦେଶତମାମ ଏହି ଅଭିଯାନ ଆରମ୍ଭ ହୋଇଛି । ଆସନ୍ତା ୭ ତାରିଖ ରାଜଧାନୀ ଭୁବନେଶ୍ୱରରେ ଶୋଭାଯାତ୍ରା ଓ ବିକ୍ଷୋଭ ମାଧ୍ୟମରେ ଏ ଅଭିଯାନକୁ କାର୍ଯ୍ୟକାରୀ କରାଯିବ ।

ସୁଦର୍ଶନ ଦାସ କହିଛନ୍ତି କେନ୍ଦ୍ରର ବିଜେପି ସରକାର ଦେଶବାସୀଙ୍କୁ ଏକ ଭୟଙ୍କର ପରିସ୍ଥିତିକୁ ଠେଲି ଦେଇଛି । ଦରଦାମ ବୃଦ୍ଧି ସାଧାରଣ ଜନତାଙ୍କୁ ନୟାନ୍ତ ଏବଂ ତଳି ତଳାନ୍ତ କରିଦେଇଛି । ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସର ଦାମ ଉଦ୍‌ବେଗ ଜନକ ଭାବରେ ବଢ଼ି ଚାଲିଛି । ଏହାର ପ୍ରଭାବରେ ଅନ୍ୟାନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷପତ୍ରର ଦର ପ୍ରବଳ ମାତ୍ରାରେ ବଢ଼ିଛି ।

କେନ୍ଦ୍ରର ୟୁପିଏ ସରକାର ସମୟରେ ପେଟ୍ରୋଲ, ଡିଜେଲ ଓ ଗ୍ୟାସ ଦରରେ ସାମାନ୍ୟ ବୃଦ୍ଧି ବେଳେ ସ୍ମୃତି ଇରାନୀ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କୁ ଚୁଡ଼ି ପିନ୍ଧାଇବା ପାଇଁ ନାରା ଦେଇଥିଲେ । ଏବେ କୁଆଡ଼େ ଗଲେ ସ୍ମୃତି ଇରାନୀ ଏବଂ ବିଜେପିର ଅନ୍ୟ ନେତାମାନେ ? ବାବା ରାମଦେବ ସେତେବେଳେ ମୋଦି ସରକାର ଆସିଲେ ୪୦ ଟଙ୍କାର ପେଟ୍ରୋଲ ମିଳିବ ବୋଲି କହିଥିଲେ । ଏବେ କୁଆଡ଼େ ଗଲେ ସେହି ରାମଦେବ ବୋଲି ସେ ପ୍ରଶ୍ନ କରିଛନ୍ତି । କଂଗ୍ରେସ ସରକାର ସମୟରେ ୨୦୧୨-୨୦୧୪ ସମୟ କାଳ ଭିତରେ ଅଶୋଧିତ ତୈଳ ଦର ଥିଲା ବ୍ୟାରେଲ ପିଛା ୧୦୮ ରୁ ୧୪୦ ଡଲାର । ସେତେବେଳେ ପେଟ୍ରୋଲ ଦାମ ଥିଲା ୭୧ ଟଙ୍କା ୪୧ ପଇସା ଓ ଡିଜେଲର ଦାମଥିଲା ୫୫ ଟଙ୍କା ୪୯ ପଇସା । ମାତ୍ର ଏବେ ୨୦୨୨ର ବିଜେପି ସରକାର ସମୟରେ ଅଶୋଧିତ ତୈଳର ଦାମ ହେଉଛି ୧୦୮ ଡଲାର । ୨୦୧୪ରେ କଂଗ୍ରେସ ସରକାର ସମୟରେ ପେଟ୍ରୋଲ ଓ ଡିଜେଲ ଉପରେ ଟ୍ୟାକ୍ସ ପରିମାଣ ଲିଟର ପିଛା ଯଥାକ୍ରମେ ଟ. ୯.୨୦ ଓ ଟ. ୩.୪୬ ଥିଲା । ମାତ୍ର ବର୍ତ୍ତମାନ ତାହା ଯଥାକ୍ରମେ ୨୦୩ ଓ ୫୩୧ ଶତାଂଶ ବୃଦ୍ଧି ପାଇଛି । ୨୦୧୪ ରୁ ୨୦୨୨ ଭିତରେ ବିଜେପି ସରକାର ଦେଶବାସୀଙ୍କ ପକେଟ କାଟି ଓ ସେମାନଙ୍କୁ ଲୁଟ କରି ରାଜକୋଷକୁ ଭର୍ତି କରିବାରେ ଲାଗିଛନ୍ତି । ଏହି ସମୟ ଭିତରେ ପେଟ୍ରୋଲ, ଡିଜେଲ ଓ ଗ୍ୟାସର ଦରବୃଦ୍ଧି କରି ଲୋକଙ୍କ ଠାରୁ ୨୬ ଲକ୍ଷ କୋଟି ଟଙ୍କା ଲୁଟ କରିଛନ୍ତି । ଏହା ପ୍ରଧାନମନ୍ତ୍ରୀ ଜନଧନ ଲୁଟ ଯୋଜନା ବୋଲି ଆଜି କଂଗ୍ରେସ ପ୍ରବକ୍ତା ଶ୍ରୀ ସୁଦର୍ଶନ ଦାସ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ରନ୍ଧନ ଗ୍ୟାସର ମୂଲ୍ୟ ୨୦୧୪ ରେ କଂଗ୍ରେସ ସରକାର ସମୟରେ ୪୧୦ ଟଙ୍କା ଥିଲା । ଏବେ ୯୭୬ ଟଙ୍କା ବା ୧୦୦୦ ଟଙ୍କାରେ ପଂହଚିଲାଣି । ୨୦୧୪ ତୁଳନାରେ ଏହା ୫୩୯.୫୦ ଟଙ୍କା ବୃଦ୍ଧି ପାଇଛି । ୨୦୧୨-୧୩ ରେ ଅଶୋଧିତ ଗ୍ୟାସର ଦାମ ପ୍ରତି ମେଟ୍ରିକ୍ ଟନ ପିଛା ଥିଲା ୮୮୫ ଡଲାର । ୨୦୧୪ ଏହା ଥିଲା ୮୮୦ ଡଲାର । ମାତ୍ର ୨୦୨୨ ରେ ଏହାର ଦାମ କମି ପ୍ରତି ମେଟ୍ରିକ୍‌ଟନ ପିଛା ୭୬୯ ଡଲାରରେ ପଂହଚିଛି । ମାତ୍ର ଯେତେବେଳ ୪୧୦ ଟଙ୍କାରେ ମିଳୁଥିବା ସିଲିଣ୍ଡର ଗ୍ୟାସ ଏବେ ୧୦୦୦ ଟଙ୍କା ରେ ପହଂଚିଛି । କେନ୍ଦ୍ର ବିଜେପି ସରକାର ପେଟ୍ରୋଲ ଓ ଡିଜେଲ ଉପରେ ସବସିଡି ବଢ଼ାଇବା ସହିତ ଟ୍ୟାକ୍ସ କମାଇବା ପାଇଁ କଂଗ୍ରେସ ଦୃଢ଼ ଦାବୀ କରିଛି ।

# ଓଡ଼ିଶାରେ ନିରନ୍ତର ବିକାଶ ପାଇଁ ୨୦୩୦ ଏଜେଣ୍ଡାର କାର୍ଯ୍ୟକାରିତା ସମ୍ବନ୍ଧିତ ଦୁଇଦିନିଆ ପ୍ରଶିକ୍ଷଣ କର୍ମଶାଳା ଉଦ୍‌ଘାଟିତ

ଭୁବନେଶ୍ୱର,୦୫/୦୪ (ନି.ପ୍ର): ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ମଧୁସୂଦନ ଦାସ ଆଂଚଳିକ ବିତୀୟ ପରିଚାଳନା ଏକାଡେମୀ ଠାରେ ଓଡ଼ିଶାରେ ନିରନ୍ତର ବିକାଶ ପାଇଁ ୨୦୩୦ ଏଜେଣ୍ଡାର କାର୍ଯ୍ୟକାରିତା ସମ୍ବନ୍ଧିତ ଦୁଇଦିନିଆ ପ୍ରଶିକ୍ଷଣ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି । ରାଜ୍ୟ ସରକାରଙ୍କର ବିଭିନ୍ନ ବିଭାଗର ୫୧ ଜଣ ବରିଷ୍ଠ ଅଧିକାରୀଙ୍କୁ ନେଇ ଆୟୋଜିତ ଉକ୍ତ ପ୍ରଶିକ୍ଷଣ ଶିବିରକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଉନ୍ନୟନ କମିଶନର୍ ପ୍ରଦୀପ କୁମାର ଜେନା ଉଦ୍‌ଘାଟନ କରି କହିଥିଲେ ଯେ, ଓଡ଼ିଶାରେ ନିରନ୍ତର ବିକାଶ ପାଇଁ ୨୦୩୦ ଏଜେଣ୍ଡାର କାର୍ଯ୍ୟକାରିତା ଓ ସଫଳତା ହାସଲ ଦିଗରେ ବିଭିନ୍ନ ବିଭାଗର ବ୍ୟୟ ଅଟକଳରେ ଏହାକୁ କାର୍ଯ୍ୟକାରୀ କରିବା ଦିଗରେ ବିଭିନ୍ନ ବିଭାଗରେ କାର୍ଯ୍ୟରତ ପ୍ରୋଗ୍ରାମ୍ ଅଧିକାରୀମାନଙ୍କ ପ୍ରମୁଖ ଭୂମିକା ରହିଛି । ସମ୍ପୃକ୍ତ ଅଧିକାରୀମାନେ ନିଜ ବିଭାଗରୁ ଏ' ଦିଗରେ ତତ୍ପରତାର ସହିତ କାର୍ଯ୍ୟ କରିବା ନେଇ ସେ ଗୁରୁତ୍ୱାରୋପ କରିଛନ୍ତି । ଓଡ଼ିଶାରେ ନିରନ୍ତର ବିକାଶ ଲାଗି ଧାର୍ଯ୍ୟ ଲକ୍ଷ୍ୟ ସାଧନ ଦିଗରେ ବିବିଧ ପଦକ୍ଷେପ ଗ୍ରହଣ ଯଥା:- ଉତରପିଢ଼ୀଙ୍କ ପାଇଁ ଏକ ସୁସ୍ଥ ବାତାବରଣ ସୃଷ୍ଟି ଏବଂ ଜୀବନ ଧାରଣ ମାନ ବୃଦ୍ଧି ଦିଗରେ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ, ଜଳବାୟୁ ପରିବର୍ତନ ଓ ବିଶ୍ୱତାପନ ନିୟନ୍ତ୍ରଣ ପ୍ରଚେଷ୍ଟା, ଜୈବ ବିବିଧତା ସଂରକ୍ଷଣ, ଜଳ ସଂରକ୍ଷଣ, ଜୀବନଶୈଳୀ ପରିବର୍ତନ ଆଦି ଆହ୍ୱାନକୁ ମୁକାବିଲା ପାଇଁ ସେ ପରାମର୍ଶ ଦେଇଥିଲେ । ବନ୍ୟପ୍ରାଣୀ ଓ ମାନବସମାଜ ମଧ୍ୟରେ ସନ୍ତୁଳନ ରକ୍ଷା କରାଗଲେ ପୃଥିବୀରେ ଜୀବନଧାରଣ ଶତପ୍ରତିଶତ ପ୍ରକୃଷ୍ଟ ଏବଂ ଆଗାମୀ ପିଢ଼ୀଙ୍କ ପାଇଁ ମଧ ଜୀବନ ସୁଗମ ହୋଇପାରିବ ବୋଲି ଶ୍ରୀ ଜେନା ମତବ୍ୟକ୍ତ କରିଥିଲେ । ରାଜ୍ୟରେ ବିଗତ ଦିନମାନଙ୍କରେ ସଂଘଠିତ ବାତ୍ୟା ଓ ଅନିୟମିତ ବର୍ଷା ଆଦି ଅନୁଶୀଳନ କରି ଏହାର ନିରାକରଣ ଦିଗରେ ପଦକ୍ଷେପ ନିମନ୍ତେ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି କହିଥିଲେ । ଉକ୍ତ ଉଦ୍‌ଘାଟନୀ ଉତ୍ସବରେ ଯୋଜନା ଓ ସଂଯୋଜନ ବିଭାଗର ଯୁଗ୍ମ ଶାସନ ସଚିବ ତଥା ରାଜ୍ୟ ଏସ୍.ଡି.ଜି. ନୋଡ଼ାଲ୍ ଅଧିକାରୀ ମନୀଷ ଅଗ୍ରୱାଲ୍ ଯୋଗଦେଇ ପ୍ରାରମ୍ଭିକ ସମ୍ଭାଷଣ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶକ ଡଃ. ବିଜୟ ଭୂଷଣ ନନ୍ଦ, ଯୋଜନା ଓ ସଂଯୋଜନ ବିଭାଗର ଅଧିକାରୀ ସୁନ୍ଦର ନାରାୟଣ ମିଶ୍ର, ଡଃ. ରମେଶ ଚେଲାନ୍ ପ୍ରମୁଖ ଏହି କର୍ମଶାଳାରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ ।

# ଜୁନ ୧୯ , ୨୬ରେ ୭୦୭୬ ପ୍ରାଥମିକ ସମବାୟ ସମିତି ନିର୍ବାଚନ

ଭୁବନେଶ୍ୱର,୦୫/୦୪ (ନି.ପ୍ର): ଆସନ୍ତା ଜୁନ ୧୯ ଓ ୨୬ ତାରିଖରେ ୭୦୭୬ ପ୍ରାଥମିକ ସମବାୟ ସମିତି ପାଇଁ ନିର୍ବାଚନ ହେବ । ଏଥିରୁ ୧୫ଜଣ ନିର୍ଦ୍ଦେଶକ ନିର୍ବାଚିତ ହୋଇ ୧୩୨ଟି ସେଂଟ୍ରାଲ ସମବାୟ ସମିତିକୁ ଯିବେ । ସେଥିରୁ ୧୫ଜଣ ନିର୍ଦ୍ଦେଶକ ଆପେକ୍ସ ବଡିକୁ ଯାଇ ୨୧ ଜଣ ନିର୍ଦ୍ଦେଶକ ନିର୍ବାଚିତ କରିବେ । ପ୍ରାଥମିକ ସମବାୟ ସମିତି ନିର୍ବାଚନର ତିନି ମାସ ପରେ ସେଂଟ୍ରାଲ ସମବାୟ ସମିତି ନିର୍ବାଚନ ଓ ତା ୩ ମାସ ପରେ ଆପେକ୍ସ ବଡି ନିର୍ବାଚନ ହେବ । ରାଜ୍ୟ ସମବାୟ ନିର୍ବାଚନ କମିଶନର ସୁନ୍ଦରଲାଲ ସିଲ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ପ୍ରାଥମିକ, ସେଂଟ୍ରାଲ ଓ ଆପେକ୍ସକୁ ମିଶାଇ ରାଜ୍ୟରେ ସମୁଦାୟ ୭୨୨୯ ସମବାୟ ସମିତି ଅଛି । ଯେଉଁଥିରେ ରାଜ୍ୟ ସରକାରଙ୍କ ୫ଟି ବିଭାଗ ରହିଛି । ଏଥିରେ ସମବାୟର ୪୧୫୨, ହସ୍ତତନ୍ତ ଓ ବୟନଶିଳ୍ପର ୮୦୩, ମତ୍ସ୍ୟ ସମ୍ପଦର ୧୯୧୨, ଏମଏସଏମଇର ୨୦୮ ଓ ଆୟୁଷର ଗୋଟିଏ ସମବାୟ ସମିତି ଅଛି । ଏ ଯାଏ ୩୦,୦୯,୧୦୫ ଚାଷୀ ଭୋଟର ଅଛନ୍ତି । କେତେକଙ୍କ ଭୋଟର ଲିଷ୍ଟ ଅପଡେଟ ନ ଥିବାରୁ କଟିବ । ଆସନ୍ତା ଦୁଇ ମାସ ଭିତରେ ୩୮୯୨ ନିର୍ବାଚନ ଅଧିକାରୀଙ୍କୁ ନିଯୁକ୍ତି ଦେଇ ଟ୍ରେନିଂ ଦେବେ ଜିଲ୍ଲା ସମବାୟ ନିର୍ବାଚନ ଅଧିକାରୀ । ଏହି ନିର୍ବାଚନ ଅଧିକାରୀମାନେ ସମବାୟ ସମିତିସ୍ତରରେ ବିଜ୍ଞପ୍ତି ପ୍ରକାଶ କରିବେ । ନୋଟିସକୁ ପ୍ରଚାର ପ୍ରସାର ପାଇଁ ବ୍ଲକ ଓ ତହସିଲ କାର୍ଯ୍ୟାଳୟରେ ଲଗାଯିବ । ସେମାନେ ନୂଆ ଭୋଟରଙ୍କଠାରୁ ତଥ୍ୟ ମାଗିବାଠାରୁ ଆରମ୍ଭ କରି ନିର୍ବାଚନର ସମସ୍ତ କାର୍ଯ୍ୟ ସମ୍ପାଦନ କରିବେ । ନିର୍ବାଚନରେ ଦଳୀୟ ଚିହ୍ନ ରହିବ ନାହିଁ ବୋଲି ସେ ସୂଚନା ଦେଇଛନ୍ତି ।

# ୨୨ରେ ରାଜ୍ୟର ସବୁ ବିଦ୍ୟୁତ୍ ଅଫିସ ଘେରିବ ସିପିଆଇ

ଭୁବନେଶ୍ୱର,୦୫/୦୪ (ନି.ପ୍ର): ରାଜ୍ୟରେ ଦେଖାଦେଇଥିବା ଚରମ ବିଜୁଳି ବିଭ୍ରାଟ ଓ ଅରାଜକତାର ପ୍ରତିକାର ଏବଂ ସବୁ ପରିବାରକୁ ୨୦୦ ୟୁନିଟ୍ ମାଗଣା ବିଦ୍ୟୁତ୍ ଯୋଗାଣ ଦାବିରେ ସିପିଆଇ ଆସନ୍ତା ଏପ୍ରିଲ ୨୨ ତାରିଖରେ ରାଜ୍ୟର ସମସ୍ତ ବିଦ୍ୟୁତ୍ ଅଫିସ ଘେରାଉ କରିବ । ଭଗବତୀ ଭବନଠାରେ ରମଣୀରଞ୍ଜନ ରାଉତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ରାଜ୍ୟ ପରିଷଦ ବୈଠକରେ ଏହି ନିଷ୍ପତି ନିଆଯାଇଛି । ରାଜ୍ୟର ବିଦ୍ୟୁତ୍ ଗ୍ରାହକମାନଙ୍କ ପାଖକୁ ମନଇଚ୍ଛା ବିଲ୍ ଏପରିକି ୫ଗୁଣ ୧୦ଗୁଣ ଅଧିକ ବିଲ୍ ଆସୁଛି । ଅଭିଯୋଗ କଲେ ଶୁଣିବାକୁ କେହି ନାହିଁ । ଗୋଟିଏ ଗୋଟିଏ ଗାଁକୁ ସପ୍ତାହ ସପ୍ତାହ ଧରି ଲାଇନ କାଟିଦିଆଯାଉଛି । ଅଘୋଷିତ ବିଦ୍ୟୁତ୍ କାଟ ସାଙ୍ଗକୁ ଲୋ ଭୋଲ୍‌ଟେଜ ବିଷମ ପରିସ୍ଥିତି ସୃଷ୍ଟି କରିଛି । ଏସବୁର ପ୍ରତିକାର ସହିତ ବିଦ୍ୟୁତ୍ ଏକ ଅତ୍ୟାବଶ୍ୟକ ସେବା ହୋଇଥିବାରୁ ରାଜ୍ୟ ସରକାର ବିଦ୍ୟୁତ୍ ଆବଂଟନର ଦାୟିତ୍ୱ ନିଜ ହାତକୁ ନେଇ ପ୍ରତି ପରିବାରକୁ ୨୦୦ ୟୁନିଟ୍ ମାଗଣା ବିଜୁଳି ଯୋଗାଇବା ପାଇଁ ସିପିଆଇ ଦାବି କରିଛି । ଅନ୍ୟପକ୍ଷରେ ଏହା ପୂର୍ବରୁ କେନ୍ଦ୍ର ସିପିଆଇ ଡିଜେଲ, ପେଟ୍ରୋଲ, ରନ୍ଧନ ଗ୍ୟାସ୍ ଓ ଅତ୍ୟାବଶ୍ୟକ ଜିନିଷପତ୍ରର ଆକାଶଛୁଆଁ ଦରବୃଦ୍ଧି ବିରୋଧରେ ଏପ୍ରିଲ ୪ରୁ ୧୦ ପର୍ଯ୍ୟନ୍ତ ଦେଶ ବ୍ୟାପୀ ପ୍ରତିବାଦର ଡାକରା ଦେଇଥିବାରୁ ଓଡ଼ିଶାରେ ମଧ୍ୟ ପେଟ୍ରୋଲ ପମ୍ପ ଓ କେନ୍ଦ୍ର ସରକାରୀ ଅଫିସ୍ ସମ୍ମୁଖରେ ବିକ୍ଷୋଭମାନ ଅନୁଷ୍ଠିତ ହେବ । ପରିଷଦରେ ଗୃହୀତ ପଞ୍ଚାୟତ ଓ ପୌର ନିର୍ବାଚନ ସମୀକ୍ଷା ରିପୋର୍ଟରେ କୁହାଯାଇଛି– ବିଜେଡିର ବିପୁଳ ବିଜୟ ତା'ର ଅତ୍ୟଧିକ ଲୋକପ୍ରିୟତାର ପ୍ରମାଣ ନୁହେଁ । ପ୍ରଚୁର ପରିମାଣର ଟଙ୍କା ବାଣ୍ଟି ଭୋଟରଙ୍କୁ ପ୍ରଭାବିତ କରିବା ଏବଂ ଶାସନ କଳର ନଗ୍ନ ବ୍ୟବହାର ଏହି ବିଜୟର ଅନ୍ୟତମ ପ୍ରମୁଖ କାରଣ । ବିଜେଡିର ବିଜୟ ପରେ ପୋଲିସ ଓ ପ୍ରଶାସନିକ ଅଫିସରମାନେ ସଂଗଠିତ ହୋଇ ମୁଖ୍ୟମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇବା, ଓଡ଼ିଶା ଇତିହାସରେ ଏକ ନିନ୍ଦନୀୟ ଘଟଣା । ଏହା ପ୍ରଶାସନର ରାଜନୀତିକରଣ ଦିଗରେ ଦୁର୍ଭାଗ୍ୟଜନକ ପଦକ୍ଷେପ । ଜୟପୁରର ସେବା ପେପର ମିଲ୍ ଦୀର୍ଘଦିନ ଧରି ବନ୍ଦ ହୋଇଥିବାବେଳେ ଏହାକୁ ତୁରନ୍ତ ଚାଲୁ କରି ଛଟେଇ ଶ୍ରମିକମାନଙ୍କୁ ନିଯୁକ୍ତି ଦେବା, ସମ୍ବଲପୁର, କଟକ ଜାତୀୟ ରାଜପଥର ତୁରନ୍ତ ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଥିଲା । ରାଜ୍ୟ ପରିଷଦର ଏହି ବୈଠକରେ ସିପିଆଇର ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ ତ୍ରିସ୍ତରୀୟ ପଞ୍ଚାୟତ ଓ ପୌର ନିର୍ବାଚନର ସମୀକ୍ଷା ରିପୋର୍ଟ, ଜାତୀୟ କାର୍ଯ୍ୟକାରିଣୀ ସଭ୍ୟ ରାମକୃଷ୍ଣ ପଣ୍ଡା ଜାତୀୟ ପରିଷଦ ରିପୋର୍ଟ, ଅଭୟ ସାହୁ ଆନ୍ଦୋଳନ କାର୍ଯ୍ୟକ୍ରମ ଉପସ୍ଥାପିତ କରିଥିବାବେଳେ ଜାତୀୟ କାର୍ଯ୍ୟକାରିଣୀ ସଭ୍ୟ ଦିବାକର ନାୟକ, ରାଜ୍ୟ ସହସମ୍ପାଦକ କ୍ଷୀରୋଦ ସିଂହଦେଓ, ସମ୍ପାଦକମଣ୍ଡଳୀ ସଭ୍ୟ ପ୍ରଶାନ୍ତ ପାଟ୍ଟଯୋଷୀ ଓ ନୂଆଦୁନିଆର ସମ୍ପାଦକ ରମେଶ ପାଢ଼ୀ ପ୍ରମୁଖ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ ।

# କଂଗ୍ରେସ ସେବାଦଳ ପକ୍ଷରୁ ଗଙ୍ଗାଧର ମହାପାତ୍ରଙ୍କ ଶ୍ରାଦ୍ଧ ଦିବସ ପାଳିତ

ଭୁବନେଶ୍ୱର,୦୫/୦୪ (ନି.ପ୍ର): ଓଡ଼ିଶାର ବିଶିଷ୍ଟ ଜନନେତା, ପୂର୍ବତନ ମନ୍ତ୍ରୀ, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ବରିଷ୍ଠ ଆଇନଜ୍ଞ ସ୍ୱର୍ଗତ ଗଙ୍ଗାଧର ମହାପାତ୍ରଙ୍କ ୧୬ତମ ଶ୍ରାଦ୍ଧ ଦିବସ ରାଜ୍ୟ କଂଗ୍ରେସ ସେବାଦଳ ପକ୍ଷରୁ କଂଗ୍ରେସ ଭବନରେ ରାଜ୍ୟ ସେବାଦଳ ମୁଖ୍ୟ ତଥା ମୁଖପାତ୍ର ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପୌରହିତ୍ୟରେ ପାଳିତ ହୋଇଯାଇଛି । ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ଶ୍ରଦ୍ଧାଞ୍ଜଳି ଜଣାଇ ବରିଷ୍ଠ କଂଗ୍ରେସ ନେତା ବିଧାୟକ ସୁରେଶ କୁମାର ରାଉତରାୟ କହିଲେ ଯେ, ଗଙ୍ଗାଧର ମହାପାତ୍ର ମଣିଷ ମାନଙ୍କ ଭିତରେ ଦେବତା ଥିଲେ । ସେ ଥିଲେ ଅଜାତଶତ୍ରୁ । ପିଲା ଠାରୁ ବୁଢା ପର୍ଯ୍ୟନ୍ତ ତାଙ୍କୁ ସମସ୍ତେ ଗଙ୍ଗୁ ଭାଇନା ଭାବେ ସମ୍ବୋଧନ କରୁଥିଲେ । ପ୍ରଦେଶ କଂଗ୍ରେସ ପଛୁଆବର୍ଗ ବିଭାଗର ଅଧ୍ୟକ୍ଷ ଜ୍ଞାନଦେବ ବେଉରା ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ଗଙ୍ଗାଧର ବାବୁ ଛାତ୍ର ଜୀବନରୁ ନେତା ଥିଲେ । ଖୁବ୍ କମ୍ ବୟସରୁ ସେ ସୁଭାଷ ଚନ୍ଦ୍ର ବୋଷଙ୍କ ସହ ମିଶିବାର ସୌଭାଗ୍ୟ ଅର୍ଜନ କରିଥିଲେ । ପୁରୀ ମ୍ୟୁନିସିପାଲିଟିର ସେ ସର୍ବକନିଷ୍ଠ ଅଧ୍ୟକ୍ଷ ଥିଲେ । ପ୍ରଦେଶ କଂଗ୍ରେସ ମୁଖପାତ୍ର ମନୋରଞ୍ଜନ ଦାସ ଶ୍ରଦ୍ଧା ସୁମନ ଜଣାଇ ଗଙ୍ଗାଧର ବାବୁଙ୍କ ମନ୍ତ୍ରୀତ୍ୱ ସମୟରେ ଶ୍ରୀ ଜଗନ୍ନାଥ ମନ୍ଦିରରେ ହୁଣ୍ଡି ପ୍ରତିଷ୍ଠା ବିଷୟରେ କହିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜ୍ୟୋତିଷ କୁମାର ସାହୁ ସ୍ୱାଗତ ଭାଷଣ ଓ ଶେଷରେ ମହମ୍ମଦ ସାହାଦୁଲ୍ଲା ଧନ୍ୟବାଦ ଅର୍ପଣ କରିଥିଲେ ।

# ନେତାଜୀ ସୁଭାଷଙ୍କ ଆଦର୍ଶର ବିକଳ୍ପ ନାହିଁ : ଫରଓ୍ୱାର୍ଡ଼ ବ୍ଲକ୍

ଭୁବନେଶ୍ୱର,୦୫/୦୪ (ନି.ପ୍ର): ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଦ୍ୱାରା ପ୍ରତିଷ୍ଠିତ ରାଜନୈତିକ ଦଳ 'ଅଲ୍ ଇଣ୍ଡିଆ ଫରଓ୍ୱାର୍ଡ଼ ବ୍ଲକ୍'ର ରାଜ୍ୟ ପରିଷଦ ବୈଠକ ଆଜି ୟୁନିଟ-୬ ସ୍ଥିତ ନେତାଜୀ ଭବନ ପରିଷରରେ ଅନୁଷ୍ଠିତ ହୋଇଯାଇଛି । ଫରଓ୍ୱାଡ଼ ବ୍ଲକ୍‌ର ରାଜ୍ୟ ସଭାପତି ପୂର୍ଣ୍ଣ ଚନ୍ଦ୍ର ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ରାଜ୍ୟ ପରିଷର ବୈଠକରେ ପାର୍ଟିର ଜାତୀୟ ସଂପାଦକ ଜି. ଦେବରାଜନ୍ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭାବରେ ଯୋଗ ଦେଇ କହିଥିଲେ ସମଗ୍ର ଦେଶ ଗତ କିଛି ବର୍ଷ ଧରି ଦେଶରେ ବେକାରୀ ସମସ୍ୟା ଉକ୍‌ଟ ହେବାରେ ଲାଗିଛି । ଶିକ୍ଷା ଓ ସ୍ୱାସ୍ଥ୍ୟ ଭିତିଭୂମିର ଅଭାବ ଫଳରେ ସାଧାରଣ ମଣିଷ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ସ୍ୱାଧିନତାର ୭୫ ବର୍ଷ ପରେ ମଧ ମଣିଷ ବଂଚିବା ପାଇଁ ଖାଦ୍ୟ, ବସ୍ତ୍ର, ବାସଗୃହର ଯେଉଁ ସର୍ବନିମ୍ନ ଆବଶ୍ୟକତା ରହିଛି ତାହା ପୂରଣ କରିବା ଦିଗରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନେ ବିଫଳ ହୋଇଛନ୍ତି । ଶ୍ରମଜିବୀ ମଣିଷ ପ୍ରତିଦିନ ଶୋଷଣର ଶିକାର ହେଉଛନ୍ତି । ସାରାଦେଶରେ ଦୁର୍ନିତୀ, ଭ୍ରଷ୍ଟାଚାର ବଢ଼ିବାରେ ଲାଗିଛି । ପେଟ୍ରୋଲ, ଡିଜେଲ୍, ଇନ୍ଧନ ଗ୍ୟାସ ସମେତ ଅତ୍ୟାବଶ୍ୟକୀୟ ସାମଗ୍ରୀର ଦର ବୃଦ୍ଧି ଫଳରେ ସାଧାରଣ ମଣିଷ ଅସ୍ତବ୍ୟସ୍ତ ହୋଇପଡ଼ିଛି । କେନ୍ଦ୍ର ସରକାରଙ୍କ ବିମୂଦ୍ରୀକରଣ ଓ ଜି.ଏସ୍.ଟି. ଭଳି ଜନବିରୋଧି ନିଷ୍ପତି ଫଳରେ କ୍ଷୁଦ୍ର ବ୍ୟବସାୟୀ ଓ ସାଧାରଣ ଜନତା ଦିନକୁ ଦିନ ତଳିତଳାନ୍ତ ହେବାରେ ଲାଗିଛନ୍ତି । ଏସବୁ ସମସ୍ୟାର ସମାଧାନ ପାଇଁ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଆଦର୍ଶର ବିକଳ୍ପ ନାହିଁ, ଭାରତବର୍ଷର ଜନଗଣ ନେତାଜୀଙ୍କ ଆଦର୍ଶର ପଥିକ ହୋଇ ଜନ ଆନ୍ଦୋଳନ ଗଢ଼ି ତୋଳିଲେ ଜନ ସମସ୍ୟାର ସମାଧାନ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ । ଫରଓ୍ୱାର୍ଡ଼ ବ୍ଲକ୍‌ର ରାଜ୍ୟ ସାଧାରଣ ସଂପାଦକ ଜ୍ୟୋତି ରଂଜନ ମହାପାତ୍ର ସଂଗଠନିକ ଓ ରାଜନୈତିକ ରିପୋର୍ଟ ଉପସ୍ଥାପନ କରିବା ସହ ଆସନ୍ତା ଅପ୍ରେଲ୍ ୮ ଓ ୯, ୨୦୨୨ରିଖ ଦୁଇଦିନ ଧରି ଫରଓ୍ୱାର୍ଡ଼ ବ୍ଲକ୍‌ର ଜାତୀୟ ପରିଷଦ ବୈଠକ ଭୁବନେଶ୍ୱର ଲୋହିଆ ଏକାଡ଼େମୀ ଠାରେ ଅନୁଷ୍ଠିତ ହେବ ବୋଲି ସୂଚନା ପ୍ରଦାନ କରିଥିଲେ ।

ଏହି ଜାତୀୟ ପରିଷଦ ବୈଠକରେ ଫରଓ୍ୱାର୍ଡ଼ ବ୍ଲକ୍ ପାର୍ଟି ସମ୍ବିଧାନରେ ପରିବର୍ତନ କରାଯିବା ସହ ଅନ୍ୟାନ୍ୟ ସଂଗଠନିକ ବିଷୟ ଏବଂ ଜନସାଧାରଣଙ୍କ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗଗୁଡ଼ିକ ଉପରେ ଆଲୋଚନା କରାଯାଇ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରଦର୍ଶିତ ପଥରେ ପାର୍ଟିର ଆଗାମୀ ଦିନର ରଣନିତୀ ନିର୍ଦ୍ଧାରଣ କରାଯିବ ବୋଲି ପ୍ରକାଶ କରିଥିଲେ । ଫରଓ୍ୱାର୍ଡ଼ ବ୍ଲକ୍‌ର ରାଜ୍ୟ ଉପସଭାପତି ଗୋପାଳ ଚନ୍ଦ୍ର ଅଗ୍ରଓ୍ୱାଲ, ସଂପାଦକ ମଣ୍ଡଳୀ ସଭ୍ୟ ସର୍ବେଶ୍ୱର ମିଶ୍ର, ଜିତେନ୍ଦ୍ରୀୟ ବେହେରା, ରାଜ୍ୟ କମିଟି ସଭ୍ୟ ନାରାୟଣ ଡ଼ାଲୁଆ, ଲକ୍ଷ୍ମୀଧର ଗିରି, ସୁଶିଲ କୁମାର ଥାନପତି, ଆଲୋକ ମହାପାତ୍ର, ଗଦାଧର ଜେନା, ବିଜୟ ସାହୁ, ଲକ୍ଷ୍ମୀ ଦୋରା, ଗାୟତ୍ରୀ ନାଏକ, ବିଭୂତି ଭୂଷଣ ମହାପାତ୍ର ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରି ବିଭିନ୍ନ ପ୍ରସ୍ତାବମାନ ଉପସ୍ଥାପନ କରିଥିଲେ ।

# ଶ୍ରୀମନ୍ଦିର ରୋଷଘର ଚୁଲି ଭଙ୍ଗା ଘଟଣା : କାର୍ଯ୍ୟାନୁଷ୍ଠାନ ଦାବିରେ ବିଜେପିର ବିକ୍ଷୋଭ

ଭୁବନେଶ୍ୱର,୦୫/୦୪ (ନି.ପ୍ର): ଶ୍ରୀମନ୍ଦିରର ରୋଷଘରେ ଚୁଲି ଭାଙ୍ଗିବା ଘଟଣାକୁ ନେଇ କ୍ଷୋଭ ପ୍ରକାଶ କରିଛି ବିଜେପି । ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରି ଭୁବନେଶ୍ୱର ଜିଲ୍ଲା ବିଜେପି ପକ୍ଷରୁ ସ୍ଥାନୀୟ ରାମ ମନ୍ଦିର ସମ୍ମୁଖରେ ବିକ୍ଷୋଗ ପ୍ରଦର୍ଶନ କରାଯାଇଛି । ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲା ସଭାପତି ବାବୁ ସିଂ କହିଛନ୍ତି ଓଡ଼ିଆ ଜାତିର ଅସ୍ମିତାର ପରିଚୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିରସ୍ଥିତ ପବିତ୍ର ରୋଷଘର ଚୁଲି ଗୁଡ଼ିକ ଭାଙ୍ଗି ଦିଆଯିବା ଘଟଣା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ । ମହାପ୍ରଭୁ ଓଡ଼ିଶାବାସୀ ଏବଂ ସାରା ବିଶ୍ୱର ହିନ୍ଦୁ ସମାଜର ଆସ୍ଥା ଓ ବିଶ୍ୱାସର କେନ୍ଦ୍ର । ଶ୍ରୀମନ୍ଦିର ସହ ମହାପ୍ରଭୁଙ୍କ ମହାପ୍ରସାଦର ରହିଛି ଅନନ୍ୟ ସମ୍ପର୍କ । ରୋଷଘରର ଅବଢ଼ା ପ୍ରସ୍ତୁତ ହେଉଥିବା ଚୁଲିକୁ ଭାଙ୍ଗି ଦେଇ ମହାପ୍ରଭୁଙ୍କ ପ୍ରସାଦ ପ୍ରସ୍ତୁତିକୁ ବ୍ୟାଘାତ କରିବା ଦୁଃଖଦାୟକ । ରାଜ୍ୟ ସରକାର ଏବଂ ଶ୍ରୀମନ୍ଦିର ପ୍ରଶାସନ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ଭବିଷ୍ୟତରେ ଯେଉଁଭଳି ଏହି ଘଟଣାର ପୁନରାବୃତି ନ ହେବ, ସେଥିପାଇଁ ଆବଶ୍ୟକ ପଦକ୍ଷେପ ନେବା ସହ ସଜାଗ ରହିବା ଜରୁରୀ । ନହେଲେ ଆଗାମୀ ଦିନରେ ବିଜେପି ତାର ବିକ୍ଷୋଭକୁ ଆହୁରି ଜୋରଦାର କରିବ ବୋଲି ଜିଲ୍ଲା ସଭାପତି ବାବୁ ସିଂ କହିଛନ୍ତି । ସୂଚନାଯୋଗ୍ୟ, ଶ୍ରୀମନ୍ଦିର ରୋଷଘରେ ୪୦ରୁ ଅଧିକ ଚୁଲିକୁ ଭାଙ୍ଗି ଦିଆଯାଇଥିଲା । ପିଠାଆଡ଼ର ୧୫, ଥାଳି ଆଡର ୧୦/୧୨ଟି, ସାତପୁରୀର ୧୦/୧୨ଟି, ଅହିଆ(ଡ଼ାଲି, ତରକାରୀ ରନ୍ଧା ପାଇଁ ବଡ ଚୁଲି) ୨ଟା, କୋଠ ଭୋଗ ଚୁଲି ୨ଟା, ତୁଣ ସୁଆରଙ୍କ ୨ଟି ଚୁଲି ଆଦି ରହିଛି । ଗତକାଲି ବଡ଼ସିଂହାର ଭୋଗ ଶେଷ ପରେ ଏଭଳି କାଣ୍ଡ କେହି ଭିଆଇ ଥିବା ଅନୁମାନ କରାଯାଉଛି । ରୋଷ ଘରେ ସିସି ଟିଭି ଲାଗିଥିବାରୁ ଏହାର ବିଧିବଦ୍ଧ ଯାଂଚ ପାଇଁ ସେ ଦାବି କରିଛନ୍ତି । ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲା ବିଜେପି ପ୍ରଭାରୀ ଭୁବନ ମୋହନ ଜେନା, ରାଜ୍ୟ ମୁଖପାତ୍ର ଦିଲ୍ଲୀପ ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ,ଜିଲ୍ଲା ସାଧାରଣ ସମ୍ପାଦକ ଅଭିଷେକ ଆଚାର୍ଯ୍ୟ, ଜିଲ୍ଲା ମହିଳା ମୋର୍ଚ୍ଚା ସଭାପତି ମନ୍ଦାକିନୀ ପାତ୍ର,ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ଉପେନ୍ଦ୍ର ଭଞ୍ଜ,ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ରଶ୍ମିରଞ୍ଜନ ମୁଦୁଲି,ଜିଲ୍ଲା ଉପସଭାପତି ରାଜେନ୍ଦ୍ର ଦାସ,ମାନସୀ ରାୟ ପ୍ରମୁଖ ଯୋଗଦେଇ ଥିଲେ ।

# ଏମ୍‌ସରେ ଇଣ୍ଡିଆନ୍ ସୋସାଇଟି ଅଫ୍ ପେରିଫେରାଲ୍ ସ୍ନାୟୁ ସର୍ଜରୀର ୧୦ମ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ

ଭୁବନେଶ୍ୱର,୦୫/୦୪ (ନି.ପ୍ର): ଏମ୍‌ସ ଭୁବନେଶ୍ୱରର ନ୍ୟୁରୋ ସର୍ଜରୀ ଏବଂ ପ୍ଲାଷ୍ଟିକ୍ ସର୍ଜରୀ ବିଭାଗ ପକ୍ଷରୁ ଇଣ୍ଡିଆନ୍ ସୋସାଇଟି ଅଫ୍ ପେରିଫେରାଲ୍ ନର୍ଭ ସର୍ଜରୀ (ଆଇଏସ ପିଏନଏସ) ର ୧୦ମ ବାର୍ଷିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ରବିବାର ଦିନ ସମାପ୍ତ ହୋଇଥିବା ଏହି ଦୁଇଦିନିଆ କାର୍ଯ୍ୟକ୍ରମ ଭର୍ଚୁଆଲ୍ ମୋଡ୍ ରେ ଅନୁଷ୍ଠିତ ହୋଇଥିଲା । ଏମ୍ ସ ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ମୁକେଶ ତ୍ରିପାଠୀ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ । ଏଥିସହିତ ଏମ୍ ସ ଭୁବନେଶ୍ୱରରେ ଲୋକମାନଙ୍କ ହିତ ନିମନ୍ତେ ନିୟମିତ ଭାବରେ ସମସ୍ତ ପ୍ରକାରର ଉନ୍ନତ ପେରିଫେରାଲ୍ ସ୍ନାୟୁ ସର୍ଜରୀ କରିଆସୁଥିବା ପ୍ରଫେସର ତ୍ରିପାଠୀ ପ୍ରକାଶ କରିଥିଲେ । ଏହି ସମ୍ମିଳନୀରେ ଏମ୍‌ସ ଭୁବନେଶ୍ୱର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଅଶୋକ କୁମାର ମହାପାତ୍ର ଅଧ୍ୟକ୍ଷତା କରିଥିଲେ । ଏମ୍‌ସ ଭୁବନେଶ୍ୱର ନ୍ୟୁରୋ ସର୍ଜରୀ ବିଭାଗ ମୁଖ୍ୟ ପ୍ରଫେସର ଆର ଏନ ସାହୁଙ୍କ ସହଅଧ୍ୟକ୍ଷତାରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏମ୍‌ସ ଭୁବନେଶ୍ୱର ପ୍ଲାଷ୍ଟିକ୍ ସର୍ଜରୀ ବିଭାଗ ମୁଖ୍ୟ ଡକ୍ଟର ସୁନୀଲ ରାଉତ, ନ୍ୟୁରୋ ସର୍ଜରୀ ବିଭାଗ ଆସୋସିଏଟ୍ ପ୍ରଫେସର ତଥା ସମ୍ମିଳନୀର ଆୟୋଜକ ସମ୍ପାଦକ ଡକ୍ଟର ସୁମିତ ବନ୍‌ସାଲ ବୈଜ୍ଞାନିକ କମିଟିର ଅଧ୍ୟକ୍ଷତା କରିଥିଲେ ।

ଏହି ଆଲୋଚନାଚକ୍ରରେ ଜାତୀୟସ୍ତରର ୩୨ ଜଣ ଏବଂ ଆମେରିକା, କାନାଡା, ଜର୍ମାନୀ ଏବଂ ଦୁବାଇରୁ ୬ଜଣ ଅନ୍ତର୍ଜାତୀୟ ବକ୍ତା ଯୋଗ ଦେଇଥିଲେ । ସାରା ଭାରତରୁ ପେରିଫେରାଲ୍ ସ୍ନାୟୁ ସର୍ଜରୀରେ ପାରଦର୍ଶୀତା ରଖିଥିବା ପ୍ରାୟ ୧୩୦ଜଣ ନ୍ୟୁରୋ ସର୍ଜନ ଏବଂ ପ୍ଲାଷ୍ଟିକ୍ ସର୍ଜନ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଏହି କ୍ଷେତ୍ରରେ ସେମାନଙ୍କର ଅଭିଜ୍ଞତା ବାଂଟିବା ସହିତ ବର୍ତମାନ ସମୟରେ ଏନେଇ ରହିଥିବା ଅତ୍ୟାଧୁନିକ ଜ୍ଞାନକୌଶଳ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଏମସ ଭୁବନେଶ୍ୱର ସଫଳତାର ସହିତ ଏପରି ଏକ ଅନ୍ତର୍ଜାତୀୟ ସମ୍ମିଳନୀ ଆୟୋଜିତ କରିଥିବାରୁ ଦେଶବିଦେଶରୁ ଯୋଗଦେଇଥିବା ସମସ୍ତ ବିଶେଷଜ୍ଞ ଏହାକୁ ପ୍ରଶଂସା କରିଥିଲେ । ସେହିପରି ଏହି କାର୍ଯ୍ୟକ୍ରମର ତାତ୍ୱିକ ଏବଂ ବୈଜ୍ଞାନିକ ବିଷୟବସ୍ତୁକୁ ନେଇ ବେଶ୍ ଖୁସି ଜାହିର କରିଥିଲେ ଅଂଶଗ୍ରହଣକାରୀ ।

# ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ରାମଚଣ୍ଡୀ ଓସଓ୍ୱାଲୀ କେନ୍ଦ୍ର ପରିଦର୍ଶନ

ଭୁବନେଶ୍ୱର,୦୫/୦୪ (ନି.ପ୍ର): ଗତକାଲି ମଧ୍ୟାହ୍ନରେ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ର ବିଶ୍ୱ ଐତିହ୍ୟ କୋଣାର୍କ- ପୁରୀ ମେରାଇନ୍ ଡ୍ରାଇଭରେ ଥିବା ଓଡ଼ିଶା ରାଜ୍ୟ ଓ୍ୱାଟରମେନସିପ୍ ଏବଂ ଲାଇଫ ଗାର୍ଡ ପ୍ରଶିକ୍ଷଣ କେନ୍ଦ୍ର (ଓ୍ୱାସଓ୍ୱାଲୀ)ଯାଇ ସେଠାରେ ଚାଲିଥିବା ସମସ୍ତ କାର୍ଯ୍ୟକ୍ରମ ପରିଦର୍ଶନ କରିଥିଲେ ।

ରାମଚଣ୍ଡୀ ପୀଠର କୁଶଭଦ୍ରା ନଦୀକୂଳରେ ୨୦୧୫ ମସିହାରେ ସ୍ଥାପିତ ଏହି ପ୍ରଶିକ୍ଷଣ କେନ୍ଦ୍ର ତା'ର କାର୍ଯ୍ୟଧାରା ଲାଗି ସମଗ୍ର ଦେଶରେ ସୁନାମ ଅର୍ଜନ କରିପାରିଛି । ଏଠାରେ ବ୍ୟାଚ୍ ଓ୍ୱାରୀ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ମନୋନୀତ ହୋଇ ଆସୁଥିବା ଅଗ୍ନିକମାନଙ୍କୁ ଭୂତଳ ଜଳସମୂହରେ ନିଜର ଦକ୍ଷତା ପ୍ରଦର୍ଶନ ପାଇଁ ଓ୍ୱାଟରମ୍ୟାନସିପ୍, ସନ୍ତରଣ, ବୋଟ୍ ଚାଳନା, ସ୍କୁବା ଡାଇଭିଂ, ଜଳ ବିପ୍ୱାତରୁ ଉଦ୍ଧାର କରିବା କୌଶଳ ପ୍ରଭୃତି ସହ ଏ କ୍ଷେତ୍ରରେ ଉପଯୋଗ ହେଉଥିବା ସର୍ବାଧୁନିକ ଯନ୍ତ୍ରପାତିର ବ୍ୟବହାର ଉପରେ ଉଚ୍ଚସ୍ତରୀୟ ତାଲିମ୍ ପ୍ରଦାନ କରାଯାଇ ଆସୁଛି । ଏତଦ୍ ବ୍ୟତୀତ ଓଡ଼ିଶା ପୋଲିସ୍ ଅଧୀନରେ କାର୍ଯ୍ୟରତ ଗୃହରକ୍ଷୀ ବାହିନୀର ସ୍ୱେଚ୍ଛାସେବୀମାନଙ୍କୁ ମଧ୍ୟ ଅନୁରୂପ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି । ପ୍ରତି ବ୍ୟାଚ୍ ରେ ୬୦ ଜଣ ହିସାବରେ ବର୍ତମାନ ସୁଦ୍ଧା ସର୍ବମୋଟ ୫୦୨୬ ଜଣଙ୍କୁ ତାଲିମ୍ ପ୍ରଦାନ କରାଯାଇଥିବା ସମୀକ୍ଷାବେଳେ ଜଣାପଡ଼ିଛି । ତେବେ ସଂପ୍ରତି ବଙ୍ଗୋପସାଗର ତଟର ଏକ ଅନୁପମ ପ୍ରାକୃତିକ ପରିବେଶରେ ଅସ୍ଥାୟୀ ଟେଂଟ୍ ରେ ଏହି କେନ୍ଦ୍ର କାର୍ଯ୍ୟ କରୁଛି । ଏହାର ସ୍ଥାୟୀ ଅନ୍ତଃକରଣର ବିକାଶ ପାଇଁ ରାଜ୍ୟ ସରକାର ଗତବର୍ଷ ୨ କୋଟି ୭୩ ଲକ୍ଷ ଟଙ୍କା ଅର୍ଥ ମଞ୍ଜୁର କରିଛନ୍ତି । ୧୦୦ ସିଟ୍ ବିଶିଷ୍ଟ ବ୍ୟାରାକ୍ ଓ ପ୍ରଶାସନିକ ଅଟ୍ଟାଳିକା ଯଥାଶୀଘ୍ର ନିର୍ମାଣ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ତେବେ ବର୍ତମାନ ଉକ୍ତ ସ୍ଥାନରେ ନିର୍ମାଣ କାର୍ଯ୍ୟ ପାଇଁ ପୁରୀ ଜିଲ୍ଲାପାଳ ୨ ଏକର ଜମି ଯୋଗାଇ ଦେଇଥିବାବେଳେ ଅତିରିକ୍ତ ଆଉ ୨ ଏକରର ଆବଶ୍ୟକତା ରହିଥିବା ଦର୍ଶାଇ ଏ ସଂକ୍ରାନ୍ତରେ ଗୋପ ତହସିଲଦାରଙ୍କ ନିକଟରେ ନିବେଦନ କରାଯାଇଛି ବୋଲି ମୁଖ୍ୟ ଅଗ୍ନିଶମ ଅଧିକାରୀ ଜଣାଇଥିଲେ । ଗୃହମନ୍ତ୍ରୀ ଅଗ୍ନିକମାନଙ୍କ କାର୍ଯ୍ୟକ୍ରମ ସହ ଅବଗତ ହେବା ପାଇଁ କୁଶଭଦ୍ରା ନଈର ଗଭୀର ଜଳରେ ପାଓ୍ୱାର ବୋଟ୍ ରେ ବସି କାର୍ଯ୍ୟଧାରା ନୀରିକ୍ଷଣ କରିଥିଲେ । ଏଥିସହିତ ସ୍କୁଭା ଡାଇଭର କିପରି ଘଂଟା ଘଂଟା ଧରି ଗଭୀର ଜଳରାଶିରେ ଉଦ୍ଧାର କାର୍ଯ୍ୟ ସଂଚାଳନ କରିଥାଏ ତାହା ଦେଖିଥିଲେ । ଏହି କେନ୍ଦ୍ରକୁ ଏକ ବିଶ୍ୱସ୍ତରୀୟ ତାଲିମ୍ କେନ୍ଦ୍ର ଭାବେ ଗଢ଼ିତୋଳିବାକୁ ମନ୍ତ୍ରୀ କ୍ୟାପ୍‌ଟେନ୍ ମିଶ୍ର ପରାମର୍ଶ ଦେଇଥିଲେ । ତେବେ ଏହି କେନ୍ଦ୍ର ପାଇଁ ଅନ୍ୟୁନ ୩୦ ଏକର ଜମିର ଆବଶ୍ୟକତା ରହିଥିବା ଏବଂ ଅଧିକ ମାନବସମ୍ବଳ ଯୋଗାଇ ଦେବାକୁ ମୁଖ୍ୟ ଅଗ୍ନିଶମ ଅଧିକାରୀ ମହେଶ୍ୱର ସ୍ୱାଇଁ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ ।

ଏହି କାର୍ଯ୍ୟକ୍ରମ ସମୟରେ ତାଲିମ୍ କେନ୍ଦ୍ରର ଅଧ୍ୟକ୍ଷ ଫାୟାର ଅଫିସର ଟି.କେ. ବାବୁ, ମୁଖ୍ୟ ପ୍ରଶିକ୍ଷକ ତପନ କୁମାର ମହାନ୍ତି ଏବଂ ବିଚିତ୍ର କୁମାର ଚୌଧୁରୀଙ୍କ ସମେତ ଅନ୍ୟ ଅଗ୍ନିକମାନେ ଉପସ୍ଥିତ ଥିଲେ ।

# ଶ୍ରୀନିବାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା ଶିବିର ଅନୁଷ୍ଠିତ




ସୋର,୦୬/୦୪ (ନି.ପ୍ର): ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଓଡ଼ିଶା ସରକାରଙ୍କର ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ତରଫରୁ ୮ ଦିନିଆ ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଅଛି । ଅଧ୍ୟକ୍ଷ ଜଗଦୀଶ ଚନ୍ଦ୍ର ବିଶ୍ୱାଳ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ । ଆତ୍ମରକ୍ଷା ତାଲିମ ଯୋଜନାର ସଂଯୋଜକ ତଥା ଇଂରାଜୀ ବିଭାଗର ମୁଖ୍ୟ ଅଧ୍ୟାପକ ଡ.ପୁଣ୍ୟବ୍ରତ ମହାନ୍ତି, ଉକ୍ତ ଯୋଜନାର ଅଧିକାରିଣୀ ତଥା ତର୍କଶାସ୍ତ୍ରର ଅଧ୍ୟାପିକା କୁମାରୀ ନିବେଦିତା ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଦ୍ୟାଳୟର +୨ ପ୍ରଥମ ବର୍ଷର ୧୩୭ଜଣ ଛାତ୍ରୀ ତା ୨୬.୦୩.୨୦୨୨ରିଖ ଠାରୁ ତା ୦୫.୦୪.୨୦୨୨ରିଖ ପର୍ଯ୍ୟନ୍ତ ତାଲିମ୍ ଗ୍ରହଣ କରିଥିଲେ । ମାଷ୍ଟର ଟ୍ରେନର ପୂଜା ନାୟକ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ତଥା ମାର୍ଶଲ ଆର୍ଟ ଓ କରାଟେ ଟ୍ରେନିଂ ଦେଇଥିଲେ । ଏଥିପାଇଁ ଆୟୋଜିତ ଉଦ୍‌ଯାପନ ଉତ୍ସବରେ ଅଧ୍ୟକ୍ଷ ଶ୍ରୀଯୁକ୍ତ ବିଶ୍ୱାଳ ସରକାରଙ୍କର ବିଭିନ୍ନ ଜନ କଲ୍ୟାଣ କାର୍ଯ୍ୟକ୍ରମ ମଧ୍ୟରୁ ନାରୀ ସଶକ୍ତିକରଣର ଏହା ଏକ ସାହସ, ଆତ୍ମବିଶ୍ୱାସ, ନିଜ କାର୍ଯ୍ୟ ପ୍ରତି ଆନ୍ତରିକତା ଓ କଠିନ ପରିଶ୍ରମ ଦ୍ୱାରା ଅସାଧ ସାଧନ କରାଯାଇପାରେ ବୋଲି ମତବ୍ୟକ୍ତ କରିଥିଲେ । ଗୋଟିଏ ଦୁର୍ବଳ ବ୍ୟକ୍ତି ସ୍ୱତନ୍ତ୍ର କୌଶଳ ଦ୍ୱାରା ଜଣେ ଶକ୍ତିଶାଳୀ ବୋଲି ଭାବିବା ଅନୁଚିତ ବୋଲି କହିଥିଲେ, କାରଣ ଦେବୀମାନେ ହେଉଛନ୍ତି ଶକ୍ତିର ପ୍ରତୀକ । କୁମାରୀ ନାୟକ, ଛାତ୍ରୀମାନେ ଯାହା ଶିକ୍ଷାଗ୍ରହଣ କଲେ ଦରକାର ସମୟରେ ସେଗୁଡ଼ିକ କାର୍ଯ୍ୟରେ ପରିଣତ କରିବା ପାଇଁ ଉପଦେଶ ଦେଲେ । ଅବଶେଷରେ ଅଧ୍ୟାପିକା ମଲ୍ଲିକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଶିବିରର ସଫଳତା ପାଇଁ ପ୍ରାଧ୍ୟାପକ ପୂର୍ଣ୍ଣଚନ୍ଦ୍ର ବେହେରା, ଅଧ୍ୟାପକ ଅଜୟ କୁମାର ବାରିକ, ଅଧ୍ୟାପିକା ପୁଷ୍ପଲତା ପାଢ଼ୀ, ଭରତ ଚନ୍ଦ୍ର ମାହାନା (ଡି.ଇ.ଓ), କର୍ମଚାରୀ ପ୍ରଦ୍ୟୁମ୍ନ କୁମାର ସାହୁ ଓ ଅନ୍ୟମାନେ ସାହିତ୍ୟ ସହଯୋଗ କରିଥିଲେ ।

# ବେଆଇନ କରତକଳ ଉପରେ ଚଢାଉ : ଲକ୍ଷାଧିକ ଟଙ୍କାର କାଠ ଓ ଯନ୍ତ୍ରାଂଶ ଜବତ

ବାଲିଆପାଳ, ୦୬/୦୪ (ନି.ପ୍ର): ବନବିଭାଗ ପକ୍ଷରୁ ଆଜି ବାଲିଆପାଳ ବ୍ଲକ ଦାନ୍ତୁଣିଦା ଛକ ନିକଟରେ ଥିବା ଏକ ବେଆଇନ କରତକଳ ଉପରେ ଚଢାଉ କରାଯାଇ ଲକ୍ଷାଧିକ ଟଙ୍କାର କାଠ ଓ ଯନ୍ତ୍ରାଂଶ ଜବତ କରାଯାଇଛି ।ଭିଜିଲାନ୍ସ ଏସପି ନରହରି ନାୟକ ଏବଂ ଡିଏଫଓଙ୍କ ନିର୍ଦ୍ଦେଶରେ ଭିଜିଲାନ୍ସ ଡିଏସପି ଦାକ୍ଷିଣ ଚନ୍ଦ୍ର ମୁର୍ମୁ, ବାଲେଶ୍ୱର ଏସ ଏଫ ସୁଶାନ୍ତ କୁମାର ଜେନା,ଏସଇ ଏଫ ଭିଜିଲାନ୍ସ ତପନ କୁମାର ପରିଡା ସମେତ ଏକପ୍ଲାଟୁନ ପୋଲିସ ଫୋର୍ସ ଓ ବନବିଭାଗର ଅଧିକାରୀମାନେ ସାମିଲ ହୋଇଥିଲେ । ମାଜିଷ୍ଟ୍ରେଟ ଭାବେ ଅତିରିକ୍ତ ତହସିଲଦାର ଅତନୁ ପ୍ରଧାନ ଉପସ୍ଥିତ ଥିଲେ । ତେବେ ବନବିଭାଗ ପକ୍ଷରୁ ପ୍ରତି ବ୍ଲକରେ ଗୋଟିଏ ଲେଖାଏଁ ଲାଇସେନ୍ସ ପ୍ରାପ୍ତ କରତକଳ ଖୋଲିବା ପାଇଁ ସ୍ଥାନୀୟ ଜନସାଧାରଣ ପକ୍ଷରୁ ବାରମ୍ବାର ଦାବି ହୋଇଆସୁଥିଲାବେଳେ ସରକାରଙ୍କ କ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ । ଲୋକଙ୍କର ଘର ତିଆରି ପାଇଁ କାଠ ନିତ୍ୟାନ୍ତ ଆବଶ୍ୟକ ହୋଇଥିବାରୁ ଲୋକେ ନିଜ ନିଜର ବାଡି ରୁ କାଠ ଚିରିବା ପାଇଁ କରତକଳ ନିତ୍ୟାନ୍ତ ଆବଶ୍ୟକ ଥିବାରୁ ଏହି ଚଢାଉକୁ ସ୍ଥାନୀୟ ଜନସାଧାରଣ ପକ୍ଷରୁ ବିରୋଧ କରାଯାଇଛି ।

# ଜଳେଶ୍ୱରରେ ଭାରତୀୟ ଜନତା ପାର୍ଟିର ୪୨ତମ ପ୍ରତିଷ୍ଠା ଦିବସ ପାଳିତ

ଜଳେଶ୍ୱର, ୦୬/୪ (ନି.ପ୍ର): ଆଜି ଭାରତୀୟ ଜନତା ପାର୍ଟିର ୪୨ ତମ ପ୍ରତିଷ୍ଠା ଦିବସ ଅବସରରେ ଜଳେଶ୍ୱର ବିଜେପି ପକ୍ଷରୁ ବିଜେପି କାର୍ଯ୍ୟାଳୟ ସମ୍ମୁଖରେ ମହାଆଡମ୍ବରରେ ପାଳିତ ହୋଇଛି । ଏଥିରେ ନଗର ସଭାପତି ଫାଲଗୁନି ପାଣିଗ୍ରାହୀ ସଭାପତିତ୍ୱ କରିଥିବା ବେଳେ ପୂର୍ବତନ ନଗରପାଳ ପ୍ରବିର ପ୍ରଧାନ, ଜିଲା ଉପସଭାନେତ୍ରୀ ସାବିତ୍ରୀ ଜେନା, ଅରୁଣ କୁମାର ବେଜ, ସାଂସଦ ପ୍ରତିନିଧି ସାନ୍ତନୁ ପଟ୍ଟନାୟକ ପ୍ରମୁଖ ବକ୍ତବ୍ୟ ରଖି ବିଜେପି ହିଁ ଦେଶକୁ ସୁଶାସନ ଦେବାରେ ସମର୍ଥ ହୋଇଛି । ବିଜେପି ଶାସନ ବେଳେ ଏହାର ବୈଦେଶିକ ନିତୀ ଭାରତକୁ ଅଧିକ ସମୃଦ୍ଧ କରିଛି ବୋଲି ବକ୍ତାମାନେ କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ନଗର ଯୁବମୋର୍ଚ୍ଚା ସଭାପତି ରବିନ୍ଦ୍ର ପାତ୍ର, ରାଜୀବ ଘୋଷ, ଜଗନ୍ନାଥ ଗୋଛାୟତ, ତନ୍ମୟ ଚନ୍ଦ, ସୌମିତ୍ର ସେନାପତି, ବିଶ୍ୱରୂପ ଦାସ, ନିମାଇଁଚରଣ ପ୍ରଧାନ, ଶିବନାରାୟଣ ମହାପାତ୍ର, ସଂଜୟ ମହାନ୍ତି, ଚନ୍ଦନ ଦାସ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଜଳେଶ୍ୱରରେ ବିଜେପି ତୃଣମୂଳ ସ୍ତରରେ ପ୍ରଭାବିତ ସଂପର୍କରେ ଆଲୋଚନା ହୋଇଥିଲା । କାର୍ଯ୍ୟାଳୟ ସମ୍ମୁଖରେ ବିଜେପି ପତାକା ଉତ୍ତୋଳନ ହୋଇଥିବା ବେଳେ ଆଦିତ୍ୟ ନାରାୟଣ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଇବଣିଆରେ ବିଜେପିର ପ୍ରତିଷ୍ଠା ଦିବସ ପାଳିତ

ଜଳେଶ୍ୱର,୦୬/୦୪ (ନି.ପ୍ର): ସମଗ୍ର ଦେଶରେ ବିଜେପିର ୪୨ତମ ପ୍ରତିଷ୍ଠାଦିବସ ପାଳନ ହେଉଥିବା ବେଳେ ଜଳେଶ୍ୱରର ଆଦିବାସୀ ଅଧ୍ୟୁସୀତ ରାଇବଣିଆ ଥାନା ଅନ୍ତର୍ଗତ ଗୁରୁଦାସପୁର ଠାରେ ଅନୁଷ୍ଠିତ ହୋଇ ଯାଇଛି । ଦୀର୍ଘ ୪୨ବର୍ଷ ଧରି ବିଜେପି ତାର ଇସ୍ତାହାର ଜନସାଧାରଣଙ୍କୁ ଶୁଣାଇ ଆସୁଥିବା ବେଳେ ଏହା ଜନାଦୃତ ହୋଇ ପାରୁଛି ବୋଲି ବିଜେପି ନେତା ଜୟନାରାୟଣ ମହାନ୍ତି କହିଛନ୍ତି । ମନୋଜ ସାସମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଭିଜିତ୍ ପ୍ରଧାନ, ତପନ ବିଶ୍ୱାଳ, ପ୍ରଣବ ପଣ୍ଡା, ଆଇନ୍‌ଜିବୀ ଶ୍ରୀକୃଷ୍ଣ ଗୁପ୍ତା, ନିତ୍ୟାନନ୍ଦ ଦାସ, ରବିନ୍ଦ୍ର ଦତ୍ତ, ଅରୁଣ ଜେନା, ସଂଜିବ ରାଉତ, ସୁଜୟ ଘୋଷ, ରବିନ୍ଦ୍ର ଦାସ ପ୍ରମୁଖ ବିଜେପିର ଉତ୍‌ଥାନ ସଂପର୍କରେ ମତ ରଖିଥିଲେ ।

# ଲଙ୍ଗଳେଶ୍ୱରରେ ବିଜେପିର ପ୍ରତିଷ୍ଠା ଦିବସ ପାଳିତ



ଲଙ୍ଗଳେଶ୍ୱର, ୦୬/୦୪ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ର ଯମୁନାଶୂଳ ପାନୁନିବାସ ଠାରେ ବିଜେପି ର ବସ୍ତା ନିର୍ବାଚନ ମଣ୍ଡଳୀ ସ୍ତରୀୟ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି । ପ୍ରଥମେ ଦଳୀୟ ପତାକା ଉତ୍ତୋଳନ ସହିତ ବନ୍ଦେ ମା ତରମ ଗାନ କରାଯାଇଥିଲା । ପରେ ପୂର୍ବତନ ବ୍ଲକ ସଭାପତି ସୁବଳ ଚନ୍ଦ୍ର ଦାସ ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ଏଇ ଉତ୍ସବରେ ମୁଖ୍ୟ ଅତିଥିଭାବେ ଦଳୀୟ ନେତା ଅଦ୍ୱୈତ ବାଗ ମୁଖ୍ୟ ବକ୍ତା ଭାବେ ଶିବାନନ୍ଦ ଦାସ, ସମ୍ମାନିତ ଅତିଥିଭାବେ ରତ୍ନାକର କୁହ୍ଲାରି, ଅଭିରାମ ମଲ୍ଲିକ, ଚତୁର୍ଭୁଜ ବାରିକ, ରାସ ବିହାରୀ ଦାସ ଅଧିକାରୀ ଅଜୟ ହାଜିରା ଯୋଗ ଦେଇ ଦଳର ନୀତି ଆଦର୍ଶ ଓ ଲକ୍ଷ ଉଦେଶ୍ୟ ବିଷୟରେ ଆଲୋଚନା କରିଥିଲେ । ପ୍ରତିମା ଜେନା ଅତିଥି ପରିଚୟ କରିବା ସହିତ ଯୁବନେତା ଅଜିତ ପଟ୍ଟାୟତ ଧନ୍ୟବାଦ ଅର୍ପଣ କରିଥିଲେ । ଅହଲ୍ୟା ମାଝୀ, ସୂର୍ଯ୍ୟନାରାୟଣ ସାହୁ, ଧୀରେନ ସେଠି, ରଥ ଜେନା, ଠାକୁର ଦାସ ଚକ୍ରବର୍ତ୍ତୀ, ରବୀନ୍ଦ୍ର ସେଠି, ଝାଡଶ୍ୱର ଦାସ, କାର୍ତ୍ତିକ ପାତ୍ର ରମେଶ ମହାନ୍ତି, ଅମରେନ୍ଦ୍ର ପଟ୍ଟାୟତ, ପ୍ରଶାନ୍ତ ମଲ୍ଲିକ,ସମେତ ପଚାଶ ଟି ପଞ୍ଚାୟତ ର ଶତାଧିକ କାର୍ଯ୍ୟକର୍ତା ଯୋଗ ଦେଇଥିଲେ । ଉତ୍ସବକୁ ରବୀନ୍ଦ୍ର ମହାନ୍ତି, ଅନନ୍ତ ଦାସ,ବିମଳ ରାଉତ, ନିରଞ୍ଜନ ରାଉତ,ରବୀନ୍ଦ୍ର ସେଠୀ, ସୁଧୀର ଦଳାଇ, ରାଧା ଶ୍ୟାମ ପଢ଼ିଆରୀ, ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ ।

## ଏପ୍ରିଲ ୮ରେ ୯ଟି ପଞ୍ଚାୟତ ପାଇଁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଭଦ୍ରକ, ୦୬/୦୪ (ନି.ପ୍ର): ବାଉଦପୁର, ରାନ୍ଦିଆ, ଓଲଙ୍ଗ, ଦଇସିଂ, କାଉପୁର, ଆମ୍ବରୋଳୀ, ଗେଲଟୁଆ, ବାଣିତିଆ, ବନ୍ଧଗାଁ ଭଦ୍ରକ ପଞ୍ଚାୟତ ସମିତିର ଏହି ୯ଟି ଗ୍ରାମ ପଞ୍ଚାୟତକୁ ନେଇ ଆସନ୍ତା ତା.୮.୦୪.୨୦୨୨ ରିଖ ଓଲଙ୍ଗ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହେବ । ସୂଚନା ଯୋଗ୍ୟକି ମାନସିକ ବିକାରଗ୍ରସ୍ତ, ସ୍ୱଳ୍ପ ଦୃଷ୍ଟିହୀନତା, ବୌଦ୍ଧିକ ଅସାମର୍ଥ୍ୟତା, ସ୍ୱପରାୟଣତା, ଚଳନଶକ୍ତି ବାଧିତ, ମଲଟିପୁଲ ସ୍କେଲେରୋସିସ୍, ମସ୍ତିଷ୍କ ପକ୍ଷାଘାତ, କୁଷ୍ଠରୋଗ ଆରୋଗୀ, ପାର୍କିସଂସ ରୋଗ, ମାନସିକ ଅସୁସ୍ଥତା, ବାମନ, ହିମୋଫିଲିଆ, ଶ୍ରବଣଶକ୍ତି ରହିତ, ଏସିଡ୍ ଆକ୍ରାନ୍ତ, ଥାଲାସେମିଆ, ମୂକ, ମାଂସପେଶୀର ଦୁର୍ବଳତା, ରକ୍ତହୀନତା, ଦୃଷ୍ଟିହୀନତା, ନିର୍ଦ୍ଦିଷ୍ଟ ବିଷୟରେ ଜ୍ଞାନ ଆହରଣରେ ଅସାମର୍ଥ୍ୟତା, ବହୁବିଧ ଭିନ୍ନକ୍ଷମତା ଏହି ୨୧ ପ୍ରାକାର ଭିନ୍ନକ୍ଷମତା ନିମନ୍ତେ ଶିବିରରେ ସାର୍ଟିଫିକେଟ୍ ପ୍ରଦାନ କରାଯିବ । ବ୍ଲକ୍ ପ୍ରଶାସନ ତରଫରୁ ପ୍ରଦତ୍ତ ସୂଚନା ଅନୁଯାୟୀ ଯେଉଁ ଦିବ୍ୟାଙ୍ଗ ମାନଙ୍କର ପୂର୍ବରୁ ୟୁ.ଡ଼ି.ଆଇ.ଡ଼ି. ସାର୍ଟିଫିକେଟ୍ ଥିବ ସେମାନେ ଉକ୍ତ ଶିବିରକୁ ଆସିବା ଆବଶ୍ୟକ ନାହିଁ । ଶିବିରରେ ଅଂଶ ଗ୍ରହଣ କରିବା ପାଇଁ ୟୁ.ଡ଼ି.ଆଇ.ଡ଼ି. ପୋର୍ଟାଲ୍‌ରେ ପଞ୍ଜିକରଣ ବାଧ୍ୟତା ମୂଳକ ଅଟେ । ଯେଉଁ ଦିବ୍ୟାଙ୍ଗ ମାନଙ୍କର କୃତ୍ରିମ ଅଙ୍ଗର ଆବଶ୍ୟକତା ଅଛି ସେମାନେ ନିଜର ଦିବ୍ୟାଙ୍ଗ ପ୍ରମାଣ ପତ୍ର ଏବଂ ଆଧାରକାର୍ଡ଼ର ନକଲ ସହ ଶିବିରକୁ ଆସିବେ ।

# ଅନ୍ତରାରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା



ଖଇରା,୦୬/୦୪ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଅନ୍ତରା -ମହତୀପୁର ହାଇସ୍କୁଲ ପରିସରରେ ବୁଧବାର ଦିନ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇ ଯାଇଛି । ଗୋଷ୍ଠୀଶିକ୍ଷାଧିକାରୀ ଗୋଲକ ବିହାରୀ ପାଢୀଙ୍କ ପୌରହିତ୍ୟରେ ଆୟୋଜିତ ଉଦ୍ଘାଟନୀ ସଭାରେ ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପ୍ରଗତିଶୀଳ ସମାଜରେ ବିଜ୍ଞାନ ର ଆବଶ୍ୟକତା ଯଥେଷ୍ଟ ରହିଛି ବୋଲି କହିଥିଲେ । ବିଆରସିସି ଶ୍ରୀଧର ବେହେରା ପ୍ରାରମ୍ଭିକ ସୂଚନା ଦେଇଥିଲେ । ବ୍ଲକ ଅଧକ୍ଷା ଅଭିଲିପ୍ସା ସାହୁ,ଜିଲା ପରିଷଦ ସଭ୍ୟା ସୁଷମା ମହାପାତ୍ର, ସରପଞ୍ଚ ରଶ୍ମିତା ଜେନା, ସମିତିସଭ୍ୟା ସବିତାରାଣୀ ଜେନା,ଏବିଇଓ ଗୌରାଙ୍ଗ ମହାପାତ୍ର,ବ୍ଲକ ବିଜ୍ଞାନ ସଂଯୋଜକ ଜୟନ୍ତ କୁମାର ପଣ୍ଡା, ପରିଚାଳନା କମିଟି ସଭାପତି ପ୍ରମୋଦ କୁମାର ଦାଶ, ସିଆରସିସି ଲମ୍ବୋଦର ଦାଶ ଯୋଗଦାନ କରିଥିଲେ । ଅଗଣି ନରେନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ରାଜେନ୍ଦ୍ର ଦାସମହାପାତ୍ର ମୁଖ୍ୟବକ୍ତା ଭାବେ ଭାବେ ଯୋଗ ଦେଇଥିଲେ । ପ୍ରଧାନଶିକ୍ଷକ ଷଡାନନ ପାଣିଗ୍ରାହୀ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସର୍ବକନିଷ୍ଠ ବିଭାଗରେ ୧୦, କନିଷ୍ଠ ବିଭାଗରେ ୪୫, ବରିଷ୍ଠ ବିଭାଗରେ ୩୫ଟି ପ୍ରକଳ୍ପ ସ୍ଥାନିତ ହୋଇଥିଲା । ସର୍ବକନିଷ୍ଠରେ ଗିତାଞ୍ଜଳୀ ନାୟକ,ମୋନାଲିସା ବିଶ୍ୱାଳ,ସୌମ୍ୟାଶ୍ରୀ ବେହେରା ଓ କନିଷ୍ଠରେ ସ୍ମିତାଞ୍ଜଳି ନାୟକ, ମୋନାଲିସା ନାୟକ, ସ୍ୱାଗତିକା ଗାହାଣ ଏବଂ ବରିଷ୍ଠରେ ଉତ୍ତିର୍ଣ୍ଣ ହୋଇଥିବା ଅଶ୍ରୁମୋଚନ ମହାନ୍ତି, ପ୍ରତିକ ବରାଳ, ରଘୁନାଥ ଶତପଥି, ପିୟୁସ କୁମାର ସେଣ୍ଡ, କାର୍ତ୍ତିକେଶ୍ୱର ପଣ୍ଡା ଏବଂ ସନ୍ତୋଶ କୁମାର ନାୟକଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । ଗୋଷ୍ଠି ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଏଥିରେ ସହଯୋଗ କରିଥିଲେ ।

# ଶିଶୁମାନଙ୍କ ଟିକାକରଣ ପ୍ରକ୍ରିୟାକୁ ମଜବୁତ ଏବଂ ସଶକ୍ତ କରିବା ଦିଗରେ ଏକ ଭର୍ଚୁଆଲ ମିଡିଆର ସଚେତନତା କାର୍ଯ୍ୟକ୍ରମ




ମୟୂରଭଞ୍ଜ/କୋରାପୁଟ୍/ଗଞ୍ଜାମ, ୦୬/୦୪ (ନି.ପ୍ର): ଶିଶୁମାନଙ୍କ ଟୀକାକରଣ ପ୍ରକ୍ରିୟାକୁ ମଜବୁତ ଏବଂ ସଶକ୍ତ କରିବା ଦିଗରେ, ଓଡିଶା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ରିଜିଓନାଲ୍ ଆଉଟ୍‌ରିଚ୍ ବ୍ୟୁରୋ (ଆର୍‌ଓବି) ଭୁବନେଶ୍ୱର ର ସହଯୋଗରେ ୟୁନିସେଫ୍ ଓଡିଶା ଦ୍ୱାରା ଏକ ଭର୍ଚୁଆଲ ମିଡିଆ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇ ମୟୂରଭଞ୍ଜ, କୋରାପୁଟ, ଗଞ୍ଜାମ ଜିଲ୍ଲାରେ 'ଇଣ୍ଟେନସିଫାଏଡ୍ ମିଶନ ଇନ୍ଦ୍ରଧନୁଷ' (ଆଇଏମ୍‌ଆଇ) ଏବଂ ପିଲାମାନଙ୍କ କୋଭିଡ୍ ଟିକାକରଣ ବିଷୟରେ ସଚେତନ କରାଯାଇଛି । ମହାମାରୀର ପରବର୍ତ୍ତୀ ସମୟରେ ଉଭୟ ମା ଏବଂ ଶିଶୁଙ୍କର ପୂର୍ଣ୍ଣ ଟକାକରଣ ହାରକୁ ବଢାଇବା ପାଇଁ ରାଜ୍ୟରେ ଆଇଏମ୍‌ଆଇ ଆରମ୍ଭ କରାଯାଇଥିଲା । ଏନ୍‌ଏଫ୍‌ଏଚ୍‌ଏସ୍-୫ର ରିପୋର୍ଟ ଅନୁଯାୟୀ ସଫଳ କୋଭିଡ ଟୀକାକରଣ ବ୍ୟତୀତ ୯୦.୫ ପ୍ରତିଶତ ପୂର୍ଣ୍ଣ ଟୀକାକରଣ କରିବାରେ ଓଡିଶା ଦେଶର ଏକମାତ୍ର ରାଜ୍ୟ ହୋଇପାରିଛି । ରାଜ୍ୟର ୨୦ ଜିଲ୍ଲା ପୂର୍ଣ୍ଣ ଟୀକାକରଣରେ ୯୦% ରୁ ଅଧିକ ଥିବାବେଳେ ୯୦% ରୁ କମ୍ ଟିକାକରଣ ହାର ଥିବା ୧୦ଟି ଜିଲ୍ଲାଙ୍କୁ ଏବେ ଅଧିକ ଗୁରୁତ୍ୱ ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ରିଜିଓନାଲ୍ ଆଉଟ୍‌ରିଚ୍ ବ୍ୟୁରୋ, ଭୁବନେଶ୍ୱରର ଅତିରିକ୍ତ ନିର୍ଦ୍ଦେଶକ, ଅଖିଲ୍ କୁମାର ମିଶ୍ର; ରାଜ୍ୟ ଟୀକାକରଣ ଅଧିକାରୀ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ, ଡ. ତାପସ କୁମାର ପାତ୍ର, ଶିଶୁ ସ୍ୱାସ୍ଥ୍ୟ ପରିଚାଳକ ଆର୍ ଆଇ ଡ. ଶସିଭୂଷଣ ପଣ୍ଡା, ଏଡିପିଏଚ୍‌ଓ, ଏଫ୍‌ଡବ୍ଲ୍ୟୁ, ଗଞ୍ଜାମ, ଡ. ଭି ସରୋଜିନୀ ଦେବୀ,ଆଇ/ସି ଡିଆଇଓ, ମୟୂରଭଞ୍ଜ, ଡ. ଜ୍ଞାନେନ୍ଦ୍ର କୁମାର ମହାନ୍ତି, କୋରାପୁଟର ଏଡିପିଏଚ୍, ଏଫ୍‌ଡବ୍ଲ୍ୟୁ, ଡ. ନୀଳମାଧବ ସତପଥୀ,(ଏଲ୍‌ଏମ୍-ଟୀକାକରଣ) ମୟୂରଭଞ୍ଜ, ଉମାଶଙ୍କର ମୁଖୀ, ୟୁନିସେଫ୍ ଓଡିଶାର ଯୋଗାଯୋଗ ବିଶେଷଜ୍ଞ, ରାଧିକା ଶ୍ରୀବାସ୍ତ ଏବଂ ସ୍ୱାସ୍ଥ୍ୟ ବିଶେଷଜ୍ଞ, ୟୁନିସେଫ୍ ଓଡିଶା, ଡ. ଅନିଲ୍ ପଟ୍ଟନାୟକ ଆଦି ଯୋଗଦେଇଥିଲେ । ୟୁନିସେଫ୍ ଓଡିଶାର ଯୋଗାଯୋଗ ବିଶେଷଜ୍ଞ, ରାଧିକା ଶ୍ରୀବାସ୍ତବ ଏହି ପ୍ୟାନେଲ ଆରମ୍ଭ କରି ପିଲାମାନଙ୍କ କ୍ଷେତ୍ରରେ ରୋଗ ପ୍ରତିରୋଧକ ଶକ୍ତି ବର୍ଦ୍ଧିକ କାର୍ଯ୍ୟକ୍ରମର ଗୁରୁତ୍ୱ ବିଷୟରେ ଆଲେକପାତ କରିବା ସଂଗେସଂଗେ ପିତାମାତା ତଥା ଯତ୍ନ ପ୍ରଦାନକାରୀଙ୍କୁ ଏ ବିଷୟରେ ସଚେତନ କରିବା ଦିଗରେ ଗଣମାଧ୍ୟମର ଭୂମିକା ବିଷୟରେ କହିଥିଲେ । ରିଜିଓନାଲ୍ ଆଉଟ୍‌ରିଚ୍ ବ୍ୟୁରୋ ନିର୍ଦ୍ଦେଶକ, ଭୁବନେଶ୍ୱର, ଅଖିଲ୍ କୁମାର ମିଶ୍ର କହିଛନ୍ତି, " ଟୀକାକରଣ ଏକ ଅନବରତ ପ୍ରକ୍ରିୟା କିନ୍ତୁ କୋଭିଡ ମହାମାରୀ ପ୍ରତୀବନ୍ଧକ ଯୋଗୁଁ ଏହି ପ୍ରକିୟାରେ ବାଧା ସୃଷ୍ଟି ହୋଇଥିଲା । ଜୀବନ ସ୍ୱାଭାବିକ ଅବସ୍ଥାକୁ ଫେରିବା ସହିତ ନିୟମିତ ଟୀକାକରଣ ପ୍ରକ୍ରିୟା ମଧ୍ୟ ସ୍ୱାଭାବିକ ଅବସ୍ଥାକୁ ଫେରିବା ଆବଶ୍ୟକ ।"

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ରୁଷ-ୟୁକ୍ରେନ ଯୁଦ୍ଧକୁ ନେଇ....

ରାଜ୍ୟସଭାରେ ବିଜେପି ସଦସ୍ୟଙ୍କ ସଂଖ୍ୟା ୧୦୦ ଅଙ୍କ ଛୁଇଁଛି ।" ମୋଦି ଆହୁରି କହିଛନ୍ତି, "ଚଳିତ ବର୍ଷ ଭାରତୀୟ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି । ଏହା ଅମୃତକାଳ । ତେଣୁ ଆମକୁ ଲୋକାଲ ଦ୍ରବ୍ୟକୁ ବିଶ୍ୱସ୍ତରରେ ପହଞ୍ଚାଇବାକୁ ହେବ ଓ ସାମାଜିକ ନ୍ୟାୟକୁ କାଏମ ରଖିବାକୁ ପଡ଼ିବ । ଏହି ନୀତିରେ ବିଜେପି ନିୟମିତ କାମ କରି ନିଜର ଆଦର୍ଶ ଗୋଟିଏ ଭାରତ, ଶ୍ରେଷ୍ଠ ଭାରତ ନୀତିକୁ ଅଧିକ ସଶକ୍ତ କରି ଚାଲିଛି । ମହାମାରୀ ସମୟରେ ଭାରତ ୪୦୦ ବିଲିୟନ ଡଲାରର ରପ୍ତାନୀ ଟାର୍ଗେଟକୁ ପୂରଣ କରି ନିଜ ଦକ୍ଷତାର ପ୍ରମାଣ ଦେଇଛି । ୧୦୦ ବର୍ଷ ମଧ୍ୟରେ ସବୁଠାରୁ ବଡ଼ ବିପଦ ବିଶ୍ୱକୁ ଘାରିଥିଲେ ହେଁ ଭାରତ ଏହାର ମୁକାବିଲା କରି ୮୦ କୋଟି ଲୋକଙ୍କୁ ମାଗଣା ରାସନ ଯୋଗାଇ ଦେଇଛି । କୌଣସି ଭାରତୀୟ ଯେମିତି ଭୋକରେ ନ ଶୋଇବେ, ତା'କୁ ନିଶ୍ଚିତ କରିବା ପାଇଁ କେନ୍ଦ୍ର ସରକାର ୩.୫ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି । ବିଜେପି ନେତୃତ୍ୱାଧୀନ ସରକାର ସବୁବେଳେ ସବକା ସାଥ, ସବକା ବିକାଶ ଓ ସବକା ବିଶ୍ୱାସ ମନ୍ତ୍ରରେ କାମ କରିଛି ।" ବିଜେପିର ୪୨ତମ ପ୍ରତିଷ୍ଠା ଦିବସରେ ମୋଦି ବିରୋଧୀଙ୍କୁ ଟାର୍ଗେଟ କରିବାକୁ ପଛାଇ ନାହାନ୍ତି । ସେ କହିଛନ୍ତି, "ପୂର୍ବରୁ ଭାରତ ବିକାଶ ରାସ୍ତାରେ ଚାଲି ପାରିବନି ବୋଲି ଆଶଙ୍କା କରି ଅନେକ ଇସ୍ତଫା ଦେଉଥିଲେ । ହେଲେ ଏବେ ଭାରତ ବିକାଶ ରାସ୍ତାରେ ଚାଲୁଥିବା ସମସ୍ତେ ବିଶ୍ୱାସ କରିବା ଆରମ୍ଭ କଲେଣି । ଦୀର୍ଘ ଦଶନ୍ଧି ଧରି କିଛି ରାଜନୀତିକ ଦଳ ଭୋଟ ବ୍ୟାଙ୍କ ରାଜନୀତିକୁ ଗୁରୁତ୍ୱ ଦେଉଥିଲେ । ସେମାନେ କିଛି ଲୋକଙ୍କ ବିକାଶ କରିବାକୁ ପ୍ରତିଶ୍ରୁତି ଦେଉଥିଲେ ଓ ବାକି ଲୋକଙ୍କୁ ଅଣଦେଖା କରୁଥିଲେ । ପାତରଅନ୍ତର ଓ ଦୁର୍ନୀତି ଭୋଟ ବ୍ୟାଙ୍କ ରାଜନୀତିର ଫଳ । କିନ୍ତୁ ବିଜେପି ବେଶ ସଫଳତାର ସହ ଏହାକୁ କାଉଣ୍ଟର କରିପାରିଛି । ବିଜେପି ନିୟମିତ ଭାବେ ଦେଶର ଗରିବ, ଦଳିତ ଓ ମହିଳାଙ୍କ ବିକାଶ ପାଇଁ କାମ କରି ଚାଲିଛି । ବଂଶବାଦୀ ପରିବାର ଗଣତନ୍ତ୍ର ପ୍ରତି ସବଠାରୁ ବଡ଼ ବିପଦ ।"

## ଋଷ ଠାରୁ ଅଧିକ ତୈଳ....

ହିତକର ନୁହେଁ । ଅନ୍ୟପଟେ ଋଷ ରିହାତି ଦରରେ ଏବେ ଭାରତକୁ ଇନ୍ଧନ ଓ ତୈଳ ଯୋଗାଉଛି । ଏବେ ଋଷ ବ୍ୟାରେଲ ଉପରେ ୩୫ ଡଲାର ରିହାତି ଦେଉଛି । ଆମେରିକାର କଟକଣା କାରଣରୁ ଏବେ ଡଲାରରେ ବ୍ୟବସାୟ କରିବା ଋଷ ପକ୍ଷେ ସମ୍ଭବ ହେଉନାହିଁ । ତେଣୁ ଏଭଳିସ୍ଥଳେ ଭାରତ ସହ ଅନ୍ୟ ଉପାୟରେ କାରବାର କରୁଛି ଋଷ । ଅନ୍ୟପଟେ ଋଷର ବୈଦେଶିକ ମନ୍ତ୍ରୀ ଭାରତ ଗସ୍ତରେ ଆସିଥିବା ବେଳେ ଭାରତକୁ ଯାହା ଦରକାର ଋଷ ସହଯୋଗ କରିବାକୁ ପ୍ରସ୍ତୁତ ବୋଲି କହିଥିଲେ । ଆଉ ଏହାପରେ ଋଷ ଠାରୁ ଅଧିକ ମାତ୍ରାରେ ତୈଳ କିଣିବାକୁ ନିଷ୍ପତ୍ତି ନେଇଥିଲା ଭାରତ । ଏପରିକି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଗତ ସପ୍ତାହରେ କହିଥିଲେ, ଭାରତ ପାଇଁ ନିଜର ସୁରକ୍ଷା ସର୍ବୋପରି । ଯଦି ଇନ୍ଧନ ମିଳିବ ତେବେ ଭାରତ କିଣିବ । ଗୋଟିଏ ପଟେ ଋଷ ସହ ବ୍ୟବସାୟ ନ କରିବାକୁ ଅନ୍ୟ ଦେଶ ଉପରେ ଆମେରିକା ଚାପ ପକାଉଥିବା ବେଳେ ନିଜେ କିନ୍ତୁ ବ୍ୟବସାୟକୁ ପୂର୍ବପେକ୍ଷା ଅଧିକ ବଢାଇଛି । ଋଷ ଠାରୁ ପ୍ରଚୁର ପରିମାଣରେ ଅଶୋଧିତ ତୈଳ କିଣୁଛି ଆମେରିକା । ଗତ ଗୋଟିଏ ସପ୍ତାହ ମଧ୍ୟରେ ୪୩% ଅଧିକ ଅଶୋଧିତ ତୈଳ କିଣିଛି ଆମେରିକା । ସବୁଠୁ ବଡ କଥା ହେଲା, ଋଷ ଠାରୁ ଆମେରିକା ଶସ୍ତାରେ ତୈଳ କିଣି ୟୁରୋପୀୟ ଦେଶ ଗୁଡିକୁ ଅଧିକ ଦରରେ ବିକ୍ରି କରୁଛି । ଆଉ ଏଭଳି କରି ତୈଳ ବଜାରକୁ ନିୟନ୍ତ୍ରଣ କରିବାକୁ ଚାହୁଁଛି ଆମେରିକା ।

## କ୍ୟାମେରାମ୍ୟାନ ମାନସ ସ୍ୱାଇଁ ହତ୍ୟା....

ଦୟାଲ ଆଶ୍ରମରେ ଜାନୁୟାରୀ ୩୦ତାରିଖରେ ଶର୍ମିଷ୍ଠା ଓ ନିରଞ୍ଜନ ସେଠୀ ମାନସଙ୍କୁ ସମ୍ପୂର୍ଣ୍ଣ ଅଫିସକୁ ଡାକି ଚିପ୍ ଦେବାକୁ କହି ଦୁର୍ବ୍ୟବହାର କରି କ୍ୟାମେରା ଛଡେଇ ନେଇଥିଲେ । ତାପର ଦିନ ମାନସ ଚିପ ଫେରାଇବା ପାଇଁ କ୍ୟାମେରା ଫେରାଇବା ସହ ୧୦ ହଜାର ଟଙ୍କା ଦେବାକୁ ଦାବି କରିଥିବା ଶର୍ମିଷ୍ଠା କହିଛନ୍ତି । କ୍ରାଇମବ୍ରାଂଚ ଆଗରେ ଶର୍ମିଷ୍ଠା ଦେଇଥିବା ଏହି ସୂଚନା ବେଶ ଗୁରୁତ୍ୱ ବହନ କରୁଛି । ଅନ୍ୟପଟେ ଚିପରେ ଏମିତି କଣ ଥିଲା ଯେ ମାନସ ତାଙ୍କୁ ଟଙ୍କା ଦେବାକୁ ଦାବି କରିବା ଯାଏ କଥା ଗଲା । ଉଭୟ ଶର୍ମିଷ୍ଠା ଓ ନିରଞ୍ଜନ ସେଠୀଙ୍କ ପାଇଁ ସେହି ଚିପରେ ଥିବା ଭିଡିଓ କଣ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା ତାହା କ୍ରାଇମବ୍ରାଂଚ ଆଗରେ କହୁନାହାନ୍ତି ଶର୍ମିଷ୍ଠା । ମେମୋରି ଚିପ୍ ପାଇବା ପାଇଁ କ୍ରାଇମବ୍ରାଂଚ ମାନସ ସ୍ୱାଇଁଙ୍କ ଗାଁ ରଣପୁର ନିକଟ ଗୋଡିପୋଖରୀକୁ ଯାଇ ଛାନଭିନ୍ କରିଛି । ଏହାପରେ ଭୁବନେଶ୍ୱରରେ ଯେଉଁଠି ମାନସ ଭଡା ଘରେ ରହିଥିଲେ ସେଠାକୁ ଯାଇ ମଧ୍ୟ ଖାଲତଲାସୀ କରିଛନ୍ତି । କିନ୍ତୁ ମେମୋରି ଚିପ୍ ପାଇ ପାରି ନାହାନ୍ତି ।

## ଉତ୍କଟ ହେବାରେ ଲାଗିଛି ଶ୍ରୀଲଙ୍କା ....

ସମସ୍ୟା ଘେରରେ ଫଶିଥିବା ରାଜପକ୍ଷ ସରକାର । ଶ୍ରୀଲଙ୍କାରେ ଆର୍ଥିକ ସମସ୍ୟା ଦିନକୁ ଦିନ ଗମ୍ଭୀର ରୂପ ନେବାରେ ଲାଗିଛି । ଦେଶରୁ ଏମରଜେନ୍ସି ଉଠାଇ ଦିଆଯିବା ପରେ ଲୋକଙ୍କ ଆନ୍ଦୋଳନ ଆହୁରି ତୀବ୍ର ହୋଇଛି । ହାତରେ ପ୍ଲା କାର୍ଡ ଧରି ଚୀନ ବିରୋଧରେ ନାରାବାଜି କରୁଥିବା ନଜର ଆସିଛନ୍ତି ଶ୍ରୀଲଙ୍କା ନାଗରିକ । ସେପଟେ ଲୋକଙ୍କ ପାଖରେ ଖାଦ୍ୟ ସାମଗ୍ରୀର ଘୋର ସଂକଟ ଦେଖିବାକୁ ମିଳିଛି । ଦେଶରେ ଅତ୍ୟାବଶ୍ୟକୀୟ ସାମଗ୍ରୀର ଦରଦାମ୍ ଆକାଶଛୁଆଁ ହୋଇଛି । ଫଳରେ ଲୋକେ ଉତ୍ୟକ୍ତ ହୋଇ ପ୍ରତିବାଦ କରିବାକୁ ଓହ୍ଲାଇଛନ୍ତି । ସେପଟେ ଦେଶରେ ନ୍ୟୁନତମ ସ୍ୱାସ୍ଥ୍ୟସେବା ପାଇବାରେ ବଂଚିତ ହେଉଛନ୍ତି ଲୋକେ । ସରକାରୀ ଡାକ୍ତରଖାନା ବାହାରେ ରୋଗୀଙ୍କ ଲମ୍ବା ଲାଇନ୍ ଦେଖିବାକୁ ମିଳୁଛି । ଲୋକଙ୍କୁ ଔଷଧପତ୍ର ବି ମିଳୁ ନଥିବା ଅଭିଯୋଗ ହୋଇଛି । ସମସ୍ୟା ଘେରରେ ଥିବା ଶ୍ରୀଲଙ୍କାକୁ ସହାୟତା ଯୋଗାଇଛି ଭାରତ । ଯାହାକୁ ନେଇ ଦେଶରେ ତୈଳ ଜନିତ ସମସ୍ୟାର କିଛି ମାତ୍ରାରେ ସମାଧାନ ହୋଇଛି । ଫଳରେ ୬ ଏପ୍ରିଲରୁ ୮ ଏପ୍ରିଲ ପର୍ଯ୍ୟନ୍ତ ଶ୍ରୀଲଙ୍କାର ୧୨, ୧୩ ଘଂଟା ପରିବର୍ତେ ସାଢେ ଘଂଟା ବିଦ୍ୟୁତ କାଟ ହେବ ।

## ବିଜେପିର ପ୍ରତିଷ୍ଠା....

ବିଜେପିକୁ ଯେଉଁଭଳି ଜନସମର୍ଥନ ମିଳୁଛି ତାହା ଅତ୍ୟନ୍ତ ଉତ୍ସାହଜନକ ଏବଂ ମୁଖ୍ୟ ବିରୋଧୀ ଦଳ ଭାବେ ରାଜ୍ୟବାସୀ ଯେଉଁ ଦାୟିତ୍ୱ ପ୍ରଦାନ କରିଛନ୍ତି, ତାକୁ ସୁଚାରୁ ରୂପେ ନିର୍ବାହ କରି ରାଜ୍ୟବାସୀଙ୍କ ସ୍ୱାର୍ଥ ପାଇଁ କାର୍ଯ୍ୟ କରିବାକୁ ଆମେ ସଂକଳ୍ପବଦ୍ଧ । ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀ ଏବଂ ବର୍ତ୍ତମାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କ ପାଇଁ ଅନେକ କଲ୍ୟାଣକାରୀ ଯୋଜନାର ସଫଳ ରୂପାୟନ କରିଛନ୍ତି । "ସେବା ହିଁ ସଂଗଠନ" ସଂକଳ୍ପ ନେଇ ବିଜେପିର ସମସ୍ତ କାର୍ଯ୍ୟକର୍ତା ନିରନ୍ତର କାର୍ଯ୍ୟ କରିଚାଲିଛନ୍ତି । "ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ, ସବକା ପ୍ରୟାସ"କୁ ମୂଳମନ୍ତ୍ର କରି ରାଷ୍ଟ୍ରହିତ କାର୍ଯ୍ୟରେ ବିଜେପି ନିଜ କାର୍ଯ୍ୟଧାରାକୁ ଜାରି ରଖିଛି । ସଶକ୍ତ ଭାରତବର୍ଷ ଏବଂ ଆତ୍ମନିର୍ଭର ଭାରତ ଗଠନ କରିବା ପାଇଁ ଆମ ସମସ୍ତଙ୍କର ସାମୁହିକ ପ୍ରୟାସର ଆବଶ୍ୟକତା ରହିଛି । ଓଡିଶାର ଯେଉଁ ଗରୀବ ଜନସାଧାରଣ ଅବହେଳିତ ଓ ନିଷ୍ପେସିତ ଅଛନ୍ତି ସେମାନଙ୍କ ପାଖରେ ମୋଦୀ ସରକାରଙ୍କର ଯୋଜନା ପହଁଚାଇବା ପାଇଁ ବିଜେପି କାର୍ଯ୍ୟକର୍ତାମାନେ କାର୍ଯ୍ୟ କରିବାକୁ ଶ୍ରୀ ମହାନ୍ତି ଆହ୍ୱାନ ଦେଇଛନ୍ତି । ଆଜି ଠାରୁ ଆସନ୍ତା ୨୦ତାରିଖ ପର୍ଯ୍ୟନ୍ତ ଗୋଟିଏ ପକ୍ଷ ଧରି ପାର୍ଟି କାର୍ଯ୍ୟକର୍ତାମାନେ କେନ୍ଦ୍ର ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନାର ସୁଫଳ ପ୍ରସଙ୍ଗରେ ଲୋକଙ୍କ ସହିତ ସିଧାସଳଖ ଆଲୋଚନା କରିବେ ବୋଲି ଶ୍ରୀ ମହାନ୍ତି କହିଛନ୍ତି । ଏହି ଅବସରରେ ରାଜ୍ୟ ଉପସଭାପତି ଭୃଗୁ ବକ୍ସିପାତ୍ର ଓ ଅନିତା ଶୁଭଦର୍ଶିନୀ, ରାଜ୍ୟ ସାଧାରଣ ସଂପାଦକ ଡ.ଲେଖାଶ୍ରୀ ସାମନ୍ତସିଂହାର ଓ ଗୋଲକ ମହାପାତ୍ର, ବରିଷ୍ଠ ନେତା ଶାରଦା ଶତପଥୀଙ୍କ ସମେତ ବହୁ କାର୍ଯ୍ୟକର୍ତା ପ୍ରମୁଖ ଉପସ୍ଥିତ ଥିଲେ ।

# ମମତା ଗିରିଙ୍କ ୩ୟ ଶ୍ରାଦ୍ଧ ଓ ସ୍ୱରୂପାନନ୍ଦ ଉପାସନା

ଜଳେଶ୍ୱର,୦୬/୦୪ (ନି.ପ୍ର): ବିଶିଷ୍ଟ ସମାଜସେବି ସ୍ୱର୍ଗିୟା ନମିତା ଗିରିଙ୍କ ୩ୟ ଶ୍ରାଦ୍ଧବାର୍ଷିକୀ ଓ ସ୍ୱରୂପାନନ୍ଦ ଉପାସନା ଓ ଅଖଣ୍ଡ ନାମଯଜ୍ଞ ପୂଜ୍ୟପୂଜା ସଂସଦ ପକ୍ଷରୁ ଶାନ୍ତିଆଠାରେ ପାଳିତ ହୋଇ ଯାଇଛି । ଏଥିରେ ହରେକୃଷ୍ଣ ଗିରି ଅଧ୍ୟକ୍ଷତା କରି ଏହାର ସ୍ୱାଗତ ଓ ଆଭିମୂଖ୍ୟ ବର୍ଣ୍ଣନାକରିଥିଲେ । ମୁଖ୍ୟ ଅତିଥିଭାବେ ପ୍ରଫେସର ବିପିନ ବିହାରୀ ବିଶ୍ୱାଳ, ମୁଖ୍ୟବକ୍ତାଭାବେ ପ୍ରଫେସର ଜିତାରାମ ଦେ, ସମ୍ମାନିତ ଅତିଥିଭାବେ ବ୍ରଜେନ୍ଦ୍ର ନାଥ ଗିରି ଯୋଗ ଦେଇ ନମିତା ଗିରିଙ୍କ ଭଳି ଜଣେ ଗାଁ ଗହଳିର ହୃଦୟରେ ମାନବିକତା, ସାମାଜିକତା, ସମାଜସେବା ଓ ଅନ୍ୟପ୍ରତି ଦୟାଭାବ କିପରି ପ୍ରକିଟିତ ହୋଇଥିଲା ସେ ସମ୍ପର୍କରେ କହିଥିଲେ । 'ଯେତିକି ଶୁଣିଛି' ସ୍ମାରଣିକାକୁ ମୁଖ୍ୟ ଅତିଥି ଉନ୍ମୋଚନ କରିଥିଲେ । ବିଶେଷ ଗୁଣର ଅଧିକାରୀ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ନିବେଦିତା ଗିରି, ନିଶିକାନ୍ତ ଗିରି, ଶୁଭସ୍ମିତା ପାଣି, ଯୋଗେନ୍ଦ୍ର ରାଉଳ ପରିଚାଳନା କରିଥିବା ବେଳେ ସ୍ୱରୂପାନନ୍ଦଙ୍କ ଦର୍ଶନ, ଚିନ୍ତାଚେତନା ଉପରେ ଆଲୋକପାତ କରାଯାଇଥିଲା ।

# ଅନ୍ତର୍ଜାତୀୟ ନୌବାଣିଜ୍ୟ ଦିବସ ପାଳିତ

ଲଙ୍ଗଳେଶ୍ୱର, ୦୬/୦୪ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ପଞ୍ଚୁପାଲି ଠାରେ ଆଜି ମଧ୍ୟାହ୍ନ ରେ କୋଷ୍ଟ କେନାଲ ବଞ୍ଚାଅ କମିଟି ପକ୍ଷରୁ ଅନ୍ତର୍ଜାତୀୟ ନୌବାଣିଜ୍ୟ ଦିବସ ପାଳିତ ହୋଇଯାଇଛି । କମିଟିର ଆବାହକ ସୁବଳ ଚନ୍ଦ୍ର ଦାସଙ୍କ ପୌରହିତ୍ୟରେ ଆୟୋଜିତ ଏଇ ସଭାରେ ବାଲିଆପାଳ ନାରୀ ଜାଗରଣ ସମିତି ଓ ଖାଉଟି ସୁରକ୍ଷା ମଞ୍ଚର ସଭାନେତ୍ରୀ ସାରଦା ଗିରି ଯୋଗ ଦେଇ କହିଥିଲେ ବାଲିଆପାଳ, ଲଙ୍ଗଳେଶ୍ୱର ସାର୍ଥୀ ଦେଇ ଯାଇଥିବା ଓଡିଶା କୋଷ୍ଟକେନାଲ ନୌବାଣିଜ୍ୟର ଐତିହ୍ୟ ବହନ କରିବା ସହ ନୌବାଣିଜ୍ୟର ମୁଖ୍ୟ ମାଧ୍ୟମ ଥିଲା । ଖାଲି ନୌବାଣିଜ୍ୟ ନୁହେଁ ଯାତାୟାତ ର ପ୍ରମୁଖ ଜଳ ପାଥ ଥିଲା । ପଶ୍ଚିମବଙ୍ଗ ରୁ ଓଡିଶାକୁ ଯୋଗାଯୋଗ ମାଧ୍ୟମ ଥିଲା । କୃଷକ ନେତା ଅଦ୍ୱୈତ ବାଗ, ରତ୍ନାକର କୁହ୍ଲାରି, ସମ୍ବାଦିକା ପ୍ରତିମା ଜେନା, ଅନନ୍ତ ଦାସ, କମଳ ଲୋଚନ ଭୂୟାଁ, ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ନୌବାଣିଜ୍ୟ କ୍ଷେତ୍ରରେ ବାଲେଶ୍ୱର ଜିଲ୍ଲା ତଥା ବାଲିଆପାଳ ଅଞ୍ଚଳ ସେତେବେଳେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ଏବେ ଏଇ କେନାଲ ପୋତି ହୋଇ ଅକାମି ହୋଇ ପଡିଛି । ଏହାର ପୁନରୁଦ୍ଧାର କରିବାକୁ ଦାବି ହୋଇଥିଲା । ରବୀନ୍ଦ୍ର ସେଠି ଅତିଥି ପରିଚୟ କରିଥିବା ବେଳେ ରାମରଞ୍ଜନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

# କଲେଜ ଛାତ୍ରୀଙ୍କୁ ଅଶ୍ଳୀଳ ଇଙ୍ଗିତ କରି ଜେଲ୍ ଗଲେ ଚତୁର୍ଥ ଶ୍ରେଣୀ କର୍ମଚାରୀ

ନୀଳଗିରି, ୦୬/୦୪ (ନି.ପ୍ର): ନୀଳଗିରି କଲେଜର ଜନୈକା ଛାତ୍ରୀଙ୍କୁ ଅଶାଳୀନ ମନ୍ତବ୍ୟ ଦେଇଥିବା ନେଇ କଲେଜର ଜନୈକ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ଜେଲ ଯିବାକୁ ପଡ଼ିଛି । ପ୍ରାପ୍ତ ସୂଚନା ଅନୁସାରେ ଗତ ୫ତାରିଖ ଦିନ ସକାଳ ପ୍ରାୟ ୮.୩୦ମି. ସମୟରେ ଜନୈକା ଛାତ୍ରୀ ଜଣକ କଲେଜ ଜି.ସି.ଆର. ରୁମରେ ଏକୁଟିଆ ବସିଥିବା ବେଳେ କଲେଜର ଜଣେ ରାତ୍ରି ଜଗୁଆଳି ଜି.ସି.ଆର ରୁମକୁ ଯାଇ ଛାତ୍ରୀଙ୍କୁ କଲେଜ୧୦ଟା ବେଳେ ଥିବା ବେଳେ ତୁ ଏତେ ଶୀଘ୍ର କ'ଣ ପାଇଁ ଆସିଲୁ ବୋଲି ପଚାରିବା ସହ କ'ଣ ଏଞ୍ଜୟ କରିବାକୁ ଆସିଛୁ ବୋଲି କହିଥିଲା । ପରେ ଛାତ୍ରୀ ପାଖକୁ ଆସି ଖରାପ ଉଦ୍ଦେଶ୍ୟ ରଖି ଅଶ୍ଳୀଳ ଇଂଗିତ କରି ଧରିବାକୁ ଆସୁଥିବା ବେଳେ ଛାତ୍ରୀ ଜଣକ କୌଶଳ କ୍ରମେ ଖସି ଆସିଥିଲା । ଘଟଣା ବାବଦରେ ଛାତ୍ରୀ ଜଣକ ନିଜର ସାଙ୍ଗମାନଙ୍କ ଠାରେ ପ୍ରକାଶ କରିବା ସହ କଲେଜ ଅଧ୍ୟକ୍ଷଙ୍କୁ ଘଟଣାସଂପର୍କରେ ଅବଗତ କରିଥିଲେ । ମାତ୍ର କଲେଜ ଅଧ୍ୟକ୍ଷ କୌଣସି ପଦକ୍ଷେପ ନ ନେବାରୁ ଆଜି ନୀଳଗିରି ଥାନାରେ ଛାତ୍ରୀ ଜଣକ ଅଭିଯୋଗ କଲା ପରେ ଘଟଣାକୁ ଗୁରୁତ୍ୱ ଦେଇ କଲେଜ ପରିସରରୁ କର୍ମଚାରୀ ଜଣକ ଡ୍ୟୁଟିରେ ରହିଥିବା ବେଳେ ଅଧ୍ୟକ୍ଷଙ୍କ ବିନା ଅନୁମତିରେ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ପରେ ଜାମିନ୍ ନାମଂଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି । ଏ ନେଇ କଲେଜ ଅଧ୍ୟକ୍ଷଙ୍କୁ ପଚାରିବାରୁ ଅଭିଯୋଗରେ କଲେଜ ଛାତ୍ରୀ ଜଣକ ଯାହା ଉଲ୍ଲେଖ କରିଛନ୍ତି, ତାହା ସଂପୂର୍ଣ୍ଣ ମିଥ୍ୟା । ଘଟଣାଦିନ ଛାତ୍ରୀ ଜଣକ ଅଧ୍ୟକ୍ଷଙ୍କ ଦୃଷ୍ଟି ଆକର୍ଷଣ କଲା ପରେ ମହିଳା ଅଧ୍ୟାପିକାଙ୍କ ଧରି ଘଟଣାର ତଦନ୍ତ କରିଥିବା ବେଳେ କର୍ମଚାରୀ ଜଣକ ଛାତ୍ରୀ ଜଣକୁ ଏଞ୍ଜୟ କରିବାକୁ ଆସିଛୁ କହିବା କର୍ମଚାରୀ ଜଣକ ନିଜର ଭୁଲ ସ୍ୱିକାର କରିଥିଲେ ବୋଲି ମାନ ସାମାଧାନ କରିବା ସହ ଚତୁର୍ଥ ଶ୍ରେଣୀ କର୍ମଚାରୀ ଜଣକୁ ତାଗିଦ୍ ମଧ କରିଥିଲେ ବୋଲି ସୂଚନା ଦେଇଛନ୍ତି ।

# ବାଲେଶ୍ୱରରେ ୪୨ ତମ ବିଜେପି ପ୍ରତିଷ୍ଠା ଦିବସ



ବାଲେଶ୍ୱର,୦୬/୦୪ (ନି.ପ୍ର): ବିଜେପି ସଦର ଶାଖା ପକ୍ଷରୁ ଭାରତୀୟ ଜନତା ପାର୍ଟିର ୪୨ତମ ପ୍ରତିଷ୍ଠା ଦିବସ ସ୍ଥାନୀୟ ଦଳୀୟ କାର୍ଯ୍ୟାଳୟରେ ବୁଧବାର ପାଳିତ ହୋଇଯାଇଛି। ବିଜେପି ରାଜ୍ୟ ଯୁବମୋର୍ଚ୍ଚା ଉପ-ସଭାପତି ତଥା ସଦର ନିର୍ବାଚନ ମଣ୍ଡଳୀର ନେତା ମାନସ କୁମାର ଦତ୍ତଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଥମେ ଦଳୀୟ ପତାକା ଉତ୍ତୋଳନ କରାଯାଇଥିଲା। ବିଜେପି ନେତା ରବିନାରାୟଣ ମହାପାତ୍ର କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ବିଜେପିର ପ୍ରତିଷ୍ଠା ଦିବସ ଅବସରରେ ଶ୍ରୀ ଦତ୍ତ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ ତୃଣମୂଳ ସ୍ତରରୁ ସଂଗଠନକୁ ସୁଦୃଢ଼ ସ୍ଥିତିରେ ପହଞ୍ଚାଇଥିବା ସମସ୍ତ ଦିବଂଗତ ନେତୃତ୍ୱ ତଥା ଜନନାୟକଙ୍କୁ ଏହି ଅବସରରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଅନ୍ୟପକ୍ଷରେ ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଦର୍ଶରେ ଦେଶର କୋଟି କୋଟି ଶୃଙ୍ଖଳିତ କାର୍ଯ୍ୟକର୍ତ୍ତାଙ୍କ ସହଯୋଗରେ ବିଜେପି ଏକ ବିଶାଳ ପରିବାର ହୋଇପାରିଛି ବୋଲି ଦଳୀୟ ନେତାମାନେ ଏହି ପ୍ରତିଷ୍ଠା ଉତ୍ସବରେ ମତ ପ୍ରକାଶ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ସଂକଳ୍ପିତ ନୂଆ ଭାରତ ଗଠନ ଦିଗରେ ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ, ସବକା ପ୍ରୟାସ ମୂଳମନ୍ତ୍ରକୁ ସର୍ବବ୍ୟାପୀ କରିବା ପାଇଁ ଏହି ଅବସରରେ ସମସ୍ତେ ସଂକଳ୍ପ ନେଇଥିଲେ। ଏଥି ସହିତ ଦଳର ବରିଷ୍ଠ ନେତୃବୃନ୍ଦଙ୍କୁ ସମ୍ମାନିତ କରିବା ସହିତ ନବ ନିର୍ବାଚିତ ସରପଞ୍ଚ, ସମିତି ସଭ୍ୟ, ଜିଲା ପରିଷଦ ସଦସ୍ୟ ଓ ପୌର ସଦସ୍ୟଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରତିଷ୍ଠା ଦିବସ ଅବସରରେ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀଙ୍କ ମାର୍ଗଦର୍ଶନକୁ ସମସ୍ତ କାର୍ଯ୍ୟକର୍ତ୍ତା ଶୁଣିଥିଲେ। ପରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଏବଂ ଅଂଶୁଘାତରୁ ପଥଚାରୀଙ୍କୁ ତ୍ରାହି ଦେବା ପାଇଁ ଜେଲ ରୋଡ ଠାରେ ଏକ ଜଳଛତ୍ର ସାଧାରଣ ଲୋକଙ୍କ ଉଦ୍ଦିଷ୍ଟରେ ଉନ୍ମୋଚନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଲୋକନାଥ ଭୂୟାଁ, ସୀତାକାନ୍ତ ସ୍ୱାଇଁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ବେହେରା, ଗଙ୍ଗାଧର ରାଉତ, ଗୌରାଙ୍ଗ ଦାସ, ସୁଜିତ ଦେବ, ମିହିର ବାରିକ, ବିଳାସିନୀ ମହାନ୍ତି, ତ୍ରୈଲୋଚନ ଦାଶ, ସତ୍ୟଜିତ ମିଶ୍ର, ବିଜୟ ପାଣିଗ୍ରାହୀ, ସୁଷମା ବିଶ୍ୱାଳ କାଉନସିଲର ରୋଜାଲିନ ପାଣି, ସତ୍ୟଶିବ ସୁନ୍ଦର ଦାଶ, ପ୍ରତିମା ବେହେରା, ନିତ୍ୟଗୋପାଳ ସିଂ, ନିରୁପମା ଦାଶ, ସସ୍ମିତା ନାଥ, ଗୌରୀ ଦାଶ, ଭାରତୀ ପାତ୍ର, ସୁଚିସ୍ମିତା ପଣ୍ଡା, ରାଜେନ୍ଦ୍ର ଚାଟାର୍ଜୀ, ହରେନ୍ଦ୍ର ପ୍ରଧାନ, ସୁଶାନ୍ତ ବର୍ଦ୍ଧନ, ଜ୍ୟୋତିପ୍ରକାଶ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ସଚିନ ପାଞ୍ଜା ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

## ରକ୍ତଦାନ ଶିବିରରେ ମୁଖ୍ୟ ଅତିଥି ହେଲେ ରିକ୍ସା ଚାଳକ

ନୀଳଗିରି, ୦୬/୦୪ (ନି.ପ୍ର): ନୀଳଗିରି ର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଡିଭାଇନ୍ ଟ୍ୟୁଟୋରିଆଲ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଟ୍ରଷ୍ଟ ପକ୍ଷରୁ ଅନୁଷ୍ଠିତ ରକ୍ତଦାନ ଶିବିରରେ ନୀଳଗିରି ଅଂଚଳରେ ଜଣେ ରିକ୍ସା ଚାଳକଙ୍କୁ ନିମନ୍ତ୍ରିତ କରାଯାଇ ଫିତା କାଟିଛନ୍ତି ।ପ୍ରତିବର୍ଷ ରକ୍ତଦାନ ଶିବିରରେ ସେବା କ୍ଷେତ୍ରରେ ଜଣକୁ ମୁଖ୍ୟ ଅତିଥି ନିମନ୍ତ୍ରିତ କରାଯାଇଥିବା ବେଳେ ଚଳିତ ବର୍ଷ ରିକ୍ସା ଚଳାଇ ଲୋକଙ୍କୁ ସେବା ଯୋଗାଉଥିବା ଜଣେ ରିକ୍ସା ଚାଳକଙ୍କୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଫିତା କାଟିଛନ୍ତି । ତେବେ ଡିଭାଇନ ଟ୍ୟୁଟୋରିଆଲ ଟ୍ରଷ୍ଟର ମୁଖ୍ୟ ସୁଶାନ୍ତ ମହାପାତ୍ର ଏପରି ଚିନ୍ତାଧାରାକୁ ବୁଦ୍ଧିଜୀବୀମାନେ ବେଶ୍ ପ୍ରଶଂସା କରିଛନ୍ତି ।

# ବାଲିଆପାଳ ବ୍ଲକସ୍ତରୀୟ ବିଜ୍ଞାନମେଳା-୨୦୨୨ ଉଦ୍‌ଯାପିତ



ବାଲିଆପାଳ, ୦୬/୦୪ (ନି.ପ୍ର): ବାଲିଆପାଳ ବ୍ଲକସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି ।କୀର୍ତ୍ତିଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ନାରାୟଣପୁର ପରିସରରେ ଅନୁଷ୍ଠିତ ଏହି ବିଜ୍ଞାନମେଳାର ଉଦଘାଟନୀ ଉତ୍ସବରେ ବାଲିଆପାଳ ବ୍ଲକ ଶିକ୍ଷାଅଧିକାରୀ ସୁଧାଂଶୁ ଶେଖର ଜେନା ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବରେ ବାଲେଶ୍ୱର ଜିଲ୍ଲାର ସହ ଗୋଷ୍ଠିଶିକ୍ଷାଅଧିକାରୀ ଧରଣୀଧର ପାତ୍ର , ମୁଖ୍ୟବକ୍ତା ଭାବରେ ବୈଜ୍ଞାନିକ ଚି ରଞ୍ଜନ ଓଝା, ସମ୍ମାନୀତ ଅତିଥି ଭାବରେ ପ୍ରଧାନଶିକ୍ଷକ ଗୋଲକ ବିହାରୀ ପଟ୍ଟାୟତ, କାହ୍ନୁଚରଣ ଗିରି, ବିଦ୍ୟାଧର ପରିଡା, ସରପ ସୁମିତ୍ରା ଗିରି, ସଦସ୍ୟ ରାଜୀବ ରାୟ, ସୁବର୍ଣ୍ଣରେଖା ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ଜେନା,ବ୍ଲକ ବିଜ୍ଞାନ ସଂଯୋଜକ ଶୁକଦେବ ମହାନ୍ତି.ଏବିଇଓ ତଥା ବିଆରସିସି ଦୁଃଖିଶ୍ୟାମ ଦାସ, ନମିତାପ୍ରଭା ସାମଲ, ଆରତୀ ଭୂୟାଁ, ସିଆରସିସି ମାଧବାନନ୍ଦ ଦାସ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଶିକ୍ଷକ ନିତାଇ ଚରଣ ରାଉଳ ମ ଅହ୍ୱାନ କରିଥିଲା ବେଳେ ସିଆରସିସି ଜ୍ୟୋତିପ୍ରକାଶ ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ବିଜ୍ଞାନ ମେଳାରେ ବିଭିନ୍ନ ବିଦ୍ୟାଳୟରୁ ୬୮ଟି ପ୍ରକଳ୍ପ ସ୍ଥାନ ପାଇଥିଲା ବେଳେ ଶ୍ରେଷ୍ଠ ୮ଟି ପ୍ରକଳ୍ପ ଜିଲ୍ଲାସ୍ତରକୁ ମନୋନୀତ ହୋଇଛି । ଉଦଯାପନୀ ଉତ୍ସବରେ ପ୍ରଧାନ ଶିକ୍ଷକ ଗୋଲକ ବିହାରୀ ପଟ୍ଟାୟତ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବରେ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ, ଶିକ୍ଷକନେତା ମନ୍ମଥ କୁମାର ବିଶ୍ୱାଳ,ଆଦିତ୍ୟ କୁମାର ରାଉତ, ବିଜୟ କୁମାର ପାତ୍ର,ପୂର୍ଣ୍ଣେନ୍ଦୁ ଦାସ, ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ କୃତୀ ପ୍ରତିଯୋଗୀ ମାନଙ୍କୁ ମାନପତ୍ର ଓପୁରସ୍କାର ପ୍ରଦାନ କରାଯାଇଥିଲା ।ଶିକ୍ଷକ ପ୍ରଦୀପ୍ତ କୁମାର ପାତ୍ର,ସିଆରସିସି ଅଶୋକ କୁମାର ଗିରି, ଜୟାନନ୍ଦ ଗିରି, ଯୁଧିଷ୍ଠିର ବେହେରା, ମନୋରଞ୍ଜନ ପ୍ରଧାନ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା ସମସ୍ତ ସିଆରସିସି, ଶିକ୍ଷକ ସଂଘର କର୍ମକର୍ତ୍ତାମାନେ ପରିଚାଳନାରେ ସହଯୋଗ କରିଥିଲେ ।

# 'ସହାୟକ'ର ଦୁଇ ପ୍ରତିଷ୍ଠାତା ସଭ୍ୟଙ୍କୁ ସମ୍ବର୍ଦ୍ଧନା

ବାଲେଶ୍ୱର,୦୬/୦୪ (ନି.ପ୍ର): ସ୍ୱେଚ୍ଛାସେବୀ ସଂଗଠନ 'ସହାୟକ' ପକ୍ଷରୁ ମାସିକିଆ ବୈଠକ ଅବସରପ୍ରାପ୍ତ ରାଜ୍ୟ କର୍ମଚାରୀ ସଂଘ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଡ. କ୍ଷିତୀଶ୍ୱର ଦାଶ ଅଧ୍ୟକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ବିଜୟ କୁମାର ଦାସଅଧିକାରୀ ବିବରଣୀ ପାଠ ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। କୋଷାଧକ୍ଷ ଇଂ. ସୁରେନ୍ଦ୍ର ପ୍ରସାଦ ନାୟକ ଆୟବ୍ୟୟ ଉପସ୍ଥାପନ କରିଥିଲେ। ବରିଷ୍ଠ ଉପଦେଷ୍ଟା ତଥା ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟ ଧୀରେନ୍ଦ୍ର ନାରାୟଣ ଦାସଙ୍କ ଦ୍ୱାରା 'ସହାୟକ'ର ଦୁଇଜଣ ପ୍ରତିଷ୍ଠାତା ସଦସ୍ୟ ଇଂ. ବନମାଳି ନାୟକ ଓ ଦିବାକର ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ପ୍ରଣିତା ମିଶ୍ର ମାନପତ୍ର ପ୍ରାଦନ ଓ ପ୍ରତିମା ପଣ୍ଡା ପାଠ କରିଥିଲେ। ଅକ୍ଷୟ କୁମାର ତ୍ରିପାଠୀ, ପ୍ରଫୁଲ କୁମାର ଦାସ, ଦୀନବନ୍ଧୁ ଲେଙ୍କା, ଶ୍ୟାମସୁନ୍ଦର ଜେନା, ଅଖିଳ କୁମାର ଦାସ, ଗୁଣାକର ଦେ, ବସନ୍ତଲତା ପଟ୍ଟନାୟକ, ଅରୁଣା ରାୟ, ପ୍ରତିମା ପଣ୍ଡା, ଶଚୀନ୍ଦ୍ର ଦାସ, ବୀରେନ୍ଦ୍ର ନାରାୟଣ ପ୍ରହରାଜ, ସୁଦର୍ଶନ ଦାସ ପ୍ରମୁଖ ଏଥିରେ ଯୋଗଦେଇ ସହାୟକର ସମାଜସେବା ମୂଳକ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ। ୨୦୦୬ ମସିହାରୁ ଗଢ଼ି ଉଠିଥିବା ସହାୟକ ସଂସ୍ଥା ଏହି ତିନିଜଣଙ୍କର ପ୍ରଚେଷ୍ଟାରେ ସମ୍ଭବ ହୋଇଥିଲା ବୋଲି ସେମାନେ ବକ୍ତବ୍ୟରେ କହିଥିଲେ। ପ୍ରତିଷ୍ଠାତା ସଭ୍ୟମାନଙ୍କର ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ। ଏହି ବୈଠକରେ ଇଂ. ଶ୍ରୀରାମପ୍ରସାଦ ଦାସ, ଡା. ତାରାକାନ୍ତ ନନ୍ଦ, ପୁଷ୍ପଲତା ମହାନ୍ତି, ଇଂ. ଶିବପ୍ରସାଦ ବେହେରା, ସୁରେନ୍ଦ୍ର ପ୍ରସାଦ ଧଳ, କାମିନୀକାନ୍ତ ପାଢ଼ୀ, ଇଂ. ଗୌରାଙ୍ଗ ସାହୁ, ଗଙ୍ଗାଧର ପୁଷ୍ଟି, ନିରଞ୍ଜନ ପଣ୍ଡା, ରମେଶ ଚନ୍ଦ୍ର ଜେନା, ଯୋଗେଶ ଚନ୍ଦ୍ର ପ୍ରଧାନ, ରବିନାରାୟଣ ଭୋଳ, ବେଣୁଧର ସାହୁ, ଗୋପାଳ ଜେନା, ଭବେଶ ଚନ୍ଦ୍ର ପଣ୍ଡା, ସେଖ ଆଲାଉଦ୍ଦିନ୍, ଲକ୍ଷ୍ମୀପ୍ରିୟା ଜେନା, ମୁକେଶ ରଞ୍ଜନ ମହାପାତ୍ର, ଡ. ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ, ଗୋବିନ୍ଦ ଚନ୍ଦ୍ର ମାଝୀ ଓ ପୁରୁଷୋତ୍ତମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସାବିତ୍ରୀ ଦାସ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ରାମ ଚରିତ ମାନସ ଓ ନବାହ୍ନ ପାରାୟଣ ଅନୁଷ୍ଠିତ

ନୀଳଗିରି, ୦୬/୦୪ (ନି.ପ୍ର): ନୀଳଗିରି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପଦାଗାଁ ମୂଳ କୁଡ଼େଇ ଠାରେ ଦୀର୍ଘ ୧୩ ବର୍ଷ ଧରି ସିଦ୍ଧ ମହାବୀର ପୀଠରେ ନବାହ୍ନ ପାରାୟଣ ଏବଂ ରାମଚରିତ ମାନସ ଅନୁଷ୍ଠିତ ହୋଇଆସୁଅଛି । ବୁଧବାର ଗ୍ରାମର ଶତାଧିକ ମହିଳାଙ୍କ ଦ୍ୱାରା ଏକ ବିରାଟ ଶୋଭାଯାତ୍ରାର କଳସ ଯାତ୍ରା କରାଯାଇ ପୂଜାରୀତି ଅନୁଷ୍ଠିତ ହୋଇଯାଇଛି । ଦୀର୍ଘ ୯ଦିନ ଧରି ଏହି ରାମଚରିତ ମାନସ ଓ ନବାହ୍ନ ପାରାୟଣ କାର୍ଯ୍ୟକ୍ରମ ହେବା ସହ ହୋମ ଯଜ୍ଞ ସଂପୂର୍ଣ୍ଣ ରୀତିନୀତିରେ ହେବାର ଯୋଜନା ହୋଇଛି । ଏହି ଉତ୍ସବରେ ମହାବୀରଙ୍କ ପୂଜାର୍ଚ୍ଚନା ସହିତ ରାମଚରିତ ମାନସ ପ୍ରବଚନ ଅନୁଷ୍ଠିତ ହେବ । ଏହା ସହିତ ପ୍ରସାଦ ସେବନ ଭଜନ କୀର୍ତନ ହେବାର କାର୍ଯ୍ୟକ୍ରମ ରହିଛି । ଏହି କାର୍ଯ୍ୟକ୍ରମରେ ବହୁ ଅଂଚଳବାସୀ ଯୋଗ ଦେବା ସହ ଅଂଚଳର ଏକ ଭକ୍ତମୟ ପରିବେଶ ସୃଷ୍ଟି ହୋଇଛି । ଉକ୍ତ କାର୍ଯ୍ୟକ୍ରମରେ ଉତ୍ସବରେ ପ୍ରତିଷ୍ଠାତା ପ୍ରଦୀପ ରଂଜନ ଦାସ ଙ୍କ ସହ ସଭାପତି ରବିନ୍ଦ୍ରନାଥ ଦାସ, ସଂପାଦକ ରଂଜିତ ରଂଜନ ଦାସ, ସୁଧୀର ପଟ୍ଟନାୟକ, ପ୍ରତ୍ୟୁଷ ରଂଜନ ଦାସ, ଭବେନ୍ଦୁଭୁଷଣ ଦାସ, ଅନ୍ତର୍ଯ୍ୟମୀ ଦାସ, ଫକୀର ସ, ଜନ୍ମେଜୟ ଦାସ, ଅନୀଲ ଦାସ, ମନୋରଂଜନ ନାୟକ, ରମାନାଥ ମଲିକ, କୃତିବାସ ପଟ୍ଟନାୟକ, ରୋହିତରଂଜନ ଦାସ, ବେଣୁଧର ମଲିକ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବା ସହ ପରିଚାଳନାରେ ସହଯୋଗ କରିଥିଲେ ।

# ସଦର ବ୍ଲକସ୍ତରୀୟ ବିଜ୍ଞାନ ମେଳା : ଦୁଇ ବର୍ଗରୁ ପ୍ରଦର୍ଶିତ ୭୫ଟି ପ୍ରକଳ୍ପ

ବାଲେଶ୍ୱର,୦୬/୦୪ (ନି.ପ୍ର): ସଦର ଗୋଷ୍ଠୀ ଶିକ୍ଷା ବିଭାଗ ପକ୍ଷରୁ ବ୍ଲକସ୍ତରୀୟ ବିଜ୍ଞାନ ମେଳା ସ୍ଥାନୀୟ ପବ୍ଲିକ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକ ଏହି ମେଳାକୁ ଆନୁଷ୍ଠାନିକ ଭାବେ ଉଦଘାଟନ ସହ ଛାତ୍ରଛାତ୍ରୀଙ୍କ ବିଜ୍ଞାନ ଶିକ୍ଷାକୁ ଅଧିକ ସହଜ କରିବାରେ ଏହି ମେଳା ବେଶ ସହାୟକ ହୋଇପାରିଛି ବୋଲି କହିଥିଲେ। ସଦର ଗୋଷ୍ଠୀ ଶିକ୍ଷାଧିକାରୀ ମିହର କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନୀ କାର୍ଯ୍ୟକ୍ରମରେ ବିଡିଓ ନରେନ୍ଦ୍ର ଖମାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ବିଆରସିସି ରାମଚନ୍ଦ୍ର ବେହେରା, ଏବିଇଓ ରେଣୁବାଳା ଦାସ, ପବ୍ଲିକ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ମଣି ସାହୁ, ବ୍ଲକ ବିଜ୍ଞାନ ସଂଯୋଜକ କୌଶିକ କୁମାର ଦାସ ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦୈନନ୍ଦିନ ଜୀବନରେ ବିଜ୍ଞାନର ବ୍ୟବହାର ଓ ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ। ହରିପଦ ସାହୁ ଅତିଥିଙ୍କୁ ମଞ୍ଚ ଅମନ୍ତ୍ରଣ କରିଥିବା ବେଳେ ରଶ୍ମିଦାସ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥିମାନେ ପ୍ରକଳ୍ପଗୁଡ଼ିକୁ ବୁଲି ଦେଖିବା ସହିତ ଏହାର ବୈଶିଷ୍ଟ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ପଚାରି ବୁଝିଥିଲେ। ଏଥିରେ ସଦର ବ୍ଲକ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟରୁ ଜୁନିୟର ବର୍ଗରୁ ୪୦ ଗୋଟି ଓ ସିନିୟର ବର୍ଗରୁ ୩୫ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଚାରକ ଭାବେ ବିଜ୍ଞାନ ଶିକ୍ଷକ ରଞ୍ଜନ କୁମାର ଦାସ, ଗୋପାଳ ଶିଅଳ ପ୍ରକଳ୍ପ ଗୁଡ଼ିକୁ ମୂଲ୍ୟାୟନ କରିଥିଲେ। ସଦର ବ୍ଲକର ସମସ୍ତ ସିଆରସିସି, ଶିକ୍ଷକ ଶିକ୍ଷୟିତ୍ରୀ ଏହି ବିଜ୍ଞାନ ମେଳାକୁ ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଏହି ଅବସରରେ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା।

# ସିପିଏମ୍‌ର ଲାଲ ପତାକା ଉତ୍ତୋଳନ ଓ ଜନସଚେତନତା କାର୍ଯ୍ୟକ୍ରମ



ଜଳେଶ୍ୱର, ୦୬/୦୪ (ନି.ପ୍ର): କେରଳର କର୍ନୁର ଠାରେ ସିପିଆଇ(ଏମ୍)ର ୨୩ତମ ପାର୍ଟି କଂଗ୍ରେସ ଆଜି ଉଦ୍‌ଘାଟିତ ହୋଇଥିବାରୁ ତାହା ଜଳେଶ୍ୱର ଅଂଚଳିକ କମିଟି ଦ୍ୱାରା ବିଭିନ୍ନ ସ୍ଥାନରେ ପ୍ରଭବେ ପଡିଛି । ଆଗାମୀ ଦିନରେ ବାମ ଗଣତାନ୍ତ୍ରୀକ ଓ ଧର୍ମନିରପେକ୍ଷ ଶକ୍ତି ମାନଙ୍କୁ ଦେଶ ତଥା ଜନଜୀବନକୁ ରକ୍ଷା କରିବାପାଇଁ ବ୍ୟାପକ ଆନ୍ଦୋଳନ ଗଢି ତୋଳିବାକୁ ଆହ୍ୱାନ ଦିଆଯାଇଛି । ଜାତୀୟ ଓ ଆନ୍ତଃଜାର୍ତିୟ ପରିସ୍ଥିତି, ଦରବୃଦ୍ଧି, ସାମ୍ପ୍ରଦାୟିକତାର ପ୍ରସାର, ଘରୋଇକରଣ, ସାମ୍ବିଧାନିକ ସଂସ୍ଥାକୁ ଭାଂଗିବା, ରାଜ୍ୟ ସ୍ୱାର୍ଥକୁ ଖର୍ବ କରିବା, ବେରୋଜଗାରୀ କୃଷକ, ଶ୍ରମିକ ସ୍ୱାର୍ଥର ଦାବି ନେଇ ସମଗ୍ର ଦେଶରେ ଆରମ୍ଭ ହୋଇଥିବା ଆନ୍ଦୋଳନ ଆଜି ଜଳେଶ୍ୱରର ସମ୍ପଡିଆ, ଡେମୁରିଆ, ବାଇଗଣ ବାଡିଆ, ସୁଗୋ, ନାମ୍ପୋ, ଗୋବରଘଟା, ପଂଚୁଘଣ୍ଟା, ରାଜପୁର, ଓଲିନ୍ଦା, ଆରୁହା, କୋଟସାହି, ଗୋପିମୋହନପୁର ସ୍ଥାନରେ ଲାଲ ପତାକା ଉତ୍ତୋଳନ ସହିତ ଜନମାନସରେ ପ୍ରତିଫଳିତ ହୋଇଛି ବୋଲି କହାଯାଇଛି । ଉପରୋକ୍ତ ସ୍ଥାନ ଗୁଡିକରେ ଆରମ୍ଭ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମରେ ଦିଲ୍ଲିପ କୁମାର ଗିରି, ସିତାଂଶୁ ସେନାପତି, ଦିପ୍ତିମାନ ଆଚାର୍ଯ୍ୟ, ରତନ ଦାସ, ଦିଲ୍ଲିପ ପରିଡା, ପଲ୍ଟୁ ଦାସ, ଜିତାଂଶୁ ନନ୍ଦି, ଜୀବନ ପରିଡା, ସେକ୍ ଅବଦୁଲ ସାଦ୍ଦିକ, ରବିନ୍ଦ୍ର ବାରିକ, ସବିତା ସାହୁ, ଲକ୍ଷ୍ମିଧର ପଲେଇ, ସେକ୍ ଜମିରୁଦ୍ଦିନ, ସେକ୍ ନଜିମୁଦ୍ଦିନ, ଅଧିର ଦାସ, ଗଣେଶ ଭୂୟାଁ, ବସନ୍ତ ଦାସ, ଧିରେନ୍ଦ୍ର ଦେ, ରାମଚନ୍ଦ୍ର ଦେ, ଯତିନ୍ ଜେନା, ଗଣେଶ ପାତ୍ର, ପ୍ରକାଶ ଦେ, ବଂକିମ ବିଶ୍ୱାଳ, ସନ୍ତୋଷ ଦାସ, ଭାଗବତ ପ୍ରଧାନ, ଚନ୍ଦନ ଶତପଥି, ମଦନ ମାହାଲି, ବିଜୟ ସିଂ, କାର୍ତ୍ତିକ ସିଂ, ଅଂଜଳି ସିଂ ପ୍ରମୁଖ ଭାଗ ନେଇଥିଲେ ।

## ପୌରାଧକ୍ଷା ଭାବେ ଦାୟିତ୍ୱ ନେଲେ ଅମ୍ବିକା ଦାସ

ନୀଳଗିରି, ୦୬/୦୪ (ନି.ପ୍ର): ନୀଳଗିରି ଏନ.ଏ.ସି.ର ନବନିର୍ବାଚିତ ପୌରାଧକ୍ଷା ଶ୍ରୀମତୀ ଅମ୍ବିକା ଦାସ ଆଜି ଆନୁଷ୍ଠାନିକ ଭାବେ ନିଜର ଦାୟିତ୍ୱ ଗ୍ରହଣ କରିଛନ୍ତି । ନୀଳଗିରି ଜଗନ୍ନାଥ ମନ୍ଦିରରୁ ପୂଜାର୍ଚ୍ଚନା ସାରି ବିଜେଡିର ୮ କାଉନସିଲରଙ୍କ ସହ କର୍ମୀଙ୍କ ଗହଣରେ ନୀଳଗିରି ଏନ.ଏ.ସି. କାର୍ଯ୍ୟାଳୟରେ ପହଂଚିଥିଲେ । ପରେ ନିଜ କାର୍ଯ୍ୟାଳୟକୁ ବ୍ରାହ୍ମଣଙ୍କ ଦ୍ୱାରା ହୋମଯଜ୍ଞ କରାଯାଇଥିଲା । ପରେ ନିଜ ଚୌକିରେ ବସିଥିଲେ । ଏହି ଅବସରରେ ବିଜେଡି ନେତା ସନ୍ତୋଷ ଖଟୁଆ, ଯୁବ ବିଜେଡି ସଭାପତି ତାପସ ପରିଡ଼ା, ୧୩ନଂ. ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ଗତିକୃଷ୍ଣ ନନ୍ଦ, ଶିଶିର ରାଉତ, ଏନ.ଏ.ସି. ସଭାପତି ରବୀନ୍ଦ୍ର ପରିଡ଼ାଙ୍କ ସହ ବହୁ ବିଜେଡି ନେତା ଉପସ୍ଥିତ ଥିଲେ । ପରେ ନିର୍ବାହୀ ଅଧିକାରୀ ଅଶେଷ କୁମାର ନାୟକ ଙ୍କ ସମେତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ନୂତନ ପୌରାଧକ୍ଷଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ନୀଳଗିରି ଏନ.ଏ.ସି. ର ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ କରାଯାଉଥିବା ସମସ୍ତ ଯୋଜନାକୁ ଲୋକାଭିମୁଖୀ କରିବା ସହ ନୀଳଗିରି ଏନ.ଏ.ସି. ରେ ଆବାସ ଯୋଜନା, ଭୂମିହୀନଙ୍କୁ ପଟା, ଡ୍ରେନଜ ସମସ୍ୟା, ପାନୀୟ ଜଳ ସମସ୍ୟା ଉପରେ ଅଗ୍ରାଧିକାର ଭିତିରେ ଗୁରୁତ୍ୱ ଦେବେ ବୋହି ନବନର୍ବାଚିତ ଚେୟାରମନେ୍ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

# ବାଲିଆପାଳରେ ୪୭ ଜଣ ନିୟମିତ ଶିକ୍ଷକଙ୍କୁ ନିଯୁକ୍ତିପତ୍ର ପ୍ରଦାନ



ବାଲିଆପାଳ, ୦୬/୦୪ (ନି.ପ୍ର): ବାଲିଆପାଳ ବ୍ଲକରେ ଆଜି ଠିକା ଶିକ୍ଷକରୁ ୪୭ଜଣଙ୍କୁ ସ୍ଥାୟୀ ନିଯୁକ୍ତିପ୍ରଦାନ କରାଯାଇଛି । ଜିଲ୍ଲା ଶିକ୍ଷା ବିଭାଗର ଚିଠି ସଂଖ୍ୟା ୩୪୪୯/୪.୪.୨୦୨୨ଅନୁଯାୟୀ ଏହି ଶିକ୍ଷକମାନେ ନିୟମିତ କରାଯାଇଛି । ଆଜି ଏନେଇ ବ୍ଲକ ଗୋଷ୍ଠିଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷାଅଧିକାରୀ ସୁଧାଂଶୁ ଶେଖର ଜେନା, ଏବିଇଓ ତଥା ବିଆରସିସି ଦୁଃଖିଶ୍ୟାମ ଦାସ,ଏବିଇଓ ନମିତାପ୍ରଭା ସାମଲ,ଆରତୀ ଭୂୟାଁ ପ୍ରମୁଖ ଯୋଗଦେଇ ନିୟମିତ ଶିକ୍ଷକ ମାନଙ୍କୁ ଅଭିନନ୍ଦନ ଜଣାଇବା ସହ ନିୟମିତ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ । ଏହି ଅବସରରେ ବ୍ଲକଶିକ୍ଷାଅଧିକାରୀ ଶିକ୍ଷକମାନେ ଶିକ୍ଷାପାଇଁ ଉତ୍ସର୍ଗୀକୃତ ହେବା ସହିତ ପିଲାଙ୍କ ନୈତିକଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ବାଲିଆପାଳ କନିଷ୍ଠ ଶିକ୍ଷକ ସଂଘ ତରଫରୁ ଅତିଥିମାନଙ୍କୁ ସମ୍ବର୍ଦ୍ଧୀତ କରାଯାଇଥିଲା । ଶିକ୍ଷକ ସଂଘର ସଭାପତି ବ୍ୟୋମକେଶ ସାହୁ, ସମ୍ପାଦକ ମନୋରଞ୍ଜନ ପ୍ରଧାନ, କୋଷାଧକ୍ଷ ନବୀନ କୁମାର ରଣା, ଜିତୁ କୁମାର ବିଶ୍ୱାଳ, ବବିତା ରାଣି ମହାପାତ୍ର, ମଞ୍ଜୁଲତା ପାତ୍ର, ଦୁର୍ଗାଶଙ୍କର ଦେ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# ରନ୍ଧନ ଗ୍ୟାସ ପାଇଁ ଆଇସିଡିଏସ ପକ୍ଷରୁ ଅର୍ଥ ଆଦାୟକୁ ବିରୋଧ

## ଆନ୍ଦୋଳନକୁ ଓହ୍ଲାଇବ ନିଖିଳ ଓଡ଼ିଶା ଅଙ୍ଗନବାଡ଼ି ସଂଘ

ବାଲେଶ୍ୱର,୦୬/୦୪ (ନି.ପ୍ର): ନିଖିଳ ଓଡିଶା ଅଙ୍ଗନବାଡି କର୍ମୀ ସଂଘ ବାଲେଶ୍ୱର ଶାଖାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ଜିଲା ପ୍ରତିଭା ପାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲା ସମ୍ପାଦକ ଲକ୍ଷ୍ମୀପ୍ରିୟା ଦାସ ବିବରଣୀ ଉପସ୍ଥାନ କରିଥିଲେ।ଏଆଇଟିୟୁସି ଜାତୀୟ ସାଧାରଣ ପରିଷଦ ସଦସ୍ୟ ଜୟନ୍ତ ଦାସ ଏଥିରେ ଯୋଗଦେଇ ସାମ୍ପ୍ରତିକ ସ୍ଥିତିରେ ସ୍କିମ ୱାର୍କରମାନେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ସାମାଧାନରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉଦାସୀନତା ତଥା ନାକାରାତ୍ମକ ଦୃଷ୍ଟିଭଙ୍ଗୀକୁ ସମାଲୋଚନା କରିଥିଲେ। ଅଙ୍ଗନବାଡ଼ି କେନ୍ଦ୍ରରେ ଗରମ ରନ୍ଧା ଖାଦ୍ୟ ପ୍ରସ୍ତୁତି ପାଇଁ ସରକାର ରନ୍ଧନ ଗ୍ୟାସ ସାଙ୍ଗକୁ ଦୁଇଟି ଚୁଲା ଓ ଗ୍ୟାସ ଫିଲିଙ୍ଗ ପାଇଁ ଗତ ୨୦୨୧ ମସିହା ଜାନୁଆରୀ ୨୭ତାରିଖ ଚିଠି ନଂ୩୧୦ରେ ସରକାରୀ ନିର୍ଦ୍ଦେଶନାମା ଦିଆଯାଇଥିଲା। ଏନେଇ ଅଙ୍ଗନବାଡ଼ି କେନ୍ଦ୍ର ପିଛା ୭ହଜାର ୫ଶହ ଓ ୨ହଜାର ୫ଶହ ଟଙ୍କା କର୍ମୀଙ୍କ ଜମାଖାତାକୁ ପଠାଯିବା କଥା। ମାତ୍ର ଆଇସିଡିଏସ ପ୍ରକଳ୍ପ କର୍ତ୍ତୃପକ୍ଷ ଅଦ୍ୟାବଧି ଏହି ଅର୍ଥ ନ ଦେବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ଶ୍ରୀ ଦାସ କହିଛନ୍ତି। ଗତ ୨୮ମାର୍ଚ୍ଚରୁ ସମସ୍ତ ଅଙ୍ଗନୱାଡି କେନ୍ଦ୍ର ଖୋଲାଯାଇ ଜାଳେଣି କାଠରେ ରନ୍ଧା ଗରମ ଖାଦ୍ୟ ଶିଶୁଙ୍କୁ ଦିଆଯାଉଛି। ଅନ୍ୟପକ୍ଷରେ ମଞ୍ଜୁର ଅର୍ଥରୁ ପ୍ରତ୍ୟେକ କର୍ମୀ ୨ହଜାର ୫ଶହ ଟଙ୍କା ଉଠାଇ ପ୍ରଦାନ ପାଇଁ ଅଘୋଷିତ ଚକ୍ତି କଲେ ସେମାନଙ୍କ ଜମାଖାତାକୁ ଅର୍ଥ ଯିବ ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଥିବା ପ୍ରସଙ୍ଗକୁ ନେଇ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା। ଏନେଇ ଆସନ୍ତା ଏପ୍ରିଲ୧୩ତାରିଖରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏଥି ସହିତ ଜିଲା ସମ୍ମିଳନୀ ଓ ସଂଘର ରାଜ୍ୟସ୍ତରୀୟ ରୌପ୍ୟ ଜୟନ୍ତୀ ଆୟୋଜନ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ନମିତା ଶତପଥୀ, ଅଞ୍ଜଳି ପ୍ରଧାନ, ନିର୍ବାସିନୀ ପ୍ରଧାନ, ଶାନ୍ତି ଲତା ମାଝୀ, ଫୁଲ ସୋରେନ, ପ୍ରତିଭା ନାୟକ, ଭାରତୀ ନାୟକ, ରୀନା ରାଣୀ ଜେନା, ନିଶାମଣି ନାୟକ, ଜୟନ୍ତୀ ସାହୁ, ସଂଯୁକ୍ତା ଦାସ, ତାପସୀ ରାଣୀ ଅଗସ୍ତି,ପୂର୍ଣ୍ଣିମା ଦେ, ସୁମିତ୍ରା ମଲ୍ଲିକ, ଅନୁପମା ଗିରି ପ୍ରମୁଖ ଏହି ବୈଠକରେ ଉପସ୍ଥିତ ଥିଲେ।

# ବିଜେପିର ୪୨ତମ ପ୍ରତିଷ୍ଠା ଦିବସ ପାଳିତ



ବାଲିଆପାଳ, ୦୬/୦୪ (ନି.ପ୍ର): ବିଜେପିର ୪୨ତମ ପ୍ରତିଷ୍ଠା ଦିବସ ବାଲିଆପାଳ ପାର୍ଟି କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି । ୧୯୮୦ ମସିହା ଏପ୍ରିଲ ୬ ତାରିଖରେ ଭାରତୀୟ ଜନତା ପାର୍ଟିର ପ୍ରତିଷ୍ଠା ହୋଇଥିଲା । ପ୍ରତ୍ୟେକ ବର୍ଷ ଏହି ଦିବସକୁ ବିଜେପି ତାର ପ୍ରତିଷ୍ଠା ଦିବସ ଭାବରେ ପାଳି ଆସୁଛି । ଆଜିର ଏହି ପ୍ରତିଷ୍ଠା ଦିବସରେ ବିଜେପି ନେତା ଅଜୟ ସାହୁ ଦଳୀୟ ପତକା ଉତଳୋନ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ବିଜେପି ନେତା ଅରବିନ୍ଦ ବେହେରା ସଭାପତିତ୍ୱ କରିଥିଲା ବେଳେ ଅନ୍ୟମାନଙ୍କ ମଧରେ ସାଂସଦଙ୍କ ପ୍ରତିନିଧି ତଥା ବିଜେପି ନେତା ମହେଶ୍ୱର ଜେନା, ବାଲିଆପାଳ ମଣ୍ଡଳ ସଭାପତି ମୁରଲୀଧର ସାହୁ,ଖପରାପଦା ମଣ୍ଡଳ ସଭାପତି ଲକ୍ଷ୍ମୀଧର ପ୍ରଧାନ,ଲଙ୍ଗଳେଶ୍ୱର ମଣ୍ଡଳ ସଭାପତି ଗଗନ ସାହୁ,୨୩ ନଂ ଜୋନର ଜିଲାପରିଷଦ ପ୍ରାର୍ଥୀ ସତ୍ୟରଞ୍ଜନ ମଣ୍ଡଳ,ବିଜେପି ନେତା ଗୌରବ ଅଣ୍ଡିଆ ,ଗଣେଶ ଗିରି, ନିମାଇଁ ଚରଣ ଦାସ, ଶ୍ରୀକୃଷ୍ଣ ପାତ୍ର, ଜୟନ୍ତ ଦାସ, ସୁଦାମ ଚରଣ ଦାସ, ଗଜେନ୍ଦ୍ର ଜେନା ଅକ୍ଷୟ କୁମାର ପାତ୍ର, ନିତ୍ୟାନନ୍ଦ ସାହୁ, ଅଶୋକ ବାରିକ, ମଧୁସୂଦନ ଜେନା, ପଦ୍ମଲୋଚନ ଗୋଚ୍ଛାୟତ, କାଳୀଚରଣ ଦାସ,ରାଜକିଶୋରେ ପ୍ରଧାନ, କରୁଣାକକର ଜେନା, ସବିତା ଦେ. ଜଗନ୍ନାଥ ଦେ, କମଳଲୋଚନ ଭୂୟାଁ, ବୀରେନ୍ଦ୍ର ସେନାପତି ପ୍ରମୁଖ ଉପସ୍ଥିତ ରହି ଦଳର ଆଭିମୁଖ୍ୟ ଓ ସଂଗଠନ ସଂପର୍କରେ ଆଲୋଚନା କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo